Split by PDF Splitter



କଟକର ଅତିରିକ୍ତ ମୁନସଫ ବାବୁ ନାରଦର-ଞ୍ଜନ ଗୁପ୍ତ ଚଟ୍ଟଗ୍ରାମ ଜିଲାର ହାଟହାଜାର ଓ ପ୍ରଟିକଗୃହର ଅତିରିକ୍ତ ମୁନସଫ ପଦରେ ବାହାଲ ହେଲେ ଓ ସେଠାର ଅତିରିକ୍ତ ମୁନସଫ ବାବୁ ମୋହିନୀମୋହନ ଘୋଷ ଯେ କି ବର୍ତ୍ତମାନ୍ କଟକର ଅତିରିକ୍ତ ମୁନସଫ ପଦରେ କାର୍ଯ୍ୟ କରୁଅଛନ୍ତି ସେ ଉକ୍ତ କାର୍ଯ୍ୟରେ ବାହାଲ ହେଲେ ।

ପୁରୀଜିଲାର ଗୋପ ଡାକ୍ତରଖାନାର କାର୍ଯ୍ୟ ତତ୍ତ୍ୱାବଧାନ ନିମନ୍ତେ ଗଠିତ କମିଟିର ଅତିରିକ୍ତ ମେମ୍ବର ପଦରେ ନିମ୍ନଲିଖିତ ଭଦ୍ରବ୍ୟକ୍ତି ମାନେ ନିଯୁକ୍ତ ହୋଇଅଛନ୍ତି ।

୧ ମୂଲନୀ ଶେଖ ବରହନୁଲ୍ଲା ୨ ଗୋପର ସବ୍‌ରେଜିଷ୍ଟ୍ରାର ୩ ଗୋପର ପୋଲିସ ଷବ୍ଇନ୍ ସପେକ୍ଟର ।

ଫର୍ଲୋପ୍ରାପ୍ତ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଏର, ନାଥନ ଅନ୍ୟ ଆଦେଶ ପର୍ଯ୍ୟନ୍ତ ପୁରୀର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ଅଃ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଏ, ଗାରେଟ ୧ମ ଗ୍ରେଡ଼ର ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେପୁଟିକଲେକ୍ଟର ପଦରେ ଅନ୍ୟ ଆଦେଶ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ଓ ଖୋର୍ଦ୍ଧାର ଖସମହଲ ଭାର ପ୍ରାପ୍ତହେଲେ ।

ଖୋର୍ଦ୍ଧାର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ମିଃ ଯେ, ଇ, ଫ୍ରେଞ୍ଚ ପେଷର ଖୋର୍ଦ୍ଧାର ତହସିଲଦାର ପଦରେ ଅନ୍ୟ ଆଦେଶ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ଖୋର୍ଦ୍ଧା ତହସିଲର ଭାରପ୍ରାପ୍ତ ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ଜଗନ୍ନାଥ ଚନ୍ଦ୍ର ଘୋଷ ପୁରୀଜିଲାର ସଦର ସବଡିଭିଜନକୁ ବଦଳି ହେଲେ କଟକ ରେଃ କଲେଜିଏଟ ସ୍କୁଲର ପ୍ରଧାନ ଶିକ୍ଷକ ବାବୁ କ୍ଷିରୋଦଚନ୍ଦ୍ର ରାୟ ଚୌଧୁରୀ ଅନ୍ୟ ଆଦେଶ ପର୍ଯ୍ୟନ୍ତ ଗତ ଜୁଲାଇମାସ ତା ୨୧ରିଖ-ଠାରୁ ଉକ୍ତ କଲେଜର ପ୍ରିନ୍ସିପାଲ ପଦରେ ନିଯୁକ୍ତ ହେଲେ ଓ ତାଙ୍କ ସ୍ଥାନରେ ଉକ୍ତ ସ୍କୁଲର ୨ୟ ଶିକ୍ଷକ ବାବୁ ହେମଚନ୍ଦ୍ର ବାନର୍ଜି ନିଯୁକ୍ତ ହେଲେ ।

କଟକଜିଲା ଯାଜପୁର ଡାକ୍ତରଖାନାର କମିଟିର ମେମ୍ବର ପଦରେ ନିମ୍ନଲିଖିତ ଭଦ୍ରବ୍ୟକ୍ତି-ମାନେ ନିଯୁକ୍ତ ହୋଇଅଛନ୍ତି ।

୧ ବାବୁ ମଧୁସୂଦନ ସେନ ଗୁପ୍ତ, ୨ ବାବୁ କାଳୀପ୍ରସନ୍ନ ଚକ୍ରବର୍ତ୍ତୀ ଉକିଲ ।

—·—

କଟକ କଲେଜର ଶ୍ରୀଯୁକ୍ତ ହାରାଣଚନ୍ଦ୍ର ରାୟ ଦୁଇ ଶୁକ୍ଳ-ବାର ହେବ କଲିକତାରୁ ଆଗମନ କରିଅଛନ୍ତି । ତାଙ୍କର ଶୀଘ୍ର ଆରୋଗ୍ୟ ହୋଇଅଛି ମାତ୍ର ଦୁର୍ବଳତା ଏ ପର୍ଯ୍ୟନ୍ତ ଯାଇ ନାହିଁ । ତତ ସୁସ୍ଥତାର ଜନ୍ୟ କଲେଜର କାର୍ଯ୍ୟର ଭାର ଗ୍ରହଣ କରିଅଛନ୍ତି ।

କଲିକତାଠାରେ ଜଣେ ମେଥର ଶଙ୍କୁଆ ମେସେନ୍ଦ୍ରବାବୁ ପୁଲିସ ତାହାକୁ ଧରନ୍ତେ ସେ ଶଙ୍କୁଆରୁ କେତେକ ଖାଇ-ଦେଲା । ବର୍ତ୍ତମାନ୍ ସେ ହସପାତାଳରେ ଚିକିତ୍ସାଧୀନ ଅଛି । ମୃତ୍ୟୁ ଯୋଗ ନ ଥିଲେ ଶଙ୍କୁଆ ଖାଇ ମଧ୍ୟ ମୃତ୍ୟୁ ହୁଏନାହିଁ । କିନ୍ତୁ ଲୋକ ଉପରେ ଆତ୍ମହତ୍ୟା କରିବାର ଉଦ୍ୟୋଗର ଅପରାଧରେ ତାହାର ବିଚାର ହେବ ।

ପୂର୍ବ ବଙ୍ଗଳା ରେଲୱାଇର ପାର୍ସେଲ କିରାଣୀ ଜଣେ ସାକ୍ଷୀଠାରୁ ଟ ୧୫ ଙ୍କା ଠକିନେଇଥିବା ଅପରାଧରେ ଦେଢ଼-ମାସ କାରାଦଣ୍ଡ ଓ ଟ ୩୦ ଙ୍କା ଅର୍ଥଦଣ୍ଡରେ ଦଣ୍ଡିତ ହୋଇ-ଥିବାର ସମ୍ବାଦ ମିଳଇ ।

ଗତମାସର ମଧ୍ୟଭାଗରେ ଦକ୍ଷିଣ ଆଫ୍ରିକାରୁ ନ ୨୫୪ ଣ ଭାରତବାସୀ ବୋମ୍ବାଇଠାରେ ପହଞ୍ଚିଥିବାର ସମ୍ବାଦ ମିଳଇ । ଏମାନେ ସାହେବଗଞ୍ଜପୁର ଓ ଅମ୍ବାଲାଠାରେ ରହିବେ ।

ରୁଷିୟାର ସମ୍ରାଟଙ୍କ ଶୁଦ୍ଧି ତା ଅଳ୍ପଦିନ ମଧ୍ୟରେ ଭାରତ-ବର୍ଷକୁ ଭ୍ରମଣାର୍ଥ ଆସିବେ ବୋଲି ଶୁଣାଯାଏ ।

ରେଲଓ୍ୱେ କୋମ୍ପାନୀର ଜଣେ ସାହେବ କର୍ମଚାରୀ ଲକ୍ଷ୍ମୀନାରେ ଅନ୍ୟ ଏକ ସାହେବର ଗଣ୍ଡେ ଅଧିକ ମେଲ ବହିଥିବା ଅପରାଧରେ ଏଠାରୁ ଗିରଫ ଅଛିଥିଲା । ବମ୍ବେରରେ ତାହାର ବୁଦ୍ଧିଭ୍ରାନ୍ତତା କଥାକୁ ଦୃଷ୍ଟ ହୋଇଅଛି ।

ମଶୁଣ୍ଡିଆ ରାଜ୍ୟର ଶ୍ରୀ ସଜ ବ୍ୟକ୍ତି ସାଦମନ ଦରବାର ହୋଇ ପ୍ରସ୍ତୁତ ହୋଇଥିବାର ସମ୍ବାଦ ମିଳଇ । ଉକ୍ତ ରାଜ୍ୟରେ ଗତବର୍ଷର ଆୟ ଟ ୧,୮୪,୮୨,୩୭୫ ଙ୍କା ଏବଂ ଖର୍ଚ୍ଚ ଟ ୧,୬୧,୬୧,୪୮୬ ଙ୍କା ହୋଇଅଛି । ସନ୍ଥ ଦକ୍ଷିଣରେ ଅସୁବିଧା ହୋଇଗଲା ଏବଂ ଗବର୍ଣ୍ଣମେଣ୍ଟ ବଜାରରେ ତାହା-ହେତୁ ଅସ୍ତ ମଧ୍ୟ ହୋଇଗଲା । ସେହିହାରରେ ବିଶେଷ ଲାଭ ହେବା ସୁଲକ୍ଷଣ ନୁହେ ।

ବୋମ୍ବାଇଠାରେ କଷ୍ଟମ ବିଭାଗର ଜଣେ ଇଂରେଜ କର୍ମ-ଚାରୀ ବନ୍ଦୁକ ଦେଖି କରିବା ସମୟରେ ଏକ ବନ୍ଦୁକ ଫାଏର ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟଇ ହୋଇଥିବାର ସମ୍ବାଦ ମିଳଇ ।

ନୂତନ ସମ୍ରାଟଙ୍କ ଜନ୍ମଦିନ ଏହିମାସ ତା ୯ ରିଖ ଅଟେ ଏ ଦିନ ଉତ୍ସବମାନ ବଡ ହେବାର ବିଜ୍ଞାପନ ଗତ କଲି-କତା ଗେଜେଟରେ ପ୍ରକାଶିତ ହୋଇଅଛି ।

### ପୁରୀ ସମ୍ବାଦ ।

ଶ୍ରୀ ଶ୍ରୀ ଦୁର୍ଗା ପୂଜା ଯୋଗେ ସ୍ଥାନୀୟ ଉତ୍ସବ ଓ ପୁର ଉତ୍ପାତ କେତେକ ଦିନ ସଦାପ ବନ୍ଦ ଥିଲା । ସେହିଠି ଦକ୍ଷିଣର କର୍ମଚାରୀଗଣ ମାତୃ ଭୂମିରେ ମାତା ଭଗବତୀ ଭଗବତୀର ସେବା ପୂଜା ଓ ଆରାଧନାରେ କେତେକ କାଳ ପରମ ସୁଖ ସ୍ୱାଚ୍ଛନ୍ଦ୍ୟରେ କଟାଇ ପୁନରପି ଯଥା ସମୟରେ ସ୍ୱ ସ୍ୱ କାର୍ଯ୍ୟ ସ୍ଥାନରେ ଉପସ୍ଥିତ ହୋଇଅଛନ୍ତି । କଲେଜ ବନ୍ଦର ଉତ୍ସବ ଅଦ୍ୟ ଭଳ ମାସ ତା ୨୧ ରିଖରେ ଏବ ଅତ୍ରତ୍ୟ ସଂସ୍କୃତ ବିଦ୍ୟାଳୟ ଗତ ତା ୨୪ ରିଖଠାରୁ ଖୋଲିଅଛି । ଆଗାମୀ ନବେମ୍ବର ମାସ ତା ୨ ରିଖରେ ଜିଲା ସ୍କୁଲ ଏବ ତା ୮ ରିଖରେ ମାଡଲ ସ୍କୁଲ ଖୋଲିବ ।

ପୁରୀ ଟାଉନର ସୁଯୋଗ୍ୟ ପୁଲିସ ଇନ୍‌ସପେକ୍ଟର ବାବୁ ବଙ୍କିମଚନ୍ଦ୍ର ମୁଖର୍ଜି ପୂଜା ପୂର୍ବରୁ ଦ ୧୦ ନ ଛୁଟି ନେଇ କଲିକତା ଗମନ କରିଥିଲେ । ଉକ୍ତ ଛୁଟିର ଦଶଦ୍ୱ ସେଠାରେ ଅଳ୍ପ ଦୋଷ ଲାଗିବା ହେତୁ ସେ କେଉଁ ବହନ ଉପ ଆମକୁ ପ୍ରସ୍ଥାନ କରୁଅଛନ୍ତି ବଙ୍କିମ ବାବୁ କାର୍ଯ୍ୟଦକ୍ଷ ସଚ୍ଚରିତ୍ର ଓ ପୁଲିସ କାର୍ଯ୍ୟରେ ଉପଯୁକ୍ତ ଥିଲେ ।

ଏ ବ ଉତ୍ସବର ପ୍ରତିମା ସଂଖ୍ୟା ପର୍ବ ବର୍ଷମାନଙ୍କଠାରୁ ନ୍ୟୂନ ନ ଥିଲା । କେଉଁମାନ ପଦାତିକ ସମ୍ବର ବର୍ଣ୍ଣମୟ ଓ ବଂଶୀବାଦ୍ୟ ପଟ୍ଟକଳା ଗଣିକ ମହାନାମ୍ବୁଜର ହୋଇ ଥିଲା । ତାହା ସାଧୁର ସୋପାନରେ ପୁରତନ ନୂତନ ମଧ୍ୟ ସୁନ୍ଦର ହୋଇଥିଲା ।

ତେଣ ମୂର୍ତ୍ତି ବଡ ସାନ ୨୦୧୨୫ ଗୋଟି ହୋଇ ଥିଲେ ସର୍ବାପେକ୍ଷା କାଳକାଟୀ, ନନ୍ଦିଶାଳ ଠାକୁରାଣୀ ଉତ୍କୃଷ୍ଟ ହୋଇଥିଲେ । ଏହା ଛଡ଼ା ପଞ୍ଚମୁଖୀ ମହାବୀର, କୃଷ୍ଣକାଳୀ ଚୈତନ୍ୟ, ନାଗ, ମତ୍ସ୍ୟ, କରକନ୍ୟା, ରଥ, କେଳା ପ୍ରଭୃତି ନାନା ଦଶ ପ୍ରତିମା ଥିଲେ । ଗୋଷ୍ଟଏ ବୃଦ୍ଧ ବ୍ରାହ୍ମଣ ହସ୍ତରେ ହାଲ ଧରି କର୍ଣ୍ଣରେ ଯଜ୍ଞ ସୂତ୍ର ଦେଇ ଛାତି ଫେରିବା ସମୟରେ ପୁଲିସହାତ ଧୃତହୋଇ ପାଞ୍ଚ ଆଇନରେ ପଡ଼ି-ଥିବା ଦୃଶ୍ୟ ବିଶେଷ କୌତୁକାବହ ହୋଇଥିଲା ।

ଏ ବର୍ଷ ଏଠାରେ ଦଶହରା ଦୁଇମତ ହୋଇଥିଲା । ମଫସଲ ଓ ନଗରର ଅଧିକାଂଶ ବ୍ରାହ୍ମଣମାନେ ମଙ୍ଗଳବାର ଦଶହରା କରିଥିଲେ । କିନ୍ତୁ ଉଦୟକ ଦଶମୀ ଥିବାରୁ ପର ଦିନ ଅର୍ଥାତ ବୁଧବାର ଶ୍ରୀ ବିମଳାଙ୍କର ଦଶହରା ହୋଇ ଥିଲା ଏବ ଏହି ଦିନ ଦୁର୍ଗା ମାଧବ ପ୍ରତିମା ଜଗନ୍ନାଥ ବଲ୍ଲଭକୁ ନେଲେ କରିବାରୁ ସାଧାରଣ ସେହି ଦିନ ଦଶହରା ଉତ୍ସବ ପ୍ରତିପାଳନ କରିଥିଲେ । ସୁତରାଂ ଏକାଦଶୀ ପ୍ରାତଃ-କାଳ ଦିନ ମୃଣ୍ମୟୀ ମୂର୍ତ୍ତି ଜିତ ଦ୍ୱାରରେ ସମବେତ ହୋଇ ଜଳଶାୟୀ ହେଲେ ।

ଏଠାରେ ଜଣେ ପ୍ରସିଦ୍ଧ ପଣ୍ଡିତ ନାରାୟଣ ରଥ କୁଷ୍ଠ-ରୋଗ ରୋଗରେ ଗତ ତା ୨୧ ରିଖେ ଶେଷ ଧାମକୁ ପ୍ରସ୍ଥାନ କରିଅଛନ୍ତି । ପଣ୍ଡିତ ମହାଶୟ ସକଳ ଶାସ୍ତ୍ରଜ୍ଞ ଓ ପ୍ରଧାନ ବକ୍ତା ଥିଲେ ।

ଅସ୍ମମାନଙ୍କର କଲେକ୍ଟର ଏବ ମାଜିଷ୍ଟ୍ରେଟ ସାହେବ ପଦବୀର ଖୋର୍ଦ୍ଧାର ସବଡିଭିଜନ ଅଫିସର ହୋଇ ଯାଉ-ଅଛନ୍ତି । ନବେମ୍ବର ମାସ ତା ୧୨ ରିଖରେ ଏଠାରୁ ପ୍ରସ୍ଥାନ କରିବାର ଶୁଣାଯାଏ ।

ଦୁଃଖର ସମ୍ବାଦ ଏହି ଯେ ଡାଏମଣ୍ଡ ହେଡ ଜୋଣାର୍କ ନିକଟରେ ଏକ ଜାହାଜ ଜଳମଗ୍ନ ହୋଇଯାଇଅଛି, ନ ଶ ଲୋକ ନଷ୍ଟ ହେବାର ଶୁଣାଯାଏ । ଜାହାଜରେ ନଡ଼ିଆ ବୋଝାଇ ହୋଇଥିଲା ।

ବର୍ଷା ଅଭାବରୁ ପୂର୍ବାର ରାତ୍ରିରେ ଛଠି ବସିଗଲି ।

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ ମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ-ଦୀପିକା ସମ୍ପାଦକ ମହୋଦୟ ମାନ୍ୟବରେଷୁ—

ମହାଶୟ !

ଗତ ଅକ୍ଟୋବର ମାସର ତା ୧୬ ରିଖରେ ପ୍ରକାଶିତ ଆପଣଙ୍କ ଇଣ୍ଡିପେଣ୍ଡେଣ୍ଟ ପତ୍ରିକାର ସମ୍ପାଦକୀୟ ସ୍ତମ୍ଭରେ କଟକ ଜୁମାମସଜିଦ ଓ ତହିଁ ସଂଲଗ୍ନ ମଦ୍ରସାରେ ଇଂରାଜୀଶିକ୍ଷାର ପ୍ରଚଳନ ସମ୍ବନ୍ଧରେ ଅତ୍ରତ୍ୟ ମୁସଲମାନମାନଙ୍କ ମଧ୍ୟରେ ପରସ୍ପର ମତାନୈକ୍ୟ, ଦଲ ବିଭାଗ ଓ ଝଗଡ଼ାର ସମ୍ବାଦ ପାଇ ଅମ୍ଭେମାନେ ନିରତିଶୟ ମର୍ମାହତ ହେଲୁଁ । କଟକର ସବ୍‌ରେଜିଷ୍ଟ୍ରାର ମୌଲବୀ ଅବଦୁସସମଦ ସାହେବ ଅମ୍ଭମାନଙ୍କର ସମ୍ୟକ୍ ପରିଚିତ । ଏ ଜଣେ ସୁଶିକ୍ଷିତ ସୁଲୋକ ଓ ସ୍ୱଜାତିର ସର୍ବବିଧ ଉନ୍ନତି ସାଧନ କରିବାରେ ନିରନ୍ତର ତତ୍ପର । ଅତ୍ରତ୍ୟ ମୁସଲମାନ ବାଳକ ମାନଙ୍କର ପଢ଼ିବାର ଭଲ ବନ୍ଦୋବସ୍ତ ନ ଦେଖି ସ୍ୱଜାତି-ହିତୈଷୀ ଉତ୍ସାହ ଓ ଉଦ୍ୟୋଗର ଜ୍ୱଳନ୍ତ ମୂର୍ତ୍ତି ମୌଲବୀ ଅବଦୁସ୍‌ସମଦ ତାହାଙ୍କ ଏଠାରେ ଅବସ୍ଥିତି ସମୟରେ ସନ ୧୮୯୮ ମସିହାରେ

Digitized by srujanika@gmail.com

ଇଡୱାର୍ଡ଼ଲ୍ଲ ମାଜିଷ୍ଟ୍ରେଟ ମହାମତି ସାଉଥଙ୍କ ଅନୁକୁଲ୍ୟରେ "ସାଉଥମଦ୍ରସା" ନାମଧେୟ ସ୍କୁଲ ସ୍ଥାପନ କରି ଅମ୍ଭମାନଙ୍କର ଯେଉଁ ମହୋପକାର ସାଧନ କରି ଯାଇଅଛନ୍ତି ତାହା ଅମ୍ଭମାନଙ୍କ ହୃଦୟପଟରେ ଚିରକାଳ ଅଙ୍କିତ ରହିବ। ଏହି ସ୍କୁଲ ସ୍ଥାପନ ପୂର୍ବେ ବାଲେଶ୍ୱରର ମୁସଲମାନ ମାନଙ୍କ ମଧ୍ୟରେ ଶତକଡା ପ୍ରାୟ ୯୫ ଜଣ ନିରକ୍ଷର ମୂର୍ଖ ଥିଲେ; ବର୍ତ୍ତମାନ ଏହି ମଦ୍ରସା ବଳରେ ଏଠାର ମୁସଲମାନ ମାନଙ୍କ ଘରେ ୨ ବିଦ୍ୟାଚର୍ଚ୍ଚା ହେଉଅଛି। ଯେଉଁ ଏସିଷ୍ଟେଣ୍ଟ ଇନ୍‌ସପେକ୍ଟର ମୌଲବୀ ଅବଦୁଲ କରିମଙ୍କ ନିର୍ଦ୍ଦେଶରେ କଟକ ମଦ୍ରସାରେ ଇଂରାଜୀଭାଷା ଅଧ୍ୟାପନା ହେଉଇବା ଜନ୍ୟେ ମୌଲବୀ ଅବଦୁସସମଦ ଉଦ୍ଯୋଗୀ ହୋଇଅଛନ୍ତି, ତାହାଙ୍କର ଇଙ୍ଗିତକ୍ରମେ ସନ ୧୮୯୮ ମସିହାରେ [illegible] ସାଉଥମଦ୍ରସା ଛାତ୍ରବୃତ୍ତି ସ୍କୁଲରୁ ମାଇନର ସ୍କୁଲରେ ଉନ୍ନତ ହୋଇ ଅଧିକତର ଉପକାର ସାଧନ କରୁଅଛି; ଯେହେତୁ ଧର୍ମବିଦ୍ୟା ଲୋକଶିକ୍ଷା ଓ ଚରିତ୍ରଶିକ୍ଷା ସହିତ ଅର୍ଥକରୀ ବିଦ୍ୟା ରାଜଭାଷା ଇଂରାଜୀର ଅଧ୍ୟାପନା "ସୁହାଗେ ସୁହାଗା" ତୁଲ୍ୟ ହୋଇଅଛି।

ଏ ସ୍ଥାନର କଟକରେ ମଧ୍ୟ କାର୍ଯ୍ୟଭାର ମୌଲବୀ ଅବଦୁସସମଦ ସାହେବ ସମାଜ ହିତକର ଅନୁଷ୍ଠାନରେ ବ୍ୟାପୃତ ଅଛନ୍ତି ଶୁଣି ଅମ୍ଭେମାନେ ଅତିଶୟ ଆନନ୍ଦିତ ହୋଇଥିଲୁଁ ଏବଂ ଆଶା କରିଥିଲୁଁ ଯେ ସମସ୍ତ କଟକବାସୀ ମୁସଲମାନ ଲୋକମାନେ ତାହାଙ୍କ ପୃଷ୍ଠପୋଷକ ହୋଇ ତାହାଙ୍କ ହିତକର କଲ୍ୟାଣକର କାର୍ଯ୍ୟରେ ଯଥାଶକ୍ତି କରିବାରେ ତାହାଙ୍କ ଯଥାସାଧ୍ୟ ସହାୟ୍ୟ କରିବେ। ମାତ୍ର ବର୍ତ୍ତମାନ ଏ କ ଶୁଣିଲୁଁ! ସାହାଯ୍ୟ କରିବାର ଦୂରରେ ଥାଉ ବରଂ ଶିକ୍ଷିତଠାରୁ ଅଶିକ୍ଷିତ ପର୍ଯ୍ୟନ୍ତ ସମସ୍ତେ, କେହି ସ୍ୱାର୍ଥାନ୍ଧ ହୋଇ, କେହି ଆନର ବା କୌଶଳରେ ପଡ଼ି, କେହି ବା ଦଳ ବିଶେଷର ସଂଖ୍ୟାଧିକ୍ୟ ଦେଖି ପ୍ରବାଲ ଉପରେ ପ୍ରବାଲ ପଡ଼ି ସ୍ୱବୁଦ୍ଧିର ପ୍ରବାଲ ସ୍ୱୀୟ ସଂଗଠନ ଜନପ୍ରାୟ ଗୋଟିଏ ବୃହତ୍ ଦଳ ସୃଷ୍ଟି କରି, ସବୁ ପ୍ରକାରେ ପ୍ରଶଂସିତ ମୌଲବୀ ମହୋଦୟଙ୍କ ସଦନୁଷ୍ଠାନର ପ୍ରତିକୂଳତା କରୁଅଛନ୍ତି!

ଅମ୍ଭେମାନେ ଶୁଣିଅଛୁଁ ଯେ ମୌଲବୀ ଅବଦୁସସମଦ ତାହାଙ୍କ ସରକାରୀ କର୍ତ୍ତବ୍ୟ କାର୍ଯ୍ୟର ଅବସରକାଳରେ ଉପସ୍ଥିତି [illegible] ଅମଭାଜନ ଲୋକଙ୍କ ବିଶ୍ୱାସଭାଜନ ହୋଇଅଛନ୍ତି। କଟକ ନିବାସୀ ଜଣେ ବରିଷ୍ଠ ଗବର୍ଣ୍ଣମେଣ୍ଟ କର୍ମଚାରୀ ସରକାରୀ କାର୍ଯ୍ୟାନୁରୋଧରେ ଏଠାକୁ ଆସିଥିଲେ। ସେ ଅମ୍ଭମାନଙ୍କୁ ଶପଥ କରି କହିଥିଲେ ଯେ ବୃହତ୍ତର ଦଳର ଜଣେ ପ୍ରଧାନ ନେତା ଓ ଅଗ୍ରଣୀ ତାହାଙ୍କ ସମ୍ମୁଖରେ କହିଥିଲେ ଯେ 'ମୌଃ ଅବଦୁସସମଦ ଏହି କାର୍ଯ୍ୟ (ମଦ୍ରସାରେ ଇଂରାଜୀ ଶିକ୍ଷାର ପ୍ରଚଳନ) ର ଉଦ୍ଯୋଗୀ ବୋଲି ଅମ୍ଭେମାନେ ଯଥାସାଧ୍ୟ ତହିଁରେ ବାଧା ଦେଉଁ; ଅନ୍ୟଲୋକ ଏହାର ଉଦ୍ଯୋଗୀ ଥିଲେ ଅମ୍ଭେମାନେ ସର୍ବାନ୍ତଃକରଣରେ ବରଂ ତାହାର ସହାୟତା କରନ୍ତୁ। ଏଥିରୁହିଁ ଏହି କାଣ୍ଡଜ୍ଞାନ ବର୍ଜିତ ପ୍ରକାଣ୍ଡ ଦଳର ଦୁରଭିସନ୍ଧି, ଜେଦ ଓ ଅଦୂରଦର୍ଶିତା ଯଥେଷ୍ଟରୂପେ ସୂଚନା ଦେଉଅଛି।

ଅମ୍ଭମାନଙ୍କ ବିବେଚନାରେ ଇଂରାଜୀ ମଦ୍ରସା ଦୂରଦର୍ଶୀ ଏଃ ଇନ୍‌ସପେକ୍ଟର ମୌଃ ଅବଦୁଲ କରିମଙ୍କ ପ୍ରସ୍ତାବାନୁଯାୟୀ ଓ ବର୍ତ୍ତମାନ ମୌଃ ଅବଦୁସସମଦଙ୍କ ସମର୍ଥନାନୁଯାୟୀ ମସଜିଦର ସଂଲଗ୍ନ ଥିଲେ, ତଦ୍ଦ୍ୱାରା ମୁସଲମାନ ଛାତ୍ରମାନଙ୍କର ଅଧିକତର ଉପକାର ସାଧିତ ହୁଅନ୍ତା; ଯେହେତୁ ଏମନ୍ତ ଅବସ୍ଥାରେ, ସେମାନେ ସ୍ୱେଚ୍ଛାପ୍ରବୃତ୍ତ ହୋଇ ହେଉ, ବା ଉଦାହରଣଦ୍ୱାରା ହେଉ, ଅଥବା ଲୋକଲଜ୍ଜାରେ ହେଉ, ମସ୍‌ଜିଦରେ ପଠିତ ଦୈନିକ ପଞ୍ଚ ସାମୟିକ ଉପାସନାରେ ମଣ୍ଡଳୀ ସହିତ ବାଧ୍ୟ ହୋଇ ଯୋଗଦାନ କରନ୍ତେ ଏବଂ ଏହିରୂପେ ସାଧାରଣ ଇଂରାଜୀ ଶିକ୍ଷିତ ମୁସଲମାନ ଛାତ୍ରଙ୍କ ପରି ସ୍ୱଧର୍ମ ପ୍ରତି [illegible] ନ ହୋଇ, [illegible] ପରି ମୁସଲମାନ ହୁଅନ୍ତେ। ତେବେ ଆଉ ବୃହତ୍ତର ଦଳର ଆପତ୍ତି କାରଣ? ମସଜିଦ ସଂଲଗ୍ନ ସ୍କୁଲରେ ଇଂରାଜୀର ଅଧ୍ୟାପନା ନିଷେଧ, ଏହି ସୁମହତ୍ ତତ୍ତ୍ୱ କେଉଁ ଶାସ୍ତ୍ରର କଥା, ? କି ପ୍ରକାର ବିବେକର ଅନୁମୋଦିତ? କର୍ମ ଯଦି ତାହାହିଁ ହୁଏ, ତେବେ ଏହି ଛିଦ୍ରେଲୁପୀ ଈର୍ଦ୍ଧଶ୍ୱା ଓ ଧର୍ମଦ୍ରୋହୀ ଅଗ୍ନ୍ୟୁପାସକମାନଙ୍କ ପାରସୀ ଭାଷା କାହିଁକି ପ୍ରତ୍ୟେକ ମସଜିଦରୁ ନିର୍ବାସିତ ଓ ଯାବତୀୟ ଉପାସନାରୁ ପରିତ୍ୟକ୍ତ ନ ହେବ? ବଙ୍ଗଦେଶର ଅଧିକାଂଶ ମୁସଲମାନ ବିଧର୍ମୀ ହିନ୍ଦୁ କଥିତ ବଙ୍ଗଭାଷାରୁ ମାତୃଭାଷା କରି ନେଇଅଛନ୍ତି; ମସ୍‌ଜିଦରେ ଯଦି କେହି ମାତୃଭାଷା ବଙ୍ଗଳାରେ ପଦେ ଅଧେ ସେମାନଙ୍କ ମୁଖରୁ ବାହାରୁଯାଏ (ଯାହା ସ୍ୱାଭାବିକ) ଓ ଆଉ ଆରବୀଭାଷା ନ ବାହାରେ, ତାହା ହେଲେ ବୃହତ୍ତର ଦଳର ମତରେ ସେମାନେ ତନ୍ନିବନ୍ଧନ କାହିଁକି କାଫେର ନ ହେବେ? ଅଉ ଇଂରାଜୀଭାଷା କ ଶୟତାନଙ୍କ ଅ[illegible]ଥ୍ୟ, ଅସାଧ୍ୟ ଓ ଅଗ୍ରାହ୍ୟ ଭାଷା? ଇଂରାଜୀରେ ଈଶ୍ୱରଙ୍କ ପ୍ରଶଂସା କଲେ ସେ କ'ଣ ସନ୍ତୁଷ୍ଟ ହୁଅନ୍ତି ନାହିଁ ବା ବୁଝି ପାରନ୍ତି ନାହିଁ? ଏହି ବିଂଶ ଶତାବ୍ଦୀର ପ୍ରାରମ୍ଭରେ ମଧ୍ୟ କୌଣସି ଶିକ୍ଷିତ ବ୍ୟକ୍ତି ଦାୟୀ ଏତାଦୃଶ କୁସଂସ୍କାରାପନ୍ନ ହୋଇ ପାରନ୍ତି—ଏହା ଅତୀବ ବିସ୍ମୟର ବିଷୟ।

ମୌଃ ଅବଦୁସସମଦଙ୍କ ସଦନୁଷ୍ଠାନ ଯଦି ଆଦ୍ୟରୁହିଁ ବୃହତ୍ତର ଦଳର ଅନନୁମୋଦିତ ଥିଲା, ତେବେ ଅନୁଷ୍ଠାନର ଆରମ୍ଭରେହିଁ ସେଥିରେ ବାଧା ଦେବା ସେମାନଙ୍କର ଉଚିତ ଥିଲା। ବର୍ତ୍ତମାନ ଅନୁଷ୍ଠାନଟି ଏତେଦୂର ଅଗ୍ରସର ହେବା ପରେ ଓ ସେଥିରେ ଏତେ [illegible] ଅର୍ଥ ବ୍ୟୟିତ ହେବା ପରେ ଆପତ୍ତି ଉତ୍ଥାପନ କରିବା ଅନୁଷ୍ଠାତାଙ୍କୁ ହଇରାଣରେ ପକାଇବା ମାତ୍ର। କିନ୍ତୁ ଏହା ଜାଣିବା ଉଚିତ ଯେ ଅନୁଷ୍ଠାତାଙ୍କ ସଦୁଦ୍ଦେଶ୍ୟ ସିଦ୍ଧ ନ ହେଲେ, ସାଧାରଣ ମୁସଲମାନ ସ୍ୱାର୍ଥରେହିଁ ବ୍ୟାଘାତ ହେବ; ତାହାଙ୍କର ନିଜର ସେଥିରେ କିଛି ଲାଭ କ୍ଷତି ନାହିଁ।

ଯାହାହେଉ କଟକ ନିବାସୀ ମୁସଲମାନ ଭ୍ରାତୃମାନଙ୍କୁ ଅମ୍ଭେମାନେ ସବିନୟ ପ୍ରାର୍ଥନା କରୁଅଛୁଁ ଯେ ସେମାନେ ଅତଃପର ଶାନ୍ତ ହୋଇ ଉପସ୍ଥିତ ସଦନୁଷ୍ଠାନ ସମ୍ବନ୍ଧରେ ମତ ମଧ୍ୟରେ ସବିଶେଷ ଆଲୋଚନା କରି ଯଥା କର୍ତ୍ତବ୍ୟ ଅବଧାରଣ ପୂର୍ବକ ଉଦ୍ଦେଶ୍ୟଟି ସମ୍ପନ୍ନ କରନ୍ତୁ। ମନୁଷ୍ୟମାନଙ୍କର ପ୍ରାୟ କେବେ ୨ ମତ ଭ୍ରମ ହୁଏ, କିନ୍ତୁ ଯେ ସ୍ୱକୃତ ଭ୍ରମ ସଂଶୋଧନ କରନ୍ତି ସେ ମହାତ୍ମା ବ୍ୟକ୍ତି। ସମାଜ ସେବକ ମୌଃ ଅବଦୁସସମଦ ସାହେବଙ୍କ ସତ୍‌କାର୍ଯ୍ୟରେ ବାଧା ଦେବା ଅଉ ଭଲ ନୁହେ।

ସମ୍ପାଦକ ମହାଶୟ, ଏହି ପତ୍ରର ଦୀର୍ଘତା ନିମନ୍ତେ ଅମ୍ଭମାନଙ୍କୁ କ୍ଷମା କରିବା ହେବେ। ଉତ୍କଳ ଭୂମିର ହିନ୍ଦୁ ମୁସଲମାନ ସର୍ବ,ଦାସ୍ୟ ଦ୍ୱୟର ହିତୈଷିଣୀ ଓ [illegible] ସମ୍ମାନିତ। ଆପଣଙ୍କ ପତ୍ରିକାର ଅଳ୍ପ ବ୍ୟତୀତ ସାଧାରଣରେ ଅମ୍ଭମାନଙ୍କ ମନୋଭାବ ପ୍ରକାଶର ଉପଯୁକ୍ତର ନାହିଁ।

ତା ୨୨-୧୦-୧୯୦୧
ବାଲେଶ୍ୱର

ମୌଃ ଅବଦୁସସମଦଙ୍କ-
ଦ୍ୱାରା ଉପକୃତ
ବାଲେଶ୍ୱରର
ମୁସଲମାନ ସମାଜ

---

ମୂଲ୍ୟପ୍ରାପ୍ତି।

| | | |
|---|---|---|
| ଶ୍ରୀ ବାବୁ [illegible] | ଗୋବର[illegible] | ୫ ୦ |
| " ଯୋଗେନ୍ଦ୍ର ମିଶ୍ର | ଭଦ୍ରକ | ୫ ୨ |
| " [illegible] ଦାସ ଗୋସ୍ୱାମୀ | [illegible] | ୫ ୦ |
| " [illegible] | [illegible] | ୫ ୨ |
| " [illegible] ଡିପୁଟି ଇନ୍‌ସପେକ୍ଟର | | ୫ ୦ |
| " [illegible] ଗୋସ୍ୱାମୀ [illegible] | ଭିକୁବନେଶ୍ୱର | ୫ ୮ |
| " [illegible] | | ୫ ୦ |
| " [illegible] | ଭୁବନେଶ୍ୱର | ୫ ୦ |
| " [illegible] | [illegible] | ୫ ୦ |
| " [illegible] | [illegible] | ୫ ୨ |
| " [illegible] | [illegible] | ୫ ୦ |

Digitized by srujanika@gmail.com

Split by PDF Splitter



ଆଉ ଡାକ୍ତରଙ୍କୁ ଅସ୍ଥାୟୀ ଗୁଣବିଶିଷ୍ଟ ସାଲସା ପ୍ରଭୃତି ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ ।** ହତାଶ ପ୍ରାଣର ଏକମାତ୍ର ଆଶା !!

# DANZIN

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

ବୃଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜେଷ୍ଟ୍ରିକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସିମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏମନ୍ତ କି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ଲଭ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସିମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜିନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳ ଦାୟକ ଔଷଧ ପ୍ରଭୃତି କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ସୁଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ କେତେଗୁଡ଼ିଏ ଲତା ଓ ଗୁଳ୍ମ ନିର୍ଯ୍ୟାସସହିତ ବୃଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆର ଅନୁମୋଦିତ ଅଷ୍ଟ୍ରିଆ, ଫ୍ରାନ୍ସ ଓ ଜାର୍ମାନୀ ପ୍ରଭୃତି କେତୋଟି ପ୍ରସିଦ୍ଧ ରକ୍ତ ପରିଷ୍କାରକ ଓ ଶୁକ୍ର ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରାସାୟନିକ ପ୍ରକ୍ରିୟାର ପାରକୁଲେଟର ଯନ୍ତ୍ରର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜିନ" ଆବିଷ୍କାର ହୋଇ ଭାରତବାସିମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରୁଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରିଥାନ୍ତି ଯେବେ ତୁମ୍ଭେ ସାଲସା ପ୍ରଭୃତି ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କୁ କହୁଅଛୁ ଜୀବନରେ ନୈରାଶ ହୁଅ ନାହିଁ, ଥରେ ଏହି ମହାଶକ୍ତି "ଡ୍ୟାନଜିନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ଫଳିବ ! ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ !! ଅକର୍ମଣ୍ୟ ଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଗରମୀର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁକି ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ହେଲା ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜିନ" ଏକାବେଳେ ଦୂରୀଭୂତ କରି ଦେଇଅଛି । ଡ୍ୟାନଜିନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରି ଦେବାର ସ୍ପଷ୍ଟ ଦେଖାଯାଏ । ସାଲସା—ରୋଗ, ଚପି ରଖେ । ଡ୍ୟାନଜିନ ରୋଗ ଚପି ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ସାଲସାର ଗୁଣ ଅସ୍ଥାୟୀ । ଡ୍ୟାନଜିନର ଗୁଣ ସ୍ଥାୟୀ ।

ଡ୍ୟାନଜିନ—ସାଲସାର ନ୍ୟାୟ ରୋଗ ଚପି ରଖେ ନାହିଁ । ରୋଗ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ ।

ଡ୍ୟାନଜିନ—ମଦ, ଅଫିମ, ଷ୍ଟ୍ରିକନିଆ, ମାର୍କାରି ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା ବିଷାକ୍ତ ପଦାର୍ଥର ସଂସ୍ରବ ନାହିଁ । ତଥାପି ଏହାର ଏକ ଆଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର କିଛିକ୍ଷଣ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜିନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜିନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ଦ୍ଦ୍ୱନ୍ଦ୍ୱରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ନର ଦେହର ଜୀବନ ।

## ଡ୍ୟାନଜିନରେ କି କି ରୋଗ ଆରୋଗ୍ୟ ହୁଏ ?

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ସପୂଜ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୁହୁର୍ମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସ୍ରାବ ପୂର୍ବେ ବା ପରେ ସୂତାପରି ପଦାର୍ଥ ବାହାର ହେବା । ସ୍ତ୍ରୀଲୋକ ଦର୍ଶନେ ବା ସ୍ପର୍ଶନେ ରେତଃପାତ, ଅର୍ଥାତ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମୂତ୍ରଧାର, ମୂତ୍ରକୃଚ୍ଛ୍ର, ଘୁସଘୁସ ଜ୍ୱର, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ଜଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତସ୍ରାବ, କଷ୍ଟରଜ, ଋତୁକାଳର ପେଟରେ ବେଦନା ଓ କନକନାନି ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ଉତ୍କଟ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗେ ଘା ଓ ଚକା ଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁଖରେ ଓ ନାକଭିତରେ ଘା, ବାଗି ଘା, ପଚାଘା, ନାଳିଘା, ଦାଉଦ, ଭଗନ୍ଦର, କାଛୁ କୁଣ୍ଡିଆ ଓ ଏମନ୍ତକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠି ଗଣ୍ଠିରେ ବେଦନା ସମସ୍ତ ଶରୀର କନକନ୍ କରିବା, ହାତ ଓ ଗୋଡ଼ ଫୁଲିବା; ଅଣ୍ଟା ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜିନ—ସୁସ୍ଥ ଶରୀରରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ କଣିକା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୧।୦ ୩ ବୋତଲ ଟ ୪।୦, ୬ ବୋତଲ ଟ ୭।୦ ଓ ୧୨ ବୋତଲ ଟ ୧୪।୦ ପ୍ୟାକିଂ ୧ ଠାରୁ ୩ ବୋତଲ ଟ ୦। ଅଣା, ୪ ଠାରୁ ୧୨ ବୋତଲ ଟ ୦ ।୵ ଅଣା ।

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଆର, ବି, ଜି, ଏଣ୍ଡ କୋଂ

ହେଡ଼ଅଫିସ—ନଂ ୧୦ ନମ୍ବର ଅପର ଚିତ୍ପୁର ରୋଡ୍ କଲିକତା ବଡ଼ବଜାର ପୋଷ୍ଟଅଫିସର ଠିକ ସମ୍ମୁଖରେ ।

---

## ୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ !

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଦାଦ୍ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ । ପାରଦ ପ୍ରଭୃତି କୌଣସି ପ୍ରକାର ବିଷାକ୍ତ ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦ ୵ ଡଜନ ଟ ୧।୦ ପ୍ୟାକିଂ ଏକଠାରୁ ୧୨ କୌଟାକୁ ଟ ୦ ୵

ଡାକ୍ତର ମାର୍ଟିନଙ୍କର "ଅଏଣ୍ଟମେଣ୍ଟ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ ।

ମୂଲ୍ୟ ପ୍ରତି କୌଟା ଟ ।୦ ଡଜନ ଟ ୧।୦ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦ ୵

ଏଜେଣ୍ଟସ—ଆର, ବି, ଜି ଏଣ୍ଡ କୋଂ ନଂ ୧୦ନମ୍ବର ଅପର ଚିତ୍ପୁର ରୋଡ କଲିକତା ।

Digitized by srujanika@gmail.com

Split by PDF Splitter



## ମହାଭାରତ ।

ଆଦିପର୍ବ ଟ୨୷ ମଧ୍ୟପର୍ବ ଟ୨୷ ସଭାପର୍ବ ଟ୨୷ ବନପର୍ବ ଟ ୨। ବିରାଟପର୍ବ ଟ ୧। ଭୀଷ୍ମପର୍ବ ଟ ୧। ଉଦ୍ୟୋଗ ପର୍ବ ଟ ୧। ଦ୍ରୋଣପର୍ବ ଟ ୧୧ କର୍ଣ୍ଣପର୍ବ ଟ ୧/ ଶଲ୍ୟପର୍ବ ଟ ୦।୵ ଗଦାପର୍ବ ଟ ୦। ଡାଇଁକିଆପର୍ବ ଟ ୦।/ ନାରୀ ଓ ଶାନ୍ତିପର୍ବ ଟ୦।୵ ଅଶ୍ରମିକ ଓ ଅଶ୍ୱମେଧପର୍ବ ଟ ୦ ୷ ମୂଷଳୀପର୍ବ ଟ ୦।୵ ସ୍ୱର୍ଗାରୋହଣପର୍ବ ଟ ୦ ।

ଉତ୍କଳଯନ୍ତ୍ରାଳୟରେ ମୁଦ୍ରିତ ହୋଇ କଟକ ଚଉଧୁରୀବଜାରସ୍ଥ ବାବୁ ତ୍ରୈଲୋକ୍ୟନାଥଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

## ବିଜ୍ଞାପନ ।

ଓଡ଼ିଶା ଡିବିଜନର ଜମିଦାର ଶୀଳ ଶ୍ରୀଯୁକ୍ତ ବାବୁ ନଗେନ୍ଦ୍ରନାଥ ଘୋଷ ଚଉଧୁରୀ ମହାଶୟଙ୍କର ଇଷ୍ଟେଟର ପ୍ରଜାସ୍ୱତ୍ୱ ଖରିଦ ବିକ୍ରି ଓ ଖାରିଜ ଦାଖଲ ସମ୍ବନ୍ଧୀୟ ନିୟମ—

ଓଡ଼ିଶା ପ୍ରଦେଶରେ ପ୍ରଚଳିତ ଥିବା ଆ ୧୦ ଧାରା ଓ ବଙ୍ଗୀୟ ପ୍ରଜାସ୍ୱତ୍ୱ ବିଷୟକ ଆ ୮ ଧାରାର ବିଧାନ ମତେ ଥାନି, ପାହି, ଚନ୍ଦନା ପ୍ରଭୃତି ରୟତୀ ସ୍ୱତ୍ୱ ପୂର୍ଣ୍ଣ କିମ୍ବା ଅଂଶିକ ପ୍ରଜାମାନଙ୍କର ବିକ୍ରି କରିବାର ଅଧିକାର ନାହିଁ ଓ ମଧ୍ୟସ୍ୱତ୍ୱ ଏବଂ ଲାଖରାଜ ବାଜ୍ୟାପ୍ତି ପ୍ରଭୃତି ସ୍ୱତ୍ୱ ଜମିଦାରଙ୍କ ସମ୍ମତି ବ୍ୟତିରେକେ ଅଂଶିକ ବିକ୍ରି କରିବାର କ୍ଷମତା ନାହିଁ ।

ଓଡ଼ିଶା ବିଭାଗର ଅନ୍ତ ଜିଲ୍ଲାର ପ୍ରଜାମାନଙ୍କୁ ଏଥିଦ୍ୱାରା ନିଷେଧ କରାଯାଉଅଛି ଯେ ସେମାନଙ୍କ ମଧ୍ୟରେ ଜମିଦାର ମହାଶୟଙ୍କର ବିନା ମଞ୍ଜୁରରେ ଉପର ଲିଖିତ ମତ ଜମି ଜମା ପୂର୍ଣ୍ଣ କିମ୍ବା ଅଂଶିକ ଖରିଦ ବିକ୍ରି କରିବେ ନାହିଁ ସେରୂପ ଖରିଦ ବିକ୍ରି କଲେ ଜମିଦାର ମହାଶୟ ତାହା ମଞ୍ଜୁର କରିବେ ନାହିଁ ମଧ୍ୟ ସେପରି ଖରିଦଦାରଙ୍କୁ ଆଇନାନୁସାରେ ଖରିଦ ସ୍ୱତ୍ୱରୁ ବେଦଖଲ କରିବେ ।

ହାଲ ବନ୍ଦୋବସ୍ତର ଖତିଆନ ଲିଖିତ କେହି ପ୍ରଜା ଉପର ଲିଖିତ ମତ ଜମିଦାର ମହାଶୟଙ୍କ ମାନେଜରଙ୍କର ବିନା ଅନୁମତିରେ ଖରିଦ ବିକ୍ରି କରିଥିଲେ ସେମାନଙ୍କ ପକ୍ଷେ ଉପରୋକ୍ତ ନିୟମ ସମାନ ବର୍ତ୍ତିବ ।

ପ୍ରଜାମାନଙ୍କ ମଧ୍ୟରେ କେହି ସେମାନଙ୍କର କୌଣସି ସ୍ୱତ୍ୱର ଜମି ଜମା ବିକ୍ରି କରିବାକୁ ଇଚ୍ଛା କଲେ ସେମାନେ କଟକ ମୁକାମ ସଦର କଚେରିରେ ଶ୍ରୀଯୁକ୍ତ ମାନେଜରଙ୍କ ନିକଟ ଦାଖଲ କରି ମଞ୍ଜୁରୀ ହୁକୁମ ନେଇ ଖରିଦ ବିକ୍ରି କରି ପାରିବେ ମାନେଜରଙ୍କ ଆଦେଶ ବ୍ୟତୀତ ମଫସଲ ତହସିଲଦାରମାନଙ୍କର ଅନୁମତରେ ଖରିଦ ବିକ୍ରି ମଞ୍ଜୁର ହେବ ନାହିଁ ଓ ସେମାନଙ୍କୁ ଖରିଦ ବିକ୍ରିର ଅନୁମତି ଦେବା ନିମନ୍ତେ କିଛିମାତ୍ର କ୍ଷମତା ଦିଆ ହୋଇ ନାହିଁ ଏ ନିୟମ ପୂର୍ବାପର ପ୍ରଚଳିତ ଥିବ ଅତଏବ ଖାରିଜ ଦାଖଲ ଖରିଦ ବିକ୍ରି ସମ୍ବନ୍ଧେ ଅନୁମତି ଦେବା ଓଗେରେ ଯାବତୀୟ କାର୍ଯ୍ୟ ମାନେଜରଙ୍କ ମଞ୍ଜୁର ବ୍ୟତୀତ ହେବ ନାହିଁ ।

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଖରିଦ କରି ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ଲୟୁଗଡ଼, ସରାଇକଳା, ସୋନପୁର, ପାଟଣା, ଖଡ଼ିଆଳ, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଆଠଗଡ଼, ଗାଙ୍ଗପୁର, ଛଇଲାକୋଟା, ଝଡ଼ିଜୟପୁର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଟୋପି, ଚେଲା, କିଂଖାପ, ବାପ୍ତା, ସାଟୀ, ଦୋପଟ୍ଟ ମହଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ଜରି ଖଚିତ ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୁପାର ବାସନ, ହୀରା ଜହରତ ପ୍ରଭୃତି ବରାତ ଅନୁସାରେ ତିଆର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଇବା ଏବଂ ଫେରତ ଦେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲୁମାଲ ଭୋଲାନାଥ
କୁଞ୍ଜଗଳି ଫାଟକ ବନାରସ ସିଟି

## ହୁକୁମୀ ତୈଲ ।

ଯେଉଁମାନେ ପଞ୍ଚଶବର୍ଷ କିମ୍ବା ତତୋଧିକକାଳ ଉପଦଂଶ ରୋଗାକ୍ରାନ୍ତ (ଗରମିବେମାରୀ) ହୋଇ କଷ୍ଟ ଭୋଗ କରୁଥିବେ, କିମ୍ବା କୌଣସି ପ୍ରକାର ବିଷାଣ ଖାଇଥିବାରୁ ଯେଉଁମାନଙ୍କର ଅଣ୍ଟୁ ଗଣ୍ଠି ଧରିଥିବ ଅଥବା ଶରୀରରେ ବାତଫୁଟ ଅମ୍ଳବାତ ପ୍ରଭୃତି ଯେ କୌଣସି ପ୍ରକାର ଘା ହୋଇଥିବ ସେମାନେ ଆମ୍ଭର ଏହି ହୁକୁମୀ ତୈଲ ୩ ମାସ ମାଲିସ କଲେ ନିଶ୍ଚୟ ଆରୋଗ୍ୟ ଲାଭ କରିବେ । ଏହି ତୈଲ ବ୍ୟବହାରଦ୍ୱାରା ଯାଜପୁର, କଟା, ମଧୁପୁର ଓ କାନିହାଣ୍ଡି ପ୍ରଭୃତି ସ୍ଥାନମାନଙ୍କରୁ ଶତ ଶତ ଲୋକ ଆରୋଗ୍ୟଲାଭ କରି ମୁକ୍ତକଣ୍ଠରେ ପ୍ରଶଂସା କରୁଅଛନ୍ତି । ଯଦି କେହି ଅଗ୍ରୀମ ମୂଲ୍ୟ ଦେଇ ତୈଲ କ୍ରୟ କରିବାକୁ ଅବିଶ୍ୱାସ କରନ୍ତି ତାହା ହେଲେ କୌଣସି ଭଦ୍ରଲୋକଙ୍କୁ ଜାମିନ ଦେଲେ ଅନାୟାସରେ ଔଷଧ ଦିଆଯିବ । ଆରୋଗ୍ୟଲାଭ କଲେ ପଶ୍ଚାତ୍ ମୂଲ୍ୟ ଗ୍ରହଣ କରାଯିବ । ଏହାର ମୂଲ୍ୟ ଟ ୷ ଡାକ ଖର୍ଚ୍ଚ ପ୍ରଭୃତି ଟ ୦ ୷ ଏତା ଛଡ଼ା ଆମ୍ଭ ଔଷଧାଳୟରେ ଯାବତୀୟ ରୋଗର ହକିମୀ ଔଷଧ, ନାନାପ୍ରକାର ତୈଳ, ଘୃତ, ଚୂର୍ଣ୍ଣ, ବଟୀକା, ଆସବ, ଗୁଲ୍ସା ପ୍ରଭୃତି ପଦାର୍ଥ ପ୍ରସ୍ତୁତ ଅଛି । ରୋଗର ଲକ୍ଷଣ ଲେଖାଇ ଜଣାଇଲେ ଉପଯୁକ୍ତ ବ୍ୟବସ୍ଥା ପତ୍ରସହ ଭେଲ୍ୟୁପେୟବଲ୍ ଡାକଯୋଗେ ଔଷଧ ପଠାଯିବ । ଉତ୍ତର ପାଇବାପାଇଁ ରିପ୍ଲାଇକାର୍ଡ କିମ୍ବା ଦୁଇପଇସାର ଡାକଷ୍ଟାମ୍ପ ସହ ନିମ୍ନଲିଖିତ ଠିକଣାକୁ ପତ୍ର ପଠାଇବେ ।

କାହ୍ନାବଲଷ୍ଟର
ଯାଜପୁର ପୋଃ ଅଃ } ଶ୍ୟାମବନ୍ଧୁର ଦାସ
କଟକ } କବିରାଜ

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦ ୵
ଅଧସ୍ତମ୍ଭକୁ ଟ ୨ ୧
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ଛପାଇ ଖର୍ଚ୍ଚ ଟ ୦ ୷ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ତିନିଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ପ୍ରିଣ୍ଟିଂ କମ୍ପାନି ଲିମିଟେଡର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

# THE UTKAL DIPIKA.

ଭାଗ ୩୬ ଶ } CUTTACK, SATURDAY THE 9TH NOVEMBER 1901. { ଅଗ୍ରୀମ ୪ ଙ୍କ

ସଂ ୪୫ ସଂଖ୍ୟା } ତା ୨୫ ନ କାର୍ତ୍ତିକ ସନ ୧୩୦୯ ସାଲ ଶନିବାର { ପଶ୍ଚାଦେୟ ୫ ୬ ୯





Whitefield & Co's Keyless and Lever watches, Engine-turned or Engraved case, uncut real compensation balance, very strong, 15 jewels, guaranteed for 3 to 5 years, with spare spring, glass, Morocco leather or velvet case Extra.

| | Silver case 800—1000 | 14 Carat Gold | 18 Carat Gold |
|---|---|---|---|
| Open face | Rs 18 0 0 | Rs 70 0 0 | Rs 90 0 0 |
| Hunting | Rs 20 0 0 | Rs 75 0 0 | Rs 95 0 0 |
| Half hunting | 25 0 0 | Rs 80 0 0 | Rs100 0 0 |

Besides all sorts of West End & Co's watches, chains, clocks Time pieces are always kept in stock and supplied at rates available in the company's firm.

S ABDUL AZIZ
Watch Importer
CUTTACK


## NOTICE.

Wanted a Surveyor on Rs. 40 with a travelling allowance Rs, of 10 per mensem for six months for the Keunjhar State There is a chance of permanent employment. None need apply who has no practical knowledge, Preference will be given to one having English knowledge. Applications should reach the undersigned before the 20th November 1901

Keunjhar 28th October 1901 } Gopal Bulhub Dass, Dewan, For the Moharaja.

"WANTED" for the Gangpur Feudatary Police a passed native Inspector qualified in Bengal Police works. Salary Rs 75 and an Extra travelling allowance of Rs 25 per mensem Applicants to state their age qualifications, caste, past services and the languages they can speak. Preference will be given to a Hindi knowing candidate having sufficient knowledge in English and Uriya. All applications will be received by the undersigned up to the end of November 1901

Dated Gangpur The 30th October 1901 } Birkisori Mohan Sekher Deo. District Superintendent of Police GANGPUR.

## NOTICE.

Wanted a graduate, strong in English and mathematics and having some experience of High School teaching, for the post of the Second Master of the Khurda High School on a salary of Rs. 40 per mensem. None need apply who will not bind himself down by an agreement that he will stick to the post for two years at the least. Applications with copies of testimonials must reach the undersigned on or before the 12th November, 1901.

Khurda, Dist. Puri, 18—10—1901. } J. E. F. PEREIRA, *Secretary.*


## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack.*


## ବିଜ୍ଞାପନ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ କମ୍ପ୍ଲିମେଣ୍ଟ, ହ୍ୱିଟପ୍ଲାଇମେଣ୍ଟ, ଭର୍ଣ୍ଣାକ୍ୟୁଲର, ମାଇନର ଏବଂ ଏଣ୍ଟ୍ରେନ୍ସ ସ୍କୁଲର ଯାବତୀୟ ଓଡ଼ିଆ ଇଂରାଜୀ, ବଙ୍ଗଳା ଓ ସଂସ୍କୃତ ପାଠ୍ୟ-ପୁସ୍ତକ ଉଚିତ ମୂଲ୍ୟରେ ବିକ୍ରୟ ହେଉଅଛି । ଏହା ଛଡ଼ା ନାନାପ୍ରକାର ଫୁଲିସ୍କେପ, ଡେମି, ନୋଟ, ବାଦାମୀ ସାଦା ଚିଠିଲେଖା କାଗଜ ଓ ଲଫାଫା, କାଚାଇଙ୍କର ଦୁଆତ, କାଳି, ରବର, ପେନସିଲ, ଅର୍ଥାତ୍ ସ୍କୁଲ ଏବଂ ସରକାରି ଓ ବେସରକାରି ଅଫିସରେ ବ୍ୟବହାର୍ଯ୍ୟ ସମସ୍ତ ସରଞ୍ଜାମମାନ ସୁଲଭମୂଲ୍ୟରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କ ନିକଟକୁ ରେଲରେ ଓ ଷ୍ଟିମାରରେ ଜିନିଷ ପଠାଯାଏ । ପୁସ୍ତକର ଓ ଅନ୍ୟ ଜିନିଷର ଲିଷ୍ଟ ପୃଥକ୍ ଛପା ହୋଇ ବିନା ମୂଲ୍ୟରେ ଦିଆଯାଏ । ମୋଫସଲର ଗ୍ରାହକମାନେ ଖଣ୍ଡିଏ ପୋଷ୍ଟକାର୍ଡ ଲେଖି ପଠାଇଲେ ସେମାନଙ୍କ ନିକଟକୁ ଲିଷ୍ଟ ପଠାଯିବ । ଇତି

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟାରୀ

Digitized by srujanika@gmail.com

## ଉତ୍କଳଦୀପିକା ।

କଲିକତାରେ ଦୁର୍ଗା ପୂଜାର ଦଶହରା ମଙ୍ଗଳବାର ଦିବସ ହୋଇଥିବାର ଗତ ସପ୍ତାହରେ ପ୍ରକାଶ କରିଥିଲୁଁ ମାତ୍ର ଏହା କଲିକତାର ସମ୍ବନ୍ଧରେ ନ ହୋଇ ଅଧିକାଂଶ ସ୍ଥଳରେ ହୋଇଥିଲା ଓ ବାକି ସ୍ଥାନରେ ବୁଧବାର ଦିନ ହୋଇଥିଲା । ଗୋଭିନ୍ଦଜାଉର ରାଜପରିବାର ବର୍ଗଙ୍କ ଦଶହରା ବୁଧବାର ଦିବସରେ ସମ୍ପନ୍ନ ହୋଇଥିଲା ।

———

ପୋଲିସ ସବ୍‌ଇନ୍‌ସପେକ୍ଟରୀ ପରୀକ୍ଷା ଗତ ମାସ ତା ୫ ଓ ୬ ଋଖରେ ଗୃହୀତ ହୋଇଥିଲା । ବାଲେଶ୍ୱରର ଏକଜଣ ହେଡ କନଷ୍ଟବଲ ପରୀକ୍ଷା ପ୍ରଦାନ କରିଥିଲେ । ଓଡ଼ିଶା ନିମନ୍ତେ ଗୋ ୧୩ ଟି ସବ୍‌ଇନ୍‌ସ୍‌ପେକ୍ଟର ଆବଶ୍ୟକ ହେବା ପ୍ରତ୍ୟକ୍ଷେ ଜଣେ ପ୍ରାର୍ଥୀ ହେବାଦ୍ୱାରା ପୋଲିସ କାର୍ଯ୍ୟ ପ୍ରତି ଶିକ୍ଷିତ ଦଳଙ୍କର ଅଭିଳାଷା ଥିବାର ବୋଧ ହେଉ ନାହିଁ ।

———

ଆଗାମୀ ଡିସେମ୍ବର ମାସରେ କଲିକତାରେ କଂଗ୍ରେସର ଅଧିବେଶନ ହେବ । କଲିକତାରେ କୌଣସି ମଯ୍ଦାନରେ କଂଗ୍ରେସକୁ ସ୍ଥାନ ଦିଆଯାଉ ନାହିଁ । ଶୁଣାଯାଉଅଛି ବିଡ଼ନ ଗାର୍ଡନରେ କଂଗ୍ରେସ ବସିବ । ଅବଶ୍ୟ ମଯ୍ଦାନ ସ୍ଥାନ ପାଇଥିଲେ ଉତ୍ତମ ହୋଇଥାଆନ୍ତା । ଅଳ୍ପ ଦିବସ ବାକି ରହିଲା ସୁତରାଂ ବର୍ତ୍ତମାନ ସମୟରୁ କଂଗ୍ରେସର ଆୟୋଜନ ଲାଗିଲାଣି । କଂଗ୍ରେସ ସଙ୍ଗରେ ଏଥର ଶିଳ୍ପ ପ୍ରଦର୍ଶନୀ ହେବ ।

———

ଗବର୍ଣ୍ଣମେଣ୍ଟ ବଙ୍ଗ ପ୍ରଦେଶ ନିମନ୍ତେ ଗୋ ୩୦୦ ଟି ଉଚ୍ଚ ପ୍ରାଇମେରୀ ବୃତ୍ତି ଆଗାମୀ ସନ ୧୯୦୪ ସାଲରୁ ମଞ୍ଜୁର କରିଅଛନ୍ତି । ଓଡ଼ିଶା ବିଭାଗ ନିମନ୍ତେ କଟକରେ ୧୦, ପୁରୀରେ ୫, ବାଲେଶ୍ୱରରେ ୬, ଅନୁଗୁଳରେ ୨ ଓ ଓଡ଼ିଶା ଗଡ଼ଜାତ ମାହାଲରେ ଗୋ ୯ ଟି ବୃତ୍ତି ପ୍ରଦାନ କରିଅଛନ୍ତି । ସାଧାରଣ ଜ୍ଞାତାର୍ଥ ଉପରୋକ୍ତ ବିଷୟର ବିଜ୍ଞାପନ ଗତ ଅକ୍ଟୋବର ମାସ ତା ୩୦ ଋଖର କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି ।

———

ଡାକ୍ତର ଜୋବର୍ଟ ସାହେବ ପେନସନ ନେଇ ବିଲାତ ଗମନ କରିବାରୁ ମିଉନିସିପାଲିଟିର ଚେୟାରମ୍ୟାନ ପଦ ଖାଲି ଥିଲା । ଗତ ସୋମବାର ଦିବସ ଚେୟାରମ୍ୟାନ ନିର୍ବାଚନ ହୋଇଅଛି । ଓକିଲ ବାବୁ ଜାନକୀନାଥ ବସୁ ଓ ନୂତନ ଡାକ୍ତର କଲବର୍ଟ ସାହେବଙ୍କ ନାମ ପ୍ରସ୍ତାବିତ ହୋଇଥିଲା । ସାହେବ ମହୋଦୟଙ୍କ ସପକ୍ଷରେ ଅଳ୍ପ କମିଶନରଙ୍କ ମତ ହେବାରୁ ଜାନକୀ ବାବୁ ଚେୟାରମାନ ପଦରେ ନିର୍ବାଚିତ ହୋଇଅଛନ୍ତି । ଭାଇସ୍ ଚେୟାରମାନ ବାବୁ ରାମଶଙ୍କର ରାୟ ଇସ୍ତଫା ପ୍ରଦାନ କରିଅଛନ୍ତି, ତାଙ୍କ ସ୍ଥାନରେ କେହି ନିର୍ବାଚିତ ହୋଇ ନାହାନ୍ତି ।

———

ବଙ୍ଗଳାର ସିଭିଲସର୍ଭିସ ପରୀକ୍ଷାରେ ସର୍ବମୋଟ ନ ୭୦ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏମାନଙ୍କ ମଧ୍ୟରୁ କେବଳ ତିନିଜଣ ଭାରତବାସୀ ଅଟନ୍ତି ଓ ସେମାନେ ସମସ୍ତେ ବୋମ୍ବାଇବାସୀ । ମିଃ ଯେ, ଡବଲିଉ ଗୋର, ଦାଙ୍ଗ୍ ମିଃ ସି, ଏନ୍ ଦାମା ଚତୁର୍ବିଂଶ ଓ ମିଃ କ, ଏନ୍ କାମା ତ୍ରିଂଶସ୍ଥାନ ଅଧିକାର କରିଅଛନ୍ତି । ଦାମା ଦୁଇଥର ସିଂଲର ପରୀକ୍ଷାରେ ଅତି ଉଚ୍ଚସ୍ଥାନ ଅଧିକାର କରିଥିଲେ ମାତ୍ର ସିଭିଲସର୍ଭିସ ପରୀକ୍ଷାରେ ଅନେକ ତଳେ ପଡ଼ିଗଲେ । ବଙ୍ଗଳାର ଅଥବା ଭାରତର ଅନ୍ୟ କୌଣସି ପ୍ରଦେଶର କାହାର ନାମରେ ଖଡ଼ୀ ପଡ଼ିଲା ନାହିଁ ବଡ଼ ଦୁଃଖର ବିଷୟ ଅଟେ ।

———

ବାବୁ ବଳରାମ ଦାସ ଡେପୁଟୀ ମାଜିଷ୍ଟ୍ରେଟଙ୍କ ବିରୁଦ୍ଧରେ ହୋଇଥିବା ଉତ୍କୋଚ ଗ୍ରହଣ ଅଭିଯୋଗର ଅନୁସନ୍ଧାନ ଗତ ନିର୍ଦ୍ଦିଷ୍ଟ ତାରିଖମାନରେ କଲେକ୍ଟର ସାହେବଙ୍କ ଦେହର ଅସୁସ୍ଥତା ନିବନ୍ଧନ ଶ୍ରୀଯୁକ୍ତ ଡେଭିଡସନ ସାହେବ ଡେପୁଟୀ ମାଜିଷ୍ଟ୍ରେଟ ମହୋଦୟ ଛୁଟି ଭୋଗରେ ଥିବାରୁ ହୋଇ ପାରି ନ ଥିଲା । ବର୍ତ୍ତମାନ ସେ ଆଦେଶ ଦେଇଅଛନ୍ତି ଚଳିତ ନବମ୍ବର ମାସ ତା ୧୪ ଋଖଠାରୁ ତା ୧୮ ଋଖ ପର୍ଯ୍ୟନ୍ତ ବାଙ୍କିରେ ୧୯ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ାରେ ଓ ତା ୨୨ ଓ ୨୩ ଋଖରେ କଳାପଥରଠାରେ କଚେରୀ କରିବେ । ବାଦୀ ପଣ୍ଡିତ ଶ୍ରୀ ଗୋବିନ୍ଦ ରଥଙ୍କୁ ଉକ୍ତ ସ୍ଥାନମାନରେ ପ୍ରମାଣ ଦେବା ନିମନ୍ତେ ଆଦେଶ ହୋଇଅଛି ।

———

ଏଠା କଲେକ୍ଟରୀ ଅବକାରୀ ବିଭାଗର ହେଡ କିରାଣୀ ବାବୁ ବୈକୁଣ୍ଠନାଥ ସେନ କେତେକ ସରକାରୀ ପୋଡ଼ିଯିବା ଯୋଗ୍ୟ କାଗଜକୁ ନ ପୋଡ଼ାଇ କଣ୍ଟ୍ରାକ୍ଟରସ୍ଥ ଅଫିମ ଭେଣ୍ଡର ପଦନ ସାହୁଙ୍କୁ ୯ ୬ ଙ୍କା ମୂଲ୍ୟରେ ବିକ୍ରୟ କରିଥିଲେ । ଅବକାରୀ ଡେପୁଟି କଲେକ୍ଟର ବାବୁ ନିତ୍ୟାନନ୍ଦ ଘୋଷ ଏହା ଜାଣି ପାରି କଲେକ୍ଟର ସାହେବଙ୍କୁ ରିପୋର୍ଟ କରିଥିଲେ । ହେଡ଼ କିରାଣୀଙ୍କଠାରୁ କୈଫିୟତ ଗ୍ରହଣ କରି ଗତ ଶନିବାର ଦିବସ କଲେକ୍ଟର ସାହେବ ମହୋଦୟ ତାଙ୍କୁ ସସ୍ପେଣ୍ଡ କରି ତାଙ୍କ ବିରୁଦ୍ଧରେ ଦଣ୍ଡବିଧି ଆଇନର ଧା ୪୦୬ ଅନୁଯାୟୀ ମୋକଦ୍ଦମା ଚଳାଇବାର ଆଦେଶ ପ୍ରଦାନ କରିଅଛନ୍ତି । ମୋକଦ୍ଦମା ଡେପୁଟି ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଡେଭିଡସନ ସାହେବଙ୍କୁ ସୁପର୍ଦ୍ଦ ହୋଇଅଛି ।

———

ସନ ୧୮୫୭ ସାଲର ଅଫଗାନ ସ୍ଥାନର ଗୋଲମାଲ ସମୟରେ ପ୍ରଧାନ ନେତାମାନଙ୍କ ମଧ୍ୟରେ ନାଡ଼ାମୁଲ୍ଲା ଏକଜଣ ଥିଲେ । ସେ ଅନେକ ବର୍ଷ ପୂର୍ବରେ ସର୍ଦ୍ଦାର ଦକହୁଲା ଖାଁଙ୍କ ଧର୍ମଗୁରୁ ଥିଲେ କିନ୍ତୁ ଘରୁ ଅମୀର ଅବଦୁର ରହମାନ ଖାଁଙ୍କ ଅପ୍ରୀତିଭାଜନ ହେବାରୁ ଜୀବନ ରକ୍ଷାର୍ଥେ ଦେଶ ତ୍ୟାଗ କରିଥିଲେ । ବର୍ତ୍ତମାନ ଦକହୁଲା କାବୁଲ ସିଂହାସନାରୂଢ଼ ହୋଇଅଛନ୍ତି ସୁତରାଂ ପୁରାତନ ଗୁରୁଙ୍କ ସ୍ମରଣ ହୋଇଅଛି ଓ ତାଙ୍କୁ କାବୁଲକୁ ଡକାଇଅଛନ୍ତି । ମୁଲ୍ଲାଙ୍କ ବୟସ ଏକଶତ ହେବ । ବ୍ରିଟିଶଙ୍କ ବିରୁଦ୍ଧରେ ତାଙ୍କର ଯେଉଁ ଶିଷ୍ୟମାନେ ଦଣ୍ଡାୟମାନ ହୋଇଥିଲେ, ମୁଲ୍ଲା ସେମାନଙ୍କୁ ଭୁଲିବେ ନାହିଁ ବୋଲି ପ୍ରତିଜ୍ଞା କରିଅଛନ୍ତି । ଏହାଙ୍କର ଆଗମନଦ୍ୱାରା ବିପଦର ଆଶଙ୍କା ହେଉଅଛି କାରଣ ସେ ସର୍ବଦା ଦୁରଭିସନ୍ଧି କାର୍ଯ୍ୟରେ ନିଯୁକ୍ତ ଥାଆନ୍ତି ।

———

ଖଜଣା ବାକି ଆଦାୟ ନିମନ୍ତେ କୃଷିର ହଳୁଆ ବଳଦ କ୍ରୋକ ହେବା ବିଷୟରେ ଏକ ସର୍କୁଲାର, ରେଭେନ୍ୟୁ ବୋର୍ଡଙ୍କ ଗୋଚରରେ ଆସିବାରୁ ଗବର୍ଣ୍ଣମେଣ୍ଟଙ୍କ ଆଦେଶମତେ ବୋର୍ଡ ହୁକୁମ ପ୍ରଚାର କରିଅଛନ୍ତି ଏ ପ୍ରକାର ରୀତି ଆଇନ ବିରୁଦ୍ଧ ଅଟେ ଓ କୌଣସି ସ୍ଥଳରେ ଏ ପ୍ରକାର କାର୍ଯ୍ୟ କରାଯିବ ନାହିଁ । କୃଷିର ଶେଷ ସମ୍ବଳ ହଳ ଓ ବଳଦ, ଏହା ଯେବେ ଖଜଣା ନିମନ୍ତେ କ୍ରୋକ ହେଲା ତେବେ କୃଷିର କୃଷକାର୍ଯ୍ୟ ବନ୍ଦ ହେଲା ସୁତରାଂ ଖଜଣା ନିର୍ବାହର ଆଉ ଉପାୟ ନାହିଁ । ସରକାର ବାହାଦୁର ଦେଣା ପରିଶୋଧ ନିମନ୍ତେ ହଳ ବଳଦ କ୍ରୋକର ନିୟମ ଉଠାଇ ଦେଇ ଦୁଃଖୀ କୃଷିର ପରମ ଉପକାର ସାଧନ କରିଅଛନ୍ତି । କୃଷିର ଉପକାର ନିମନ୍ତେ ସରକାର କୃଷିବାଙ୍କ ସ୍ଥାପନର ପ୍ରସ୍ତାବ ଉତ୍ଥାପନ କରିଅଛନ୍ତି । ଏ ପ୍ରକାର ସ୍ଥଳରେ କୃଷିର ଶେଷ ସମ୍ବଳ ରକ୍ଷାର ଚେଷ୍ଟବଣା ଅବଶ୍ୟ କରିବେ ।

———

ଅଯୋଧ୍ୟାର ଲୁଣିରେ କୃଷିବାଙ୍କର କାର୍ଯ୍ୟ ସୁଚାରୁରୂପେ ନିର୍ବାହ ହୋଇଥିବାର ସନ ୧୯୦୦-୧୯୦୧ ସାଲର ସାଲତମାମୀ ରିପୋର୍ଟରୁ ପ୍ରକାଶ ହୋଇଅଛି । ବର୍ଷକ ମଧ୍ୟରେ ୬,୧୬୬ ଟଙ୍କା କର୍ଜ ସକାଶେ ୪୩୯ ଦରଖାସ୍ତ ପଡ଼ିଥିଲା, ତହିଁ ମଧ୍ୟରୁ ୯୪,୯୭୬ ଙ୍କା କରଜାର ୪୩୬ ଦରଖାସ୍ତ ମଞ୍ଜୁର ହୋଇଥିଲା । ଏହି କର୍ଜ ମଧ୍ୟରୁ ୫୩,୦୨୪ ଙ୍କାରେ ହଳୁଆ ବଳଦ ଖରିଦ ହୋଇଥିଲା ଓ

Split by PDF Splitter
Digitized by srujanika@gmail.com

ଟ ୧,୮୧୩ ଙ୍କାରେ ଅନ୍ୟ ମହାଜନ ସବୁର କରଜ ଆଦାୟ ହୋଇଥିଲା । ବର୍ଷକ ମଧ୍ୟରେ ଅସଲ ସୁଧ ସହିତ ଟ ୭,୧୭୪।/୯ ଆଦାୟ ହୋଇଥିଲା ଓ ବର୍ଷ ଶେଷରେ ୧୬,୨୦୮ ଅସଲ ବାକି ରହିଥିଲା । ଅସଲ ଟ ୨୨,୯୫୪ ଙ୍କା କର୍ଜାରେ ସୁଧ ଟ ୨୯୯ ଙ୍କା କଷା ହୋଇଥିଲା । ହାରହାର ସୁଧ ଅତି ସାମାନ୍ୟ ଥିଲା । କୌଣସି ପ୍ରଜା ବଡ଼ୁଁ ବରେ ଦେୱାନୀ ଅଦାଲତର ମଧ୍ୟ ସାହାଯ୍ୟ ହୋଇ ନ ଥିଲା । ଫଳ ସନ୍ତୋଷଜନକ ହୋଇଅଛି ।

---

ଆଗାମୀ ସୋମବାର ଦିନ ସୂର୍ଯ୍ୟୋପରାଗ ହେବ । ଖଡ଼ୀଭିହିଙ୍କ ପଞ୍ଜିକା ମତରେ ଏ ଗ୍ରହଣ ଦିବା ଘ ୧୨।୫୪ ମିନିଟ ସମୟରେ ସ୍ପର୍ଶ ଏବଂ ଘ ୩।୧୫।୩୬ ସମୟରେ ମୋକ୍ଷ ହେବ ଏବଂ ସୂର୍ଯ୍ୟ ମଣ୍ଡଳରୁ ୮ ୟ ଶ ଗ୍ରାସ ହେବ । ତହିଁ ପୂର୍ବଦିନ ଅର୍ଦ୍ଧଗ୍ରହଠାରୁ ଅଳ୍ପ ଭୋଜନ ନିଷେଧ । କୋଚିନ, ମଦୁରା, ତ୍ରିଚିନପଲି ଏବଂ କାଣ୍ଡିଠାରେ ପୂର୍ଣ୍ଣଗ୍ରହଣ ଦୃଷ୍ଟ ହେବ ଏବଂ ଏହା ମି ୧୦ ମିନିଟ କାଳ ସ୍ଥାୟୀ ହେବ । ମହାମହୋପାଧ୍ୟାୟ ଶ୍ରୀ ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କ ପଞ୍ଜିକାରେ ଘ ୧୧।୫୯ ମିନିଟ ସମୟେ ସ୍ପର୍ଶ ଏବଂ ଘ ୩।୩୨ ସମୟେ ମୋକ୍ଷ ହେବ । ବିଶୁଦ୍ଧସିଦ୍ଧାନ୍ତ ପଞ୍ଜିକା ମତରେ ଘ ୧୨।୨୦।୫୭ ରେ ସ୍ପର୍ଶ, ଘ ୩।୫୨।୫୧ ରେ ମୋକ୍ଷ ହେବ । ଇଂରାଜୀ ମତରେ କଲିକତାଠାରେ ଏ ଗ୍ରହଣ ଦିବା ଘ ୧୨।୨୩ ମିନିଟ ସମୟେ ସ୍ପର୍ଶ ଏବଂ ଘ ୩।୫୩ ମିନିଟ ସମୟରେ ମୋକ୍ଷ ହେବ । ଜ୍ୟୋତିର୍ବିତ୍‌ମାନେ କେଉଁ ମତ କେତେଦୂର ଠିକ ତାହା ଅନୁସନ୍ଧାନ କରି ବୁଝିବେ ।

---

ଅଫଗାନିସ୍ଥାନର ନୂତନ ଅମୀର ଘୋଷଣା ଦେଇଅଛନ୍ତି ଯେ ତାଙ୍କ ରାଜ୍ୟର ପ୍ରଜା ଓ ଅନ୍ତିତ ବ୍ୟକ୍ତିମାନେ ଯେ କେହି ରାଜ୍ୟର ଭିତର ଅଂଶର କୌଣସି ଶାସନକର୍ତ୍ତାଙ୍କ ଅତ୍ୟାଚାରଦ୍ୱାରା ବିରକ୍ତ ହୋଇ ଅଥବା ସେମାନଙ୍କ ବିରୁଦ୍ଧରେ ମିଥ୍ୟା ସମ୍ବାଦ ପ୍ରଦାନ ହେବାରେ ଗିରଫଦାର ଭୟରେ ଅନ୍ୟ ବିଦେଶୀୟ ରାଜ୍ୟକୁ ପଳାୟନ କରି ସେଠାରେ ଆଶ୍ରୟ ଗ୍ରହଣ କରିଅଛନ୍ତି, ସେମାନେ ନିରାପଦରେ ସ୍ୱଦେଶକୁ ପ୍ରତ୍ୟାଗମନ କରିପାରିବେ ଓ ଯେଉଁମାନେ ସ୍ୱରାଜ୍ୟରୁ ନିର୍ବାସିତ ହେବା ସମୟରେ ଭୂସମ୍ପତ୍ତିର କ୍ଷୋଭ ଦଣ୍ଡ ପାଇଥିଲେ ସେମାନେ ପ୍ରତ୍ୟାଗମନ କଲେ ସୁସମ୍ପତ୍ତି ପୁନଃ ଲାଭ କରିବେ ଓ ଋଣ ନିମନ୍ତେ କର୍ଜା ପାଇପାରିବେ ଓ ଏକ ବର୍ଷର ଖଜଣା ମାଫ ପାଇବେ ଏବଂ ତକାବି ଦାଦନର ଅର୍ଦ୍ଧାଂଶ ସେମାନଙ୍କର ପ୍ରଥମ ଫସଲରେ ଉସୁଲ ଦେବେ ଓ ବାକି ଅର୍ଦ୍ଧାଂଶ ଗଚ୍ଛିତ ଫସଲର ପ୍ରଥମ କିସ୍ତିରେ ଉସୁଲ ଦେବେ ।

ଏତଦ୍ବ୍ୟତୀତ ଅମୀର ଗତ ସେପ୍ଟମ୍ବର ମାସରେ ହିରଅବଜିଲ୍ଲାରୁ କାବୁଲକୁ ପ୍ରେରିତ କଏଦିମାନଙ୍କୁ ମୁକ୍ତି ପ୍ରଦାନ କରିଅଛନ୍ତି ।

---

ଆମ୍ଭମାନଙ୍କର ନୂତନ ସମ୍ରାଟଙ୍କ ଅଭିଷେକ ଉପଲକ୍ଷରେ ଭାରତର କେତେକ ରାଜାଙ୍କୁ ନିମନ୍ତ୍ରଣ ହୋଇଥିଲା ଯେ ତହିଁ ମଧ୍ୟରୁ ଗୁଆଲିୟର ଏବଂ ଜୟପୁରର ମହାରାଜାମାନେ କୋଲ୍ହାପୁର ଓ ନାଭାର ରାଜାମାନେ ଏବଂ ବାହାବଲପୁରର ନବାବ ବିଲାତରେ ଉପସ୍ଥିତ ହେବାର ଲେଖି ଅଛନ୍ତି । ହାଇଦରାବାଦର ନିଜାମ ପ୍ରଭୃତି ଅନ୍ୟ ରାଜାମାନେ କେତେକ ଅସୁବିଧା ହେତୁ ଯାଇ ନ ପାରିବାର ଜଣାଇଅଛନ୍ତି । ସ୍ଥାନାଭାବରୁ ଅନେକ ରାଜାଙ୍କୁ ନିମନ୍ତ୍ରଣ କରି ନ ପାରି ଆମ୍ଭମାନଙ୍କର ସମ୍ରାଟ ଜଣାଇଅଛନ୍ତି ଯେ ଦିଲ୍ଲୀଠାରେ ଆଗାମୀ ସନ ୧୯୦୩ ମସିହା ଜାନୁୟାରି ମାସର ତା ୧ ଖରେ ବଡ଼ଲାଟଙ୍କ କର୍ତ୍ତୃକ ଏକ ଦରବାର ହେବ ଏବଂ ରାଜାମାନେ ଉକ୍ତ ଦରବାରରେ ସମୁପସ୍ଥିତ ହେଲେ ଅଭିଷେକ ଉପଲକ୍ଷେ ବିଲାତରେ ଉପସ୍ଥିତ ହେବାର ଗଣ୍ୟ କରାଯିବ । ଏଠାରୁ ଦେଶୀୟ ଓ ଇଂରାଜଙ୍କ ପକ୍ଷରୁ କେତେକ ଲୋକ ବଛା ହୋଇ ବିଲାତକୁ ଯିବେ ମଧ୍ୟ ବଛା ହୋଇ ସରକାରୀ ସେନାଦଳ ଏବଂ ସାମ୍ରାଜ୍ୟ କାର୍ଯ୍ୟର ସେନା ମଧ୍ୟ ପ୍ରେରିତ ହେବେ । ସାମ୍ରାଜ୍ୟ ସେନାର ଅଧିନାୟକ ପଦରେ ଏତଦୁପଲକ୍ଷେ ଯୋଧପୁରର ସର୍ ପ୍ରତାପ ସିଂହ ମନୋନୀତ ହୋଇଅଛନ୍ତି ।

---

ବଙ୍ଗପ୍ରଦେଶର ସନ ୧୯୦୦ । ୧୯୦୧ ସାଲର ଷ୍ଟାମ୍ପ ରାଜସ୍ୱର ବାର୍ଷିକ ତାଲିକାରୁ ପ୍ରକାଶ ଯେ ଷ୍ଟାମ୍ପ ଏବଂ କୋର୍ଟଫିସ ଏହି ଉଭୟ ଆଇନାନୁସାରେ ସର୍ବସୁଦ୍ଧା ୧,୮୪,୩୪,୨୫୨୧ ଙ୍କା ଆୟ ହୋଇଥିଲା ତହିଁ ପୂର୍ବ ବର୍ଷର ଆୟ ଟ ୧,୮୨,୬୮,୮୮୧ ଙ୍କା ଥିଲା ସୁତରାଂ ୧୫ ଲକ୍ଷ ଟଙ୍କାରୁ କିଛି ଅଧିକ ବଢ଼ିଅଛି । ଏହି ବୃଦ୍ଧି କେବଳ ସାଧାରଣ ଷ୍ଟାମ୍ପରେ ଘଟିଅଛି । ନଲୁବା ମୋକଦ୍ଦମା ସଂକ୍ରାନ୍ତ ଅଥବା ଜୁଡିସିୟଲ ଷ୍ଟାମ୍ପର ଆୟ ଊଣା ପଡ଼ିଅଛି । ଛୋଟ ଅଦାଲତରେ ମୋକଦ୍ଦମା ଊଣା ପଡ଼ିବା ତହିଁର କାରଣ ଅଟେ । ଅଦାଲତ ସମ୍ବନ୍ଧୀୟ କେବଳ ଗୋଟିଏ ଦାରୁଣ ଅର୍ଥାତ୍ ନକଲ ନେବାର ଷ୍ଟାମ୍ପ ବିକ୍ରୟ କିଛି ବଢ଼ିଅଛି । ସାଧାରଣ ଷ୍ଟାମ୍ପ ଅଧିକ ବିକ୍ରୟ ହେବାର ପ୍ରଧାନ ହେତୁ ତମସୁକ କବାଲା ଇତ୍ୟାଦି ବର୍ଷକୁ ବର୍ଷ ଅଧିକ ହେଉଅଛି । ସରକାର ଯାହା ବୁଝନ୍ତୁ ପଛକେ ଆମ୍ଭମାନଙ୍କ କ୍ଷୁଦ୍ରବୁଦ୍ଧିରେ ଏହା ଦରିଦ୍ରତାର ପ୍ରମାଣ ବିନା ଅନ୍ୟ କିଛି ନୁହେ । ଦରିଦ୍ରତା ହେତୁ ଲୋକେ ଋଣ ଏବଂ ସମ୍ପତ୍ତି ବିକ୍ରୟ କରୁଅଛନ୍ତି ଏବଂ ଅସଚ୍ଚରିତ୍ର ହେଉଅଛନ୍ତି । ତହିଁରେ ସରକାରଙ୍କର ଲାଭ ହେଉଅଛି । ଦେୱାନୀ ମୋକଦ୍ଦମା ଊଣା ହେବାର ଗୋଟିଏ କାରଣ ମଧ୍ୟ ଦରିଦ୍ରତା ଅଟେ ।

---

ଷ୍ଟେଟସମାନ ପତ୍ରିକାର ଯାଜପୁର ସମ୍ବାଦଦାତା ଲେଖିଅଛନ୍ତି ଯେ ଯାଜପୁରଠାରେ ଦୁଇ ମାସ ପୂର୍ବରେ ପୋଷ୍ଟ ଅଫିସରୁ ଟଙ୍କା ଚୋରି ଯାଇଥିଲା କିନ୍ତୁ ତାହା ପ୍ରକାଶ ହୋଇ ନ ଥିଲା । ଏ ବିଷୟ ପୋଷ୍ଟ ଅଫିସର ଇନସ୍ପେକ୍ଟରଙ୍କ ଗୋଚରରେ ଆସିବାରୁ ସେ ତଦନ୍ତ କରୁଅଛନ୍ତି । ବିଷୟଟି ଏହି ଯେ ଯାଜପୁରର ମେଲ ଓଭରସିୟର ପୀଡ଼ିତ ଥିବାରୁ ସ୍ଥାନୀୟ ପୋଷ୍ଟମାଷ୍ଟର ଡାକ ଥଳରେ ଟ ୫୦୦ ଙ୍କା ଅହିୟାସକୁ ପଠାଇ ଥିଲେ । ଯାଜପୁରରୁ ଅହିୟାସକୁ ଡାକ ଗଲେ ବାଟରେ ରାମବାଗ ପୋଷ୍ଟ ଅଫିସ ପଡ଼େ । ଉକ୍ତ ରାମବାଗ ପୋଷ୍ଟଅଫିସ ଜଣେ ସ୍କୁଲ ଶିକ୍ଷକ ଅଧୀନରେ ଅଛି । ଉପରୋକ୍ତ ମେଲ ବା ଡାକ ରାମବାଗରେ ପହଞ୍ଚିଲା ସରକ ପୋଷ୍ଟମାଷ୍ଟର ନ ଥିଲେ ସେ ଅନ୍ୟ କାର୍ଯ୍ୟରେ ବାହାରକୁ ଯାଇଥିଲେ । ମୁନସୀ ପୋଷ୍ଟମାନ ଛୁଟି ନେଇ ଥିଲା, ସେ ସମୟରେ କେବଳ ଏକ ହରକରା ଓ ମୁନସୀ ପୋଷ୍ଟମାନର ପୁତ୍ର (ଯେ କି ବାପଙ୍କ ନାମରେ ଏକଟିଂ କରୁଥିଲା) ଉପସ୍ଥିତ ଥିଲା । ପୋଷ୍ଟମାଷ୍ଟରର ଅନୁପସ୍ଥିତି ଅଥବା ଅନ୍ୟ କାରଣରୁ ଯାଜପୁର ମେଲ ସେହି ଦିନ ଅହିୟାସକୁ ନ ଯାଇ ରାମବାଗରେ ବନ୍ଦ ହୋଇ ପଡ଼ି ତହିଁ ପର ଦିବସ ସକାଳେ ଅହିୟାସରେ ପହଞ୍ଚିଲା । ଅହିୟାସ ପୋଷ୍ଟ ମାଷ୍ଟର ଥଳ ଖୋଲି ଦେଖିଲେ ଯେ ଥଳ ଟଙ୍କାରୁ ତିନିଶ ଟଙ୍କା କମ୍ ଓ ଥଳର ମୋହର ଭଙ୍ଗା ହୋଇଅଛି । ସେ ଏତଦ୍ବିଷୟ ଯାଜପୁର ପୋଷ୍ଟ ମାଷ୍ଟରଙ୍କୁ ଜଣାଇବାରେ ପୋଷ୍ଟ ମାଷ୍ଟର ମେଲ ଓଭରସିୟରଙ୍କୁ ସମସ୍ତ ହାଲ କହିଲେ । ଓଭରସିୟର ତାଙ୍କ କାର୍ଯ୍ୟରେ ତ୍ରୁଟି ହୋଇଥିବାର ଜାଣି କରି ଓ ଭବିଷ୍ୟତରେ ପେନସନର ବ୍ୟାଘାତ ଭୟ କରି ନିଜ ହାତରୁ ଟ ୩୦୦ ଙ୍କା ଦେଲେ । ଏହିପରି ହୋଇ କଥାଟି ମୀମାଂସା ପାଇଥିଲା ।

---

ଭାରତ ଗବର୍ଣ୍ଣମେଣ୍ଟ ସରକାରୀ ଅଫିସ ପ୍ରଭୃତିର ସାଧାରଣ ଛୁଟି ବିଷୟରେ ଏକ ହୁକୁମ ପ୍ରଚାର କରିଅଛନ୍ତି । ଏହା ଗତ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ସେଥିର ସାରାଂଶ ନିମ୍ନେ ପ୍ରଦତ୍ତ ହେଲା ଭାରତେଶ୍ୱରଙ୍କ ଜନ୍ମ ଦିବସ ମଇ ମାସ ତା ୨୪-

Split by PDF Splitter
Digitized by srujanika@gmail.com

Split by PDF Splitter


ଷଷ୍ଠ ଓ ବର୍ତ୍ତମାନ ସମ୍ରାଟଙ୍କ ଜନ୍ମଦିନ ନବେମ୍ବର ତା ୯ ରିଖ ସାଧାରଣ ଛୁଟୀ ଦିବସ ହେବ। ଗୁଡ୍ ଫ୍ରାଇଡ଼େ, ତହିଁ ପର ଦିବସ ଓ ଇଷ୍ଟର ମନ୍ଡ଼େ ଅର୍ଥାତ୍ ଶୁକ୍ରବାର, ଶନିବାର ଓ ସୋମବାର ଭାରତର ସର୍ବତ୍ରରେ ଛୁଟୀ ଦିବସ ହେବ। ବଡ ଦିନ ଛୁଟି ଡିସେମ୍ବର ତା ୨୪ର ଷଠାରୁ ଜାନୁୟାରୀ ପହିଲା ତାରିଖ ଯାଏ ହେବ କିନ୍ତୁ ତା ୨୪ ରିଖ ରବିବାର ପଡିଲେ ତା ୨୩ ରିଖଠାରୁ ଛୁଟୀ ହେବ ଓ ସରକାରୀ ଅଫିସ୍‌ସବୁରେ ଡିସେମ୍ବର ମାସର ୨୪, ୨୫, ୨୬, ୨୭ ଓ ୩୧ ତାରିଖ ଛଡା ୨୮, ୨୯ ଓ ତା ୩୦ ରିଖମାନ ସୁଦ୍ଧା ଛୁଟୀ ହେବ। କୌଣସି ବର୍ଷ ଜାନୁୟାରୀ ମାସ ପହିଲା ତାରିଖ ରବିବାର ପଡିଲେ ତା ୨ ରିଖ ଦିବସ ସାଧାରଣ ଛୁଟୀ ହେବ।

ସ୍ଥାନୀୟ ଛୁଟୀ ଦିବସ ପୂର୍ବ ପରି ରହିବ ମାତ୍ର ସରକାରୀ ଅଫିସରେ କୌଣସି କର୍ମଚାରୀ କାର୍ଯ୍ୟରେ ଅବହେଳା ଅବା ଅମନୋଯୋଗୀ ହୋଇଥିଲେ ତାଙ୍କର ଧର୍ମାନୁଯାୟୀ ପବିତ୍ର ଦିବସ ହୋଇ ନ ଥିଲେ ସେ ଛୁଟୀ ପାଇ ପାରିବେ ନାହିଁ। ସ୍ଥାନୀୟ ଛୁଟୀଦ୍ୱାରା ସରକାରୀ କାର୍ଯ୍ୟର କୌଣସି ବ୍ୟାଘାତ ନ ହେଲେ ଛୁଟୀ ମିଳିବ କିନ୍ତୁ ଖ୍ରୀଷ୍ଟିୟାନ ଛୁଟୀ ସବୁରେ ସମସ୍ତେ ଛୁଟୀ ପାଇବେ ସେଥିରେ ଜାତି ଧର୍ମର ବିଚାର ରହିବ ନାହିଁ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଅଠମଲ୍ଲିକର ମହାରାଜା ଶ୍ରୀ ମହେନ୍ଦ୍ର ଦେଓ ସାମନ୍ତ ଗତ ତା ୨ ରିଖରେ ଇହ ସଂସାର ପରିତ୍ୟାଗ କଲେ। ମହାରାଜା କେତେକ ଦିବସ ହେଲା କଣ୍ଠମୂଳ ରୋଗରେ କଷ୍ଟ ପାଉଥିଲେ ଓ ଅବଶେଷରେ ସେହି ରୋଗ ତାଙ୍କର ପ୍ରାଣ ନେଲା। ମହାରାଜାଙ୍କ ନାମ ଓଡ଼ିଶାରେ ବିଶେଷ ବିଖ୍ୟାତ। ଅଠମଲ୍ଲିକ ଅଠର ଗଡ଼ଜାତ ମଧ୍ୟରେ ସାମାନ୍ୟ ରାଜ୍ୟ ହୋଇଥିଲେ ସୁଦ୍ଧା ମହାରାଜାଙ୍କ ଆୟ ଅନେକ ବଡ଼ ବଡ଼ ଗଡ଼ଜାତ ରାଜାମାନଙ୍କର ଆୟ ସଙ୍ଗେ ସମାନ ଥିଲା। ଏହାର କାରଣ ମହାରାଜା ସ୍ୱବୁଦ୍ଧି କୌଶଳରେ ରାଜ୍ୟର ଆୟ ବୃଦ୍ଧି କରିଥିଲେ ପ୍ରଜାମାନଙ୍କୁ ଉତ୍ପୀଡ଼ନ କରି ରାଜ୍ୟର ଆୟବୃଦ୍ଧି କରାଯାଇ ନ ଥିଲା। ସେ ଆପଣାର ପାଣ୍ଠି ବୃଦ୍ଧି କରିବା ନିମନ୍ତେ ବ୍ୟବସାୟରେ ପ୍ରବୃତ୍ତ ଥିଲେ। ରାଜ୍ୟର ସୁଶାସନ ହେତୁ ପ୍ରଜାମାନଙ୍କର ପ୍ରିୟପାତ୍ର ଥିଲେ। ଦୁର୍ଭିକ୍ଷ ସମୟରେ ନିଜ ବୁଦ୍ଧି ବଳରେ ପ୍ରଜାମାନଙ୍କୁ ରକ୍ଷା କରିଥିଲେ ବୋଲି ସରକାରଙ୍କଠାରୁ ମହାରାଜା ଉପାଧି ପ୍ରାପ୍ତ ହୋଇଥିଲେ। ମହାରାଜାଙ୍କ ଦୟାଶୀଳତା ଅସୀମ। ଏମନ୍ତ କୌଣସି ସଦନୁଷ୍ଠାନ ହୋଇ ନାହିଁ ଯହିଁରେ ଅଠମଲ୍ଲିକ ମହାରାଜା ସାହାଯ୍ୟ କରି ନାହାନ୍ତି ଓ ଉକ୍ତ ସାହାଯ୍ୟ ପ୍ରାୟ ଅଧିକାଂଶ ସ୍ଥଳରେ ଆଶାତୀତ। ମହାରାଜାଙ୍କ ଗୁଣ ବର୍ଣ୍ଣନା କରିବାକୁ ଆମ୍ଭମାନଙ୍କ କ୍ଷୁଦ୍ର ପତ୍ରିକାରେ ସ୍ଥାନ ନାହିଁ ମାତ୍ର ଗୁଣୀ ମହାତ୍ମାମାନଙ୍କର ଗୁଣ ବର୍ଣ୍ଣନା ନ କରିବା ଦୋଷ ମଧ୍ୟରେ ଗଣ୍ୟ। ମହାରାଜାଙ୍କ ଦାନ କେବଳ ସାଧାରଣ କାର୍ଯ୍ୟରେ ସୀମାବଦ୍ଧ ନ ଥିଲା। ମହାରାଜାଙ୍କ ଦାନର ଏକ କୀର୍ତ୍ତି ଆମ୍ଭମାନଙ୍କ ନିକଟରେ ବିଦ୍ୟମାନ। ହିନ୍ଦୁମାନଙ୍କର ଆଦରଣୀୟ ପୁସ୍ତକ ପଣ୍ଡିତସର୍ବସ୍ୱ ମୁଦ୍ରାଙ୍କନ କରି ଓ ବିନାମୂଲ୍ୟରେ ବିତରଣ କରି ହିନ୍ଦୁମାନଙ୍କର ବିଶେଷ ଅଭାବ ଦୂରୀଭୂତ କରିଅଛନ୍ତି। ମହାରାଜା ସ୍ୱୟଂ ଶାସନ କାର୍ଯ୍ୟରେ ନିପୁଣ ଥିଲେ କେତେକବର୍ଷ ହେବ ଏକଜଣ ଦେଓ୍ୱାନ ରଖିଅଛନ୍ତି ମଧ୍ୟ ତାଙ୍କର ଟିକାଏତ ବାବୁଙ୍କୁ ଶାସନ କାର୍ଯ୍ୟର ଶିକ୍ଷା ଦେଉଥିଲେ। ଆମ୍ଭେମାନେ ଆଶା କରୁଁ ନବ ରାଜା ତାଙ୍କ ପିତାଙ୍କ ଗୁଣରେ ଅଲଙ୍କୃତ ହୋଇ ରାଜ୍ୟଶାସନ କରିବେ। ମହାରାଜାଙ୍କ ମୃତ୍ୟୁସମ୍ବାଦରେ ଓଡ଼ିଶାର ସମସ୍ତେ ଦୁଃଖିତ ହେବେ। ମହାରାଜାଙ୍କ ବୟସ ୫୫ ବର୍ଷ ହୋଇଥିଲା ସୁତରାଂ ବହୁ ବୟୋଧିକ ହୋଇ ନ ଥିଲେ। ବର୍ତ୍ତମାନ କାଳରେ ମହାରାଜାଙ୍କ ପରି ଦେଶହିତୈଷୀ, ଦୟାବାନ୍, ସତ୍ୟବାନ୍, ସୁଶୀଳ, ବୁଦ୍ଧିଜୀବୀ, ନିଷ୍ଠାବାନ୍ ଧାର୍ମିଷ୍ଠ, ପ୍ରଜାପାଳକ, ଓ ନ୍ୟାୟପରାୟଣ ଲୋକ ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ। ଅବଶେଷରେ ଆମ୍ଭେମାନେ ଈଶ୍ୱରଙ୍କ ନିକଟରେ ବିନୀତଭାବରେ ପ୍ରାର୍ଥନା କରୁଅଛୁଁ ଯେ ତାଙ୍କର ଆତ୍ମାର ସଦ୍‌ଗତି ହେଉ ଓ ତାଙ୍କର ପରିବାରବର୍ଗଙ୍କୁ ଈଶ୍ୱର ଏ ଦୁଃସହ ଦୁଃଖ ସମୟରେ ଶାନ୍ତି ଦେଉନ୍ତୁ।

---

## ପ୍ରଜାର ଦୁରବସ୍ଥାର ହେତୁ କି?

ବଙ୍ଗଳାର ବିଖ୍ୟାତ ଭାରତ ହିତୈଷୀ ଶ୍ରୀଯୁକ୍ତ ଡିଗବି ସାହେବ ଏବଂ ଉତ୍ତରପଶ୍ଚିମର ସଦାଶୟ ଲେଫ୍ଟେନାଣ୍ଟ ମାନ୍ୟବର ସର ଆଣ୍ଟନି ମାକଡୋନେଲଙ୍କ ମଧ୍ୟରେ ଭାରତୀୟ ପ୍ରଜାର ଅବସ୍ଥା ସମ୍ବନ୍ଧରେ ମହା ତର୍କବିତର୍କ ଉପସ୍ଥିତ ହୋଇଅଛି। ଡିଗବି ସାହେବ ସରକାରୀ କାଗଜଦ୍ୱାରା ଦେଖାଇଅଛନ୍ତି ଯେ ଭାରତୀୟ ପ୍ରଜାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଏବଂ ସେମାନେ କ୍ରମାଗତ ଅଧୋଗତିକୁ ଯାଉଅଛନ୍ତି। ଲେଫ୍ଟେନାଣ୍ଟ ମହୋଦୟ କହନ୍ତି ଯେ ପ୍ରଜାର ଅବସ୍ଥା ଯେପରି ହେବା ବାଞ୍ଛନୀୟ ସେପରି ନ ହେଲେହେଁ ତେତେ ଶୋଚନୀୟ ନୁହେ ଓ ପ୍ରଜାର ଦୁଃଖ [illegible] ଅଛି। ଯଥା; ୧—ବୃଷ୍ଟିର ଅସ୍ଥିରତା, ୨—ଜମିଦାରଙ୍କ ଅତିରିକ୍ତ ବ୍ୟୟ କରିବା ଏବଂ ଉଚ୍ଚ ବଳନ୍ତରରେ ଟଙ୍କା ଋଣ ନେବା ହେତୁ ଅତ୍ୟନ୍ତ ଋଣଗ୍ରସ୍ତତା, ୩—ଅନେକ ଲୋକ ଏକତ୍ରେ ରହିବା ହେତୁ ଯୋତ ଜମିର ପରିମାଣ କ୍ରମାଗତ ହ୍ରାସ ଏବଂ ନିକଟରେ ଉର୍ବର ଜମି ସୁପ୍ରାପ୍ତ ହେଲେହେଁ ଆପଣା ଗ୍ରାମ ଛାଡି ସେଠାକୁ ଯିବା ବିଷୟରେ କାତରତା ଏବଂ ୪ର୍ଥ କ୍ଷେତକୁ ଜଳ ଯୋଗାଇବାର ଉପାୟର ଅପ୍ରତୁଳତା। ଡିଗବି ସାହେବ ତହିଁର ପ୍ରତିବାଦ ସ୍ୱରୂପ କହୁଅଛନ୍ତି ଯେ ତାହାଙ୍କ ପ୍ରଦର୍ଶିତ ଅଙ୍କମାନଙ୍କର ସମାଲୋଚନା କରି ମାନ୍ୟବର ଲେଫ୍ଟେନାଣ୍ଟ ଗଭର୍ଣ୍ଣର ସାଧାରଣ କଥା ଯାହା ଲେଖିଅଛନ୍ତି ତାହା ଉତ୍ତର ନୁହେ। ବୃଷ୍ଟିର ଅସ୍ଥିରତା ସକଳ ଦେଶରେ ଏବଂ ସକଳ ସମୟରେ ରହିଅଛି। ଏ ସ୍ଥଳେ ପୂର୍ବାପେକ୍ଷା ଏଣିକି ଭାରତୀୟ ପ୍ରଜାଙ୍କୁ ତାହା ଅଧିକ ବାଧିବାର କଥା ହେଲେ ଦେଖାଯାଉ ନାହିଁ। ବିଶେଷତଃ ପ୍ରଥମ କାରଣର ପ୍ରତିକାର ୪ର୍ଥ କାରଣରେ ରହିଅଛି ଅର୍ଥାତ୍ ଯେବେ ଇରିଗେସନଦ୍ୱାରା ବର୍ଷାକାଳର ଅନାବୃଷ୍ଟିଜନିତ କଷ୍ଟ ନିବାରଣ ହେବାର ଉପାୟ ଅଛି ତେବେ ଯେପରିମାଣରେ ତାହା ଅବଲମ୍ବିତ ହୋଇ ନାହିଁ ସେପରିମାଣରେ ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟକର୍ମରେ ତ୍ରୁଟି ହେବାର ସ୍ୱୀକାର କରିବାକୁ ହେବ। ୨ୟ କାରଣ ସମ୍ବନ୍ଧରେ ସେ କହୁଅଛନ୍ତି ଯେ ନିର୍ଦ୍ଦିଷ୍ଟ ପ୍ରତିବର୍ଷ ପଡିବାର ନେଣିକ ଥାଉ ଏକସ୍ଥଳରେ ପାର୍ଶ୍ୱଜାତିର ପରେ ଏବଂ ଅନ୍ୟ ଶ୍ରେଣୀର ଲୋକଠାରୁ କୃଷିମାନେ ତହିଁରେ ଅଧିକ ବ୍ୟୟ କରିବାର ଦେଖା ନାହିଁ। ଏଥିରେ ସେମାନେ କାହିଁକି ଅଧିକ ଋଣଗ୍ରସ୍ତ ହେବେ। ଏ ବିଷୟରେ ଶ୍ରୀଯୁକ୍ତ ଥରବର୍ଣ୍ଣ ସାହେବ ଯାହା କହିଅଛନ୍ତି ତାହା ଉଦ୍ଧୃତ କରାଯାଏ। ସେ ପଞ୍ଜାବର ପ୍ରଜାମାନଙ୍କର ଅବସ୍ଥା ଉତ୍ତମରୂପେ ଅନୁସନ୍ଧାନ କରି ଦେଖାଇଅଛନ୍ତି ଯେ ପ୍ରଜାର ଋଣଗ୍ରସ୍ତତାର ପ୍ରଧାନ କାରଣ ଉତ୍ପନ୍ନର ଅସମତା ଏବଂ ରୋମେଣ୍ଟାଦ ନିଷ୍ଠୁ। ଏହି ଦୁଇ ଅନିଷ୍ଟର କାରଣ ବୃଷ୍ଟିର ଅସ୍ଥିରତା ଅଟେ। ମାତ୍ର ଯେଉଁଠାରେ ଫସଲ ପୂରା ହେଲେ କି ନ ହେଉ ଓ ରୋମେଣ୍ଟାଦ ମଧ୍ୟ ପଡନ୍ତୁ ବା ନ ପଡନ୍ତୁ ସରକାରଙ୍କର ନିର୍ଦ୍ଧାରିତ ଖଜଣା ଯଥା-ସମୟରେ କୌଣସିମତେ ନ ଦେଲେ ରକ୍ଷା ନାହିଁ ଓ ଛାଡ ଇତ୍ୟାଦି କିଛି ନାହିଁ ସେ ସ୍ଥଳେ ପ୍ରଜାର ଋଣଗ୍ରସ୍ତ ହେବା ଓ ଶେଷକୁ ତହିଁରେ ବୁଡିଯିବା ବିନା ଆଉ କି ଉପାୟ ଅଛି?

---

Digitized by srujanika@gmail.com

Split by PDF Splitter



ବର୍ତ୍ତମାନ ଜନବାଳୁ ସ୍ତ୍ରୀମାନଙ୍କ ସୁଶିକ୍ଷା ପ୍ରାପ୍ତି ଏକାନ୍ତ ମୂଳ କାରଣ ବୁଝି କେତେକ ଭଦ୍ରବ୍ୟକ୍ତି ଏଠାରେ ଗୋଟିଏ ସଂସ୍କୃତ ଟୋଲ ଏବଂ ମାଇନର ଇଂରେଜୀସ୍କୁଲ ସାଧାରଣର ସାହାଯ୍ୟ ଦାନରେ ସ୍ଥାପନ କରାଇଥିବାରୁ ତାହାର ଉନ୍ନତି ନିମିତ୍ତ ଉତ୍କଳୀୟ ସହୃଦୟ ମହାତ୍ମାମାନେ ଯଥାଶକ୍ତି ଅର୍ଥଦାନଦ୍ୱାରା ଉକ୍ତ କାର୍ଯ୍ୟଟି ପରିଚାଳନ କରଉଅଛନ୍ତି ।

ଯେଉଁ ମହାତ୍ମାମାନେ ଏପର୍ଯ୍ୟନ୍ତ ଯାହା ପ୍ରଦାନ କରିଅଛନ୍ତି ତାହା ଏତନ୍ନିମ୍ନେ ପ୍ରକାଶିତ ।

କେବଳ ସଂସ୍କୃତ ଟୋଲ ନିମିତ୍ତ—

ଶ୍ରୀ ଶ୍ରୀ କୁଜଙ୍ଗାଧିପତି ମହାରାଜା ଟ ୬୦୦ ଙ୍କ

ମାଇନରସ୍କୁଲ ସାହାଯ୍ୟାର୍ଥେ—

ଶ୍ରୀ ଶ୍ରୀ ଢେଙ୍କାନାଳମହାରାଜାଙ୍କ ମଧ୍ୟମପୁତ୍ର ଟ ୫୦୦ଙ୍କା

" " ବାମଣ୍ଡା ମହାରାଜା ଟ ୫୦୦ଙ୍କା

" " କେନ୍ଦୁଝର ମହାରାଜା ଟ ୩୦୦ଙ୍କା

" " ମୟୂରଭଞ୍ଜ ମହାରାଜା ଟ ୨୦୦ଙ୍କା

" " କଳିକୋଟ ମହାରାଜା ଟ ୧୫୦ଙ୍କା

" " ହିନ୍ଦୋଳ ମହାରାଜା ଟ ୫୦ଙ୍କା

" " ବିଶାଖାପଟ୍ଟନ ବିକ୍ରମଦେବ ବର୍ମ୍ମା ଟ ୨୦୦ଙ୍କା

" " ଝିକଲ ରଘୁନାଥପୁର ରାଜା ଟ ୨୦ଙ୍କା

ଶ୍ରୀମତୀ ପାରଳା ରାଣୀ ମହୋଦୟା ଟ ୧୦୦ଙ୍କା

" ନବାଗଡ଼ ରାଣୀ ମହୋଦୟା ଟ ୫୦ଙ୍କା

ଶ୍ରୀ ଶ୍ରୀ ସାମନ୍ତ ଗୁଲମଣିଦାସ ଇଙ୍ଗାରପୁର

ଜେଣ୍ଟିୟସ୍ତ ଟ ୨୭ଙ୍କା

" " ରାଧାକୃଷ୍ଣଦାସ ଟ ୧୦୦ଙ୍କା

ରାୟ ହରିବଲ୍ଲଭ ବୋଷ ବାହାଦୁର

କଟକ ଟ ୧୦୦ଙ୍କା

ବାବୁ ଉପେନ୍ଦ୍ରମୋହନ ସିଂହ ଡେଃ

କଲେକ୍ଟର ଟ ୫ ଙ୍କା

" ହଲସାହେବ ଡେଃ ମାଜିଷ୍ଟ୍ରେଟ ଟ ୫ ଙ୍କା

" ମଧୁସୂଦନରାଓ କଟକ ଟ୍ରେନିଂସ୍କୁଲ

ହେଡମାଷ୍ଟର ଟ ୧୦ଙ୍କା

" ଶଶୀଭୂଷଣରାୟ କଟକ କାଲୀଗଞ୍ଜ ଟ ୫ଙ୍କା

ବାବୁ ଜଗନ୍ନାଥରାଓ ଅଠମଲ୍ଲିକ

ମାନେଜର ଟ ୧୦ଙ୍କା

" ବ୍ରଜକିଶୋର ସିଂହ ମ୍ୟାନେଜର ଟ ୨ଙ୍କା

" ଦ୍ୱାରିକାନାଥ ପାଲିତ କଟକ ଟ ୨ଙ୍କା

" ଦେବୀଲାଲସାଓ ରାୟ ଟ ୨୫ଙ୍କା

ଭବାନୀପୁରର ଏକଜଣ ଶୁଭକାଙ୍କ୍ଷୀ ଟ ୫ଙ୍କା

ପଣ୍ଡିତ ଭଗବାନ ମିଶ୍ର ଭୁବନେଶ୍ୱର ଟ ୧୦ଙ୍କା

" ନୀଳକଣ୍ଠ ମିଶ୍ର ଭୁବନେଶ୍ୱରସ୍କୁଲ ଟ ୩ଙ୍କା

ବାବୁ ମାଧବଚନ୍ଦ୍ର ମିଶ୍ର ସଦର କାନୁନ

ଗୋ ପୁରୀ ଟ ୩ଙ୍କା

ଭୁବନେଶ୍ୱର } ବଶମ୍ବଦ
ତା ୩୧।୧୦।୦୧ } ଶ୍ରୀ ବ୍ରଜମୋହନଦାସ
ସମ୍ପାଦକ

## ମୂଲ୍ୟପ୍ରାପ୍ତି ।

ମୁନସୀ ମହମଦ ଅବଦୁଲ ବରମ ଟ ୧ ୧
ଶ୍ରୀ ପଦ୍ମନାଭ ଠାକୁର ସବରେଜିଷ୍ଟ୍ରାର ଉଦୟପୁର କୋଃ ଟ ୩ ୧
" ରାଧାମୋହନ ଘୋଷ ଜମିଦାର ତିର୍ତ୍ତୋଲ ଟ ୩ ୧

# ବିଜ୍ଞାପନ ।

ଭକ୍ତ କବି ଜଗନ୍ନାଥ ଦାସଙ୍କ କୃତ ଓଡ଼ିଆ ଏକାଦଶସ୍କନ୍ଧ ଭାଗବତ ଅନେକ ଦିନରୁ ଅସ୍ମମାନଙ୍କ ଦେଶରେ ପ୍ରଚଳିତ ଅଛି । ବର୍ତ୍ତମାନ ହବିଧସଂଗ୍ରହ ପ୍ରକାଶକ ବାବୁ ମାଧବ ଲାଲ ଅନେକ ବଙ୍ଗ ଲୋକମାନଙ୍କ ସାହାଯ୍ୟରେ ସଂସ୍କୃତ ଏକାଦଶସ୍କନ୍ଧର ପ୍ରତ୍ୟେକ ଶ୍ଳୋକ ସଙ୍ଗେ ଉକ୍ତ ଓଡ଼ିଆ ପଦ୍ୟକୁ ମିଳାଇ ଖଣ୍ଡିଏ ଏକାଦଶସ୍କନ୍ଧ ପ୍ରକାଶ କରିଅଛନ୍ତି ପ୍ରତ୍ୟେକ ଖଣ୍ଡର ସୁଲଭ ମୂଲ୍ୟ ଟ ୦।୵ । କଟକର ସମସ୍ତ ପୁସ୍ତକ ବିକ୍ରେତାଙ୍କ ନିକଟରେ ଏବଂ ଅସ୍ମ ନିକଟରେ ତତ୍ତ୍ୱ କଲେ ମିଳି ପାରିବ ।

କଟକ } ଶ୍ରୀ ସୁଦର୍ଶନ ଚନ୍ଦ୍ର ଶର୍ମ୍ମା ।
ସୂତାହାଟ }

# ବିଜ୍ଞାପନ ।

## ବ୍ୟବହାର କରନ୍ତୁ ! ବ୍ୟବହାର କରନ୍ତୁ ! !

ଏ, ସଟନ ଏଣ୍ଡ କୋର ଆଶ୍ଚର୍ଯ୍ୟ ଔଷଧାବଳୀ ।

ଭାରତବାସୀ ରୋଗୀଙ୍କର ଆଉ ଭୟର କାରଣ ନାହିଁ ।

ସାଲସା ପ୍ୟାରିଲା ଟନିକ—ଏହା ସର୍ବୋତ୍କୃଷ୍ଟ ରକ୍ତ ପରିଷ୍କାରକ, ଦାହକ ବୋଷିକାଇକ ଓ ବଳକାରକ ସାଲସା । ଉପଦଂଶ ( ଗରମୀ ବେଗମୀ ) ଓ ପାରଦ ବ୍ୟବହାର ଜନିତ ସର୍ବପ୍ରକାର ରୋଗ, ଦଣ୍ଡ, ବାତ, ଦେହ ଫାଟ ଓ ଘୋଡ଼ର ଛଡା ଛଡା ଦାଗ ଏବଂ ସର୍ବପ୍ରକାର ଚର୍ମ୍ମରୋଗର ଏହା ଏକମାତ୍ର ମହୌଷଧ । କ୍ଷୁଧାବୃଦ୍ଧି ଓ କୋଷ୍ଠ ପରିଷ୍କାର ଓ ଦୁର୍ବଳତା ଦୂର କରିବାକୁ ଏହା ଅଦ୍ୱିତୀୟ ଅଟେ । ରୋଗୀମାନେ ଅବେଗୀ, ବାଳକ ଓ ବୃଦ୍ଧ ସମସ୍ତଙ୍କର ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ଶିଶିଏ ଖାଇବାକୁ ଅବଶ୍ୟକ,

ମୂଲ୍ୟ ଟ ୧୷ ମାସୁଲ ଟ ୦।

ଅଣ୍ଟି ଗନୋରିଆ ନିକ୍ସାର ।—ନୂତନ ଓ ପୁରାତନ ମେହ, ମୂତ୍ରନଳୀର ପ୍ରଦାହ ଓ କ୍ଷତ, ଗ୍ରନ୍ଥିବହଳୀର ଜ୍ୱାଳା ଓ ରକ୍ତପାତ, ଶୁକ୍ର ତାରଲ୍ୟ, ମୂତ୍ରକୃଚ୍ଛ୍ର, ଫୋପାଫୋପ ଫୋଟକା ପ୍ରସ୍ରାବ, ଅପରିମିତ ଶୁକ୍ରକ୍ଷୟ, ଦୌର୍ବଲ୍ୟ, ସ୍ନାୟୁଦୌର୍ବଲ୍ୟ ଏବଂ ସ୍ୱପ୍ନଦୋଷ ଇତ୍ୟାଦି ଜନନେନ୍ଦ୍ରିୟ ରୋଗର ଏହା ଏକମାତ୍ର ମହୌଷଧ । ଶରୀରକୁ ବଳିଷ୍ଠ ଓ ନିର୍ଦ୍ଦୋଷ କରିବାକୁ ଏହା ତୁଲ୍ୟ ଆଉ ଔଷଧ ଆବିଷ୍କୃତ ହୋଇ ନାହିଁ । ଅତି ଭୟାନକ ଜ୍ୱାଳା ଯନ୍ତ୍ରଣା ୨୪ ଘଣ୍ଟା ମଧ୍ୟରେ ଆରୋଗ୍ୟ ହୁଏ ଏବଂ ରୋଗୀ ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୋଇ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୁଏ ।

ମୂଲ୍ୟ ଟ ୧୷ ମାସୁଲ ଟ ୦।

ଘରଗେହୋଲ ।—ଧାତୁ ଦୌର୍ବଲ୍ୟ, ଧାତୁ ତାରଲ୍ୟ ସ୍ୱପ୍ନଦୋଷ, ଇନ୍ଦ୍ରିୟ ଶୈଥିଲ୍ୟ, ପୁରୁଷତ୍ୱ ହାନି, ଶୁକ୍ରସ୍ଖଳନ ଅବେଳେ ପ୍ରସ୍ରାବ, କୋଷ୍ଠ କାଠିନ୍ୟ ପ୍ରଭୃତି ଯାବତୀୟ ଶୁକ୍ର ପୀଡ଼ାର ନଷ୍ଟ ମହୌଷଧ । ଏହାକୁ ସେବନ କଲେ ନଷ୍ଟ ପୁରୁଷ ଓ ଶରୀର ନବ ଜୀବନ ବଳୀୟାନ ହୋଇ ସ୍ୱାଭାବିକ କାନ୍ତି ପ୍ରାପ୍ତ ହୁଏ । ଯଦ୍ୟପି ଏହା ସେବନଦ୍ୱାରା ଧ୍ୱଜଭଙ୍ଗ ରୋଗ ଆରୋଗ୍ୟ ନ ହୁଏ ତାହାହେଲେ ତାହା ଆରୋଗ୍ୟ ଆଉ ପ୍ରତିକାର ରହିବ ନାହିଁ ।

ମୂଲ୍ୟ ଟ ୧୷ ମାସୁଲ ଟ ୦।୵

ଡ଼ଂ ଓ୍ୟାରମ ରେମେଡ଼ି ।—ଏହାକୁ ବ୍ୟବହାର କଲେ ସର୍ବପ୍ରକାର ଦାଦ, ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ଆରୋଗ୍ୟ ହୁଏ । ଏହା ତୁଲ୍ୟ ଦାଦ ଔଷଧ ଜଗତରେ ଆଉ ପ୍ରାପ୍ତ ହୁଏ ନାହିଁ । ଥରେ ବ୍ୟବହାର କଲେ ବୁଝି ପାରିବେ ।

ମୂଲ୍ୟ ଟ ୦। ଡାକମାସୁଲ ଟ ୵

ଠିକଣା—ଏ, ସଟନ୍ ଏଣ୍ଡ କୋଂ
ନଂ ୭୫ ପୁର ଧର୍ମ୍ମତଳା ଷ୍ଟ୍ରିଟ କଲିକତା

ବାଳକ ବାଳିକାମାନଙ୍କ ଉପଯୋଗୀ
ନୂତନ ପୁସ୍ତକ ।

# ଉତ୍କଳର କାହାଣୀ ।

ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜ ବି, ଏ, ସଙ୍ଗୃହୀତ, ୮୬ ପୃଷ୍ଠାରେ ସମାପ୍ତ—ମୂଲ୍ୟ ଦୁଇଅଣା । କଟକ ବାଲୁବଜାର ଉତ୍କଳ ସାହିତ୍ୟ ଅଫିସରେ, କଟକର ପ୍ରଧାନ ପୁସ୍ତକ ଦୋକାନମାନଙ୍କରେ, ପୁରୀ ହରଚଣ୍ଡୀ ସାହି ସ୍କୁଲର ହେଡ଼ପଣ୍ଡିତ ଶ୍ରୀ କାଶୀନାଥ ମହାପାତ୍ରଙ୍କଠାରେ, ବାଲେଶ୍ୱର ଟ୍ରେନିଂ ସ୍କୁଲର ଶିକ୍ଷକ ଶ୍ରୀ ନାରାୟଣ ମିଶ୍ରଙ୍କ ଠାରେ ଏବଂ ସମ୍ବଲପୁର ନୟାପଡ଼ାରେ ଶ୍ରୀ ବୃନ୍ଦାବନ ମିଶ୍ରଙ୍କଠାରେ ମିଳିବ ।

# ବିଜ୍ଞାପନ ।

## ପ୍ରାବୃଟ ଅବ୍ୟର୍ଥ ମହୌଷଧ

ମୂଲ୍ୟ ପ୍ରତିଡବା ଟ ୦।୵ ଦୁଅଣା ମାସୁଲ ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ଟ ୦। ଚାରିଅଣାମାତ୍ର । ସର୍ବପ୍ରକାର ଦଦ୍ରୁରୋଗର ଏହାପରି ଉତ୍କୃଷ୍ଟ ପୁଣି ଜ୍ୱାଳା ଯନ୍ତ୍ରଣା ବିହୀନ ଆଶୁ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ । ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରିଅଛନ୍ତି ।

ଔଷଧ ଗ୍ରହଣାର୍ଥୀ ମାନେ ସ୍ପଷ୍ଟରୂପେ ସ୍ୱ ସ୍ୱ ନାମ ଧାମ ଡାକଘର ଜିଲ୍ଲା ଏବଂ ତାହାର କେତେ ଡବା ଔଷଧ ଆବଶ୍ୟକ ତ ଲେଖିଲେ ଔଷଧ ପଠାଇବାର ନାନା ବନ୍ଦୋବସ୍ତ ଉପସ୍ଥିତ ହୁଏ ।

ପ୍ରାପ୍ତିସ୍ଥାନ ।

ଶ୍ରୀ ରାମତାରକ ସେନ
ଦେବ ଉତ୍କଳ ପ୍ରେସ, ବାଲେଶ୍ୱର

Digitized by srujanika@gmail.com

Split by PDF Splitter



ଏହି ଉତ୍କଳଦୀପିକା କଟକ ବଡ଼ ବଜାରସ୍ଥ ଉତ୍କଳ ପ୍ରିଣ୍ଟିଂ କମ୍ପାନି ଲିମିଟେଡ଼ର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Split by PDF Splitter
Digitized by srujanika@gmail.com

ଅତିରିକ୍ତ ଉତ୍କଳ ଦୀପିକା ତା ୨୬ ରିଖ ନଭେମ୍ବର ସନ ୧୯୦୨ ମସିହା ।

## ସାପ୍ତାହିକ ସମ୍ବାଦ ।

ଫ୍ରାନସ ଓ ତୁରଷ୍କ ମଧ୍ୟରେ ପୁଣି ଗୋଳଯୋଗ ଉପସ୍ଥିତ ହେବାର ଶୁଣା ଯାଏ । ଫ୍ରାନ୍ସର ନୌସେନାଙ୍କ ଯୁଦ୍ଧଜାହାଜ ମିଟିଲେନ ଦ୍ୱୀପରେ ତୁରସ୍କର କଷ୍ଟମସ୍ ମାସୁଲ ଘରକୁ ଦଖଲ କରିଅଛନ୍ତି । ବଦରକୁ ଚାପ ଦେବାର ଅଧିକ କ୍ଷମତା ପାଇଅଛ ଏବଂ ଭଲ୍ଭରେ ପାଠଦାନ ମଧ୍ୟ ସମ୍ଭବ ।

ପାର୍ସିମାନଙ୍କର ମୃତଦେହ ବୋମ୍ବାଇ ଠାରେ ସବାହ ଉଦ୍ଧାର ତାଙ୍କ ଟାୱାର ଅଫ ସାଇଲେନ୍ସ (Tower of silence) ଦିଆଯାଏ । ଅଲ୍ପଦିନ ହେଲେ ସେଠାକୁ ଗୋଟିଏ ପିଲାର ମୃତଦେହ ନେଇ ଦେଲେନ୍ ବେଡ଼ାକଲେ ସେ ପିଲାଟି ବଞ୍ଚିଛି । ତହୁଁ ସେଠାରୁ ବାହାରିବାକୁ ସମ୍ଭବ ହୋଇଲେ ତୁରନ୍ତ ଲବ୍ଧ ହେଲା ଯେ ପିଲାଟି ଅଧମରା ହୋଇ ଥିଲେ ତାକୁ ପେଲିଦେଇ ଅଣିଲେ । ପିଲାଟି ଅଧମରା ହୋଇ ଥିବାରୁ ଲେକେ ପିଲାଟିକି ଫେରାଇ ଆଣିଲେ ମାତ୍ର ହସ୍ପିଟାଲକୁ ପଠାଇ ଦିଆଯିବା ପରେ ପିଲାଟି ମରିଗଲା ।

ବୋମ୍ବାଇଠାରେ ଗୋଟିଏ ପିଲା ନଦୀ ଦେଇ ଯିବାରୁ କୁମ୍ଭୀର ତାକୁ ଧରିବା ସମୟରେ ପ୍ରକାଶ ହେଲା ଯେ ସେଠା କୃଷ୍ଣାନଦୀସ୍ଥ ପାଣିର ଭିତରୁ ଉଠି ଆସିବା କାରଣ ସେ ୨୫ ଗଜରୁ ମାତ୍ର ଅଣି ତାହାର ମାଡ଼ା ମାରିଲା ଯାହା ଧରି ପିଲାର ମୁଣ୍ଡରେ କାଟିଦେଲା । ସେଥିରେ ଲୋକଙ୍କ ମାତ୍ର ଲାଗାର ହାତରୁ ଖସି ପିଲାଟି ତଳେ ପଡ଼ି ଶ୍ୱାସରୁଦ୍ଧ ହୋଇ ପିଲାଟି ମରିଗଲା ।

ଭାଗଲପୁରର ସୀତାମାଥ ଘୋଷ ଅଧଣାଙ୍କ ବୃଦ୍ଧ ପିତାଙ୍କୁ ପ୍ରହାର କରି ମୃତ କରାଇ ଦେବାରୁ ଏକବର୍ଷ ସଶ୍ରମ କାରାଦଣ୍ଡ ପାଇଥିବାର ସମ୍ବାଦ ମିଳଇ ।—ପିତୃଭକ୍ତ ବଣିକ ଦୃଷ୍ଟା ହୋଇଥିବାର ଦେଖାଯାଏ ।

ବର୍ଦ୍ଧମାନର ଗ୍ରାମରେ ଜଣେ ପଣ୍ଡିତ ଚୌଧୁରୀ ଗୋଟିଏ ବଧୂଙ୍କୁ ସାତମାଇଲ ଲେଖା ଓ ଶ୍ୱଶୁର ଉଭୟ ଦେବାର ଅମଳାଇ ତାଙ୍କୁ ଘଟକ ଜର ବାହାଘରରୁ ୧୦୦ ଟଙ୍କା ନେଇଥିବାରୁ ମାସ ଜେଲ ଓ ୫୦ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ ହୋଇଥିବାର ସମ୍ବାଦ ମିଳଇ ।

---

## ବିଜ୍ଞାପନ ।

**ବ୍ୟବହାର କରନ୍ତୁ ! ବ୍ୟବହାର କରନ୍ତୁ !!**

**ଏ, ସର୍ବନ ଏଣ୍ଡ କୋର ଅଦ୍ଭୁତ ଔଷଧାବଳୀ ।**

**ଲୋକବାସୀ ରୋଗିଙ୍କର ଆଉ ଭୟର କାରଣ ନାହିଁ ।**

ସାଲସା ପାରିଲା ୫ମକ—ଏହା ସର୍ବୋତ୍କୃଷ୍ଟ ରକ୍ତ ପରିଷ୍କାରକ, ପାରଦ ଦୋଷନାଶକ ଓ ବଳକାରକ ସାଲସା । ଉପଦଂଶ (ଗରମୀ ବେଦନୀ) ଓ ପାରଦ ବ୍ୟବହାର ଜନିତ ସବସ୍ପ୍ରକାର ରୋଗ, କଣ୍ଡୁ, ଦାଦ, ଦେହ ହାତ ଓ ଗୋଡ଼ର ଫଟାଫଟା ଦାଗ ଏବଂ ସର୍ବପ୍ରକାର ଚର୍ମରୋଗର

ଏହା ଏକମାତ୍ର ମହୌଷଧ । କ୍ଷୁଧାବୃଦ୍ଧି ଓ କୋଷ୍ଠ ପରିଷ୍କାର ଓ ବୃଦ୍ଧତା ଦୂର କରିବାକୁ ଏହା ଅଦ୍ୱିତୀୟ ଅଟେ । ରୋଗୀମାନ୍ତ୍ର ଅବେଗୀ, ବାଳକ ଓ ବୃଦ୍ଧ ସମସ୍ତଙ୍କର ସ୍ୱାସ୍ଥ୍ୟ ରକ୍ଷଣ ନିମନ୍ତେ ଲିଖିବ ଖାଇବାର ଆବଶ୍ୟକ,

ମୂଲ୍ୟ ଟ ୧୩ ମାସୁଲ ଟ ୦ ୧

---

ଅଗ୍ନି ଇନ୍ଦୋରଷ୍ଟାର ମିକ୍ଚର ।—ନୂତନ ଓ ପୁରାତନ ମେହ, ମୂତ୍ରନଳୀର ପ୍ରଦାହ ଓ ସ୍ଥିତ, ମୂତ୍ରାଶୟଗତ ଶୂଳ ଓ ରକ୍ତପାତ, ସପୂଯ ଅନ୍ତ୍ରବିଚ୍ଛେଦ, ମୂତ୍ରକୃଚ୍ଛ, ଫୋପାଫୋପା ଜୋଡ଼ାସ୍ରା ପ୍ରସ୍ରାବ, ଅପରିମିତ ଶୁକ୍ରକ୍ଷୟ, ଦୌର୍ବଲ୍ୟ, ଶିରୋ ଦୂର୍ଦ୍ଧର ଏବଂ ସର୍ବ ଯୋନି ଇତ୍ୟାଦିର ଔପସର୍ଗିକ ମେହର ଏହା ଏକମାତ୍ର ମହୌଷଧ । ଶରୀରକୁ ବଳାଧିକ୍ୟ ଓ ନିର୍ଦ୍ଦୋଷ କରିବାକୁ ଏହା ତୁଲ୍ୟ ଆଉ ଔଷଧ ଅଦ୍ୟାବଧି ହୋଇ ନାହିଁ । ଅତି ଉତ୍କଟ ଯାତନା ଯନ୍ତ୍ରଣା ୨୪ ଘଣ୍ଟା ମଧ୍ୟରେ ଆରୋଗ୍ୟ ହୁଏ ଏବଂ ରୋଗୀ ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୋଇ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୁଏ ।

ମୂଲ୍ୟ ଟ ୧୩ ମାସୁଲ ଟ ୦ ୧

---

ଘଳ ଗ୍ଲେଟୋଲ ।—ଧାତୁ ଦୌର୍ବଲ୍ୟ, ଧାତୁ ତାରଲ୍ୟ ସ୍ୱପ୍ନଦୋଷ, ଇନ୍ଦ୍ରିୟ ଶୈଥିଲ୍ୟ, ପୁରୁଷତ୍ୱ ହାନି, ଶୁକ୍ରମେହତା ଅଣ୍ଡେଲିକ୍ତ ପ୍ରସ୍ରାବ, କୋଷ୍ଠ କାଠିନ୍ୟ ପ୍ରଭୃତି ଯାବତୀୟ ଶୁକ୍ର ପୀଡ଼ାର ମହୌଷଧ ମହୌଷଧ । ଏହାକୁ ସେବନ କଲେ ମନ ସ୍ଫୂର୍ତ୍ତିରେ ଓ ଶରୀର ନବ ବଳରେ ବଳୀୟାନ ହୋଇ ସ୍ୱାଭାବିକ କାନ୍ତି ପ୍ରାପ୍ତ ହୁଏ । ଯଦ୍ୟପି ଏହା ସେବନ ଦ୍ୱାରା ଧ୍ୱଜଭଙ୍ଗ ରୋଗ ଆରୋଗ୍ୟ ନ ହୁଏ ତାହା ହେଲେ ଦେଖା ଶାସ୍ତ୍ରର ଆଉ ଅଦ୍ଧକାର ରହିବ ନାହିଁ ।

ମୂଲ୍ୟ ଟ ୧୩ ମାସୁଲ ଟ ୦ ।୵

---

ଦଂଶାଗ୍ନି ମେହର ।—ଏହାକୁ ବ୍ୟବହାର କଲେ ସର୍ବପ୍ରକାର ଦାଦ, ୨୪ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ । ଏହା ତୁଲ୍ୟ ଆଉ ଔଷଧ ଜଗତରେ ଅଦ୍ୟ ପ୍ରାପ୍ତ ହୁଏ ନାହିଁ । ଥରେ ବ୍ୟବହାର କଲେ ବୁଝି ପାରିବେ ।

ମୂଲ୍ୟ ଟ ୦ ୩ ଡାକମାସୁଲ ଟ ।୵

ଠିକଣା—ଏ, ସର୍ବନ ଏଣ୍ଡ କୋଂ
ନ ୪୫ ସୁକ ଅର୍ମରଲା ଷ୍ଟ୍ରିଟ କଲିକତା

---

## ବିଜ୍ଞାପନ ।

ଓଡ଼ିଶା ଡିଭିଜନର କମିଶନର ଶ୍ରୀଲ ଶ୍ରୀଯୁକ୍ତ ବାବୁ ନଗେନ୍ଦ୍ରନାଥ ବସୁ ରାୟ ବାହାଦୁର ମହାଶୟଙ୍କର ଇନ୍ସ୍ପେକ୍ଟର ପ୍ରଜାସ୍ୱତ୍ୱ ଆଇନ ବହୀ ଓ ଖାରିଜ ଦାଖଲ ସମ୍ବନ୍ଧୀୟ ନିୟମ—

ଓଡ଼ିଶା ପ୍ରଦେଶରେ ପ୍ରଚଳିତ ଥିବା ଆ ୧୦ ଆଇନ ଓ ବଙ୍ଗୀୟ ପ୍ରଜାସ୍ୱତ୍ୱ ବିଷୟକ ଆ ୮ ଆଇନର ବଧାନ ମତେ ଆଗ, ଯାହା,

Split by PDF Splitter



ଗୃହକୀ ପ୍ରଭୃତି ଉପୃଗି ସ୍ୱତ୍ୱ ପୂର୍ବ ନେମ୍ନୋ ଅଂଶିକ ପ୍ରଜାମାନଙ୍କର ବିକ୍ରୀ କରିବାର ଅଧିକାର ନାହିଁ ଓ ମଧ୍ୟସ୍ୱତ୍ୱ ଏବଂ ଲାଖରାଜବାଜ୍ୟାପ୍ତି ପ୍ରଭୃତି ସ୍ୱତ୍ୱ ଜମିଦାରଙ୍କ ସମ୍ମତି ବ୍ୟତିରେକେ ଅଂଶିକ ବିକ୍ରୀ କରିବାର କ୍ଷମତା ନାହିଁ ।

ଓଡ଼ିଶା ବିଭାଗର ଅନ୍ୟ ଇଲାକାର ପ୍ରଜା-ମାନଙ୍କୁ ଏଥିଦ୍ୱାରା ନିଷେଧ କରାଯାଉଅଛି ଯେ ସେମାନଙ୍କ ମଧ୍ୟରେ ଜମିଦାର ମହାଶୟଙ୍କର ବିନା ମଞ୍ଜୁରରେ ଉପର ଲିଖିତ ମତ ଜମି ଜମା ନୃଗ ନେମ୍ନୋ ଅଂଶିକ ଖରିଦ ବିକ୍ରୀ କରିବେ ନାହିଁ ସେରୂପ ଖରିଦ ବିକ୍ରୀ କଲେ ଜମିଦାର ମହାଶୟ ତାହା ମଞ୍ଜୁର କରିବେ ନାହିଁ ମଧ୍ୟ ସେପରି ଖରିଦଦାରଙ୍କୁ ଅଧିକାନୁସାରେ ଖରିଦ ସ୍ୱତ୍ୱରୁ ବେଦଖଲ କରିବେ ।

ହାଲ ବନ୍ଦୋବସ୍ତର ଖତିଆନ ଲିଖିତ କେହି ପ୍ରଜା ଉପର ଲିଖିତ ମତ ଜମିଦାର ମହାଶୟଙ୍କ ମାନେଜରଙ୍କର ବିନା ଅନୁମତିରେ ଖରିଦ ବିକ୍ରୀ କରିଥିଲେ ସେମାନଙ୍କ ପକ୍ଷେ ଉପରୋକ୍ତ ନିୟମ ସମ୍ପୂର୍ଣ୍ଣ ବର୍ତ୍ତିବ ।

ପ୍ରଜାମାନଙ୍କ ମଧ୍ୟରେ କେହି ସେମାନଙ୍କର କୌଣସି ସ୍ୱତ୍ୱର ଜମି ଜମା ବିକ୍ରୀ କରିବାକୁ ଇଚ୍ଛା କଲେ ସେମାନେ କଟକ ମୁକାମ ସଦର କଚେରୀରେ ଶ୍ରୀଯୁକ୍ତ ମାନେଜରଙ୍କ ନିକଟ ଦାଖଲ ହୋଇ ମଞ୍ଜୁରୀ ହୁକୁମ ନେଇ ଖରିଦ ବିକ୍ରୀ କରି ପାରିବେ ମାନେଜରଙ୍କ ଆଦେଶ ବ୍ୟତୀତ ମଫସଲ ତହସିଲଦାରମାନଙ୍କର ଅନୁ-ମତିରେ ଖରିଦ ବିକ୍ରୀ ମଞ୍ଜୁର ହେବ ନାହିଁ ଓ ସେମାନଙ୍କୁ ଖରିଦ ବିକ୍ରିର ଅନୁମତି ଦେବା ନିମନ୍ତେ କିଛିମାତ୍ର କ୍ଷମତା ଦିଆ ହୋଇ ନାହିଁ ଏ ନିୟମ ପୂର୍ବାପର ପ୍ରଚଳିତ ଥିବ ଅତଏବ ଖାରଜ ଦାଖଲ ଖରିଦ ବିକ୍ରୀ ସମ୍ବନ୍ଧେ ଅନୁମତି ଦେବା ଓଗେର ଯାବତୀୟ କାର୍ଯ୍ୟ ମାନେଜରଙ୍କ ମଞ୍ଜୁର ବ୍ୟତୀତ ହେବ ନାହିଁ ।

---

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନା-ରସୀ ମାଲ ଖରିଦର ନାନାସ୍ଥାନର ସନ୍ଥା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେଉଁଝର, ଆଠମଲ୍ଲିକ, ରାଏଗଡ଼, ସରାଇକଲା, ସୋନପୁର, ପାଟଣା, [illegible], ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଅଠଗଡ଼, ଗାଙ୍ଗପୁର, ତଇଲାକୋଟା, ଝିଡ଼ିଜପୁର ପ୍ରଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଡିଂଷ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବକ୍ଷ୍ୟ ସଦାସେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଟୋପି, ଚେଲା, ଶଂଖାପ, ବାସ୍ତା, ସଙ୍ଗୀ, ଦୋପଟ୍ଟ ମହଲ, ଶିରରେ ବାନ୍ଧିବାର ପେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ଇତ୍ୟାଦି [illegible] ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ଦାନ୍ତ ପ୍ରଭୃତି ବରାତ ଅନୁସାରେ ତିଆରି କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାକୁ ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରିବୁଁ ।

ଡାକରେ ପତ୍ର ପଠାଇ ଜିନିଷ ମଗାଇ-ଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇ-ବାକୁ ହେବ ଲେଖିବା ଆବଶ୍ୟକ । ଚିଠିରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଇଂରାଜୀ ଅକ୍ଷରରେ ଆମ୍ଭର ନାମ ଓ ଠିକଣା ହିନ୍ଦୀ ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାରସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରନ୍ତ ହେବା ମାସୁଲ ମାଲ ମଗାଇବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲ୍ଟମାଲ ଭୋଲାନାଥ
କୁଞ୍ଜଗଲି ଫାଟକ ବନାରସ ସିଟି

---

ଓଁ ମୂଲ୍ୟ ନେଉ ।



Whitefield & C…
watches, Engine-t…
uncut real compensa…
15 jewels, guarant…
spare spring, glass, …
case Extra.
Silver ca…
800—10…
Open face Rs 18 0…
Hunting Rs 20 0…
Half hunting 25 0…
Besides all sort…
watches, chains, cloc…
kept in stock and s…
in the company's fir…

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

# THE UTKAL DIPIKA.

ଭା ୩୬ ଶ } CUTTACK, SATURDAY THE 23RD NOVEMBER 1901. { ଅଗ୍ରୀମ ଟ ୩୧

ସଂ ୪୭ ସଂଖ୍ୟା } ତା ୯ ଇ ମାର୍ଗଶିର ସନ ୧୩୦୯ ସାଲ ଶନିବାର { ପଶ୍ଚାଦେୟ ଟ ୬୯





Whitefield & Co's Keyless and Lever watches, Engine-turned or Engraved case, uncut real compensation balance, very strong 15 jewels, guaranteed for 3 to 5 years, with spare spring, glass, Morocco leather or velvet case Extra.

| | Silver case 800—1000 | 14 Carat Gold | 18 Carat Gold |
|---|---|---|---|
| Open face | Rs 18 0 0 | Rs 70 0 0 | Rs 90 0 0 |
| Hunting | Rs 20 0 0 | Rs 75 0 0 | Rs 95 0 0 |
| Half hunting | 25 0 0 | Rs 80 0 0 | Rs100 0 0 |

Besides all sorts of West End & Co's watahes, chains, clocks Time pieces are always kept in stock and supplied at rates available in the company's firm.

S. ABDUL AZIZ
Watch Importer
CUTTACK


## NOTICE.

Wanted a Surveyor on Rs. 40 with a travelling allowance of Rs, 10 per mensem for six months for the Keunjhar State There is a chance of permanent employment. None need apply who has no practical knowledge, Preference will be given to one having English knowledge. Applications should reach the undersigned before the 20th November 1901

Keunjhar 28th October 1901 } Gopal Bulhub Dass Dewan For the Moharaja.

## NOTICE

Wanted a Sub Auditor for the Office of the Examiner of Accounts Mourbhunj State, on a salary of Rs. 30 rising to Rs. 40 by biennial increments of Rs. 2-8. Service pensionable. Applications with copies of testimonials will be received by the undersigned up to the 28th Instant.

Mourbhunj The 12th November 1901. } Nani Madhab Mukherji *Examiner of Accounts* Mourbhunj State Via Balasore

## ବିଜ୍ଞାପନ ।

ନୂତନ ପୁସ୍ତକ ! ନୂତନ ପୁସ୍ତକ !!

## କଥାଲହରୀ

ବା

## ଉତ୍କଳ କାହାଣୀ ସଂଗ୍ରହ ।

( Folk Tales of Orissa )

ଶ୍ରୀ ଘନଶ୍ୟାମ ଦାସ ବି, ଏ, ପ୍ରକାଶିତ, କଟକ ନର୍ମାଲ ସ୍କୁଲର ହେଡ଼ ମାଷ୍ଟର ମାନନୀୟ ଶ୍ରୀଯୁକ୍ତ ବାବୁ ମଧୁସୂଦନ ରାଓଙ୍କଦ୍ୱାରା ବହୁ ପ୍ରଶଂସିତ । ଏଥିରେ ଗୋଟି ମନୋହର ବହୁ ସଂଖ୍ୟକ ଦେଶୀୟ ଗଳ୍ପ ସରଳ ଓ ହୃଦୟଗ୍ରାହୀ ଭାଷାରେ ବର୍ଣ୍ଣିତ ହୋଇଅଛି । ଆବାଲ ବୃଦ୍ଧ ବନିତା ପଢ଼ି ଆନନ୍ଦ ଉପଲବ୍ଧି କରିବେ । ବିଶେଷତଃ ବାଳକ ବାଳିକା ଓ ସ୍ତ୍ରୀଲୋକମାନଙ୍କୁ ଉପହାର ଦେବା ନିମନ୍ତେ ଏହା ନିତାନ୍ତ ଉପଯୋଗୀ । ପିଲ୍ଲମାନେ ଏଥିରୁ ଖଣ୍ଡିଏ ପାଇଲେ ଆନନ୍ଦରେ ନୃତ୍ୟ କରିବେ; ସ୍ତ୍ରୀଲୋକମାନେ ପାଇଲେ ଆପଣା ଘର ଗଣ୍ଠିଧନ କରିବେ । କଟକରେ ସମସ୍ତ ପୁସ୍ତକଦୋକାନରେ, ଦେଶକ ଛାପାଖାନାରେ, କଲେକ୍ଟରଙ୍କ ପ୍ରକାଶକଙ୍କ ବସାରେ ଶ୍ରୀବାବୁ ଭୁବନାନନ୍ଦ ଦାସଙ୍କ ନିକଟରେ ପୁରୀଜିଲ୍ଲା ବାଲିପାଟଣା ମୁକାମର ପୋଷ୍ଟମାଷ୍ଟର ପଣ୍ଡିତ ଶ୍ରୀ ଭବାନନ୍ଦଙ୍କ ନିକଟରେ ନିମାପଡ଼ା ସ୍କୁଲର ହେଡପଣ୍ଡିତ ଶ୍ରୀ ସଦାନନ୍ଦ ସାହୁଙ୍କ ନିକଟରେ, ପୁରୁଷୋତ୍ତମ ମାଟିମଣ୍ଡପ ସାହି ଶ୍ରୀବାବୁ ସାଧୁଚରଣଦେ ମହୋଦୟଙ୍କ ବସାରେ ଖୋରଧାର ପେନଶନପ୍ରାପ୍ତ ନାଜର ଶ୍ରୀବାବୁ ସପେନଶ୍ୱର ରାୟଙ୍କ ବସାରେ ମିଳିବ । ବହି ଖୁବ୍ ବଡ଼ ପୃ ୧୫୦ ସ୍ତାରୁ ଊର୍ଦ୍ଧ୍ୱ କାଗଜ ଉତ୍କୃଷ୍ଟ ବନ୍ଧାଇ ମୂଲ୍ୟ ଅଠଅଣା ମାତ୍ର । କଲେକ୍ଟରଙ୍କ ଶ୍ରୀ ଭୁବନାନନ୍ଦ ଦାସଙ୍କ ନିକଟରୁ ନଗଦ ଖ ୧୦ ଖଣ୍ଡ କିଣିଲେ ଏକଖଣ୍ଡ ଉପହାର ଦିଆଯିବ ।

## ବିଜ୍ଞାପନ ।

କାୟସ୍ଥ ସଭା ଆଗାମୀ ବର୍ଷ ନିମନ୍ତେ ଏକଜଣ ଅସହାୟ କାୟସ୍ଥ ବାଳକର ଶିକ୍ଷାଭାର ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି । ପଠନେଚ୍ଛୁ କାୟସ୍ଥ ବାଳକମାନେ ସ୍ୱୟଂ ଅଥବା ଅଭିଭାବକଙ୍କଦ୍ୱାରା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଆଗାମୀ ଡିସେମ୍ବର ମାସ ତା ୭ ଦିନ ମଧ୍ୟରେ ହୁଇଜଣ ଯୋଗ୍ୟତାପ୍ରାପ୍ତ କାୟସ୍ଥଙ୍କ ସାର୍ଟିଫିକେଟସହ ଦରଖାସ୍ତ କରି ପାରିବେ । ଦରଖାସ୍ତରେ ବୟସ, ପିତାର ନାମ, ଗ୍ରାମ ଓ ଭୂସମ୍ପତ୍ତିର ପରିମାଣ ଉଲ୍ଲେଖ କରିବାକୁ ହେବ ।

କଟକ ୨୩।୧୧।୦୧ } ଶ୍ରୀ ଅକ୍ଷୟକୁମାର ଘୋଷ ସମ୍ପାଦକ, ଦକ୍ଷିଣଗଡ଼ି କାୟସ୍ଥ ସଭା


Split by PDF Splitter

Digitized by srujanika@gmail.com

Split by PDF Splitter



## ଉତ୍କଳଦୀପିକା ।

କଟକ ପ୍ୟାରୀମୋହନ ଏକାଡେମି ନାମକ ଏ ନଗରର ଉଚ୍ଚଇଂରାଜୀସ୍କୁଲଗୃହର ଖରଚ ଅବଶିଷ୍ଟ କାର୍ଯ୍ୟ ଏବଂ ଛାତ୍ରବାସ ନିର୍ମାଣାର୍ଥେ ଟ ୮୦୦୲ ଟଙ୍କା ପ୍ରୟୋଜନ ଏ ବିଭାଗର ଇନିସ୍-ପେକ୍ଟର ଶ୍ରୀଯୁକ୍ତ ଜେ, ଜି, ଗୁପ୍ତସାହେବଙ୍କ ପ୍ରସ୍ତାବ ମତେ ଚାନ୍ଦା ସଂଗୃହୀତ ହେଉଅଛି ଏବଂ ସ୍ୱୟଂ ସାହେବ ମହୋଦୟ ଟ ୫୦୲ ଟଙ୍କା ଚାନ୍ଦା ସ୍ୱାକ୍ଷର କରିଅଛନ୍ତି । ଏଥିମଧ୍ୟରେ ନିମ୍ନଲିଖିତ ଚାନ୍ଦା ପ୍ରାପ୍ତ ହେବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ଯଥା—

ଶ୍ରୀଯୁକ୍ତ ମହାରାଜା ମୟୂରଭଞ୍ଜ ଟ ୧୦୦୲
ଶ୍ରୀଯୁକ୍ତ ମହାରାଜା କଟକେ ବାମଣ୍ଡା ଟ ୨୫୲

ଦାତାଙ୍କରୁଁ ଅନ୍ୟ ଦାତାମାନେ ବିଳମ୍ବ କରିବେ ନାହିଁ । କାରଣ ଗୃହ ନିର୍ମାଣର ସମୟ ଉପସ୍ଥିତ ହୋଇଅଛି ।

---

ଆସନ୍ତା ମଙ୍ଗଳବାର କାର୍ତ୍ତିକପୂର୍ଣ୍ଣିମା ହେବ। ପୂର୍ଣ୍ଣିମା ହେବାର ଦ ୪।୨୬ ଘଡ଼ୀ ଅଛି । ତହିଁ ଉତ୍ତାରୁ ସମୁଦ୍ରରେ ରୋହିଣୀ ପ୍ରତିପଦ୍ ସଂଯୋଗ ଉପସ୍ଥିତ ହେବ । ଏ ଗୋଟିଏ ପ୍ରସିଦ୍ଧ ଯୋଗ ଏବଂ ଏଥି ଉପଲକ୍ଷରେ ପୁରୀଠାରେ ଅନେକ ଯାତ୍ରୀ ହେବାର ସମ୍ଭବ ।

---

କାବୁଲର ମୃତ ଆମୀରଙ୍କ ଘାତକହାତରେ ଉତ୍ପୀଡ଼ିତ ହେବା ଏବଂ ନୂତନ ଆମୀରଙ୍କୁ ରକ୍ଷା କରିବା ସକାଶେ ବଡ଼ଲାଟ ମହୋଦୟ ଭାରତରୁ ତିନିଜଣ ପ୍ରଧାନ ମୁସଲମାନଙ୍କୁ କାବୁଲ ପଠାଇଅଛନ୍ତି । ଯଥା—ରାଜା ଜେହାନଦାଦଖାଁ, ଗାଜୀରର ରାଜା ଅତାଉଲ୍ଲାଖାଁ ଯେ ପୂର୍ବେ କାବୁଲରେ ଇଂରାଜଙ୍କର ଏଜେଣ୍ଟ ସ୍ୱରୂପ କାର୍ଯ୍ୟ କରୁଥିଲେ । ହାଇଦରାବାଦଙ୍କ ପୁତ୍ର ସାହେବ ଯାଦାମହମ୍ମଦ-ଉଲ୍ଲାଖାଁ, ମୁଲତାନର ବାହାବଲଦ୍ଦିଗରମଣ୍ଟ ଓଲଙ୍କ ସ୍ୱିଲ ସେଶ ଜଯ୍ୟାଳ ହୁଣ୍ଡେନ କୋଲେଟି ଏବଂ ମହମ୍ମଦଯାରଖାଁ ସାହେବଜାଦ । ଏ ମହାଶୟମାନେ ଚଳିତମାସ ତା ୨୦ ରିଖରେ ପେସବାରଠାରୁ କାବୁଲାଭିମୁଖେ ଯାତ୍ରା କରିଅଛନ୍ତି । ଏ ସ୍ଥଳେ ମହାମାନ୍ୟ ଲାଟମହୋଦୟ ଦେଶୀୟ ନୀତି ଅବଲମ୍ବନ କରିଅଛନ୍ତି ।

---

ସରକାରୀ କଚେରୀମାନ ପର୍ବୋପଲକ୍ଷରେ ବନ୍ଦ ହେବାର ଯେଉଁ ନୂତନ ନିୟମ ବାହାରିଅଛି ଏବଂ ଯହିଁର ବିବରଣ ଆମ୍ଭେମାନେ ଏଥିପୂର୍ବେ ପ୍ରକାଶ କରିଅଛୁଁ ତହିଁରେ ଛୁଟିର ତାଲ ଖଣ୍ଡ ବୃଦ୍ଧି ହୋଇଅଛି ମୁଣ୍ଡର ବିଷୟ ଅଟେ । ସେସମସ୍ତ ଛୁଟୀ ଛଡ଼ା ପ୍ରତିମାସର ଶେଷ ଶନିବାର କଚେରୀମାନ ବନ୍ଦ ହେବାର ଆଦେଶ ହୋଇଅଛି । ଏହି ଛୁଟୀ ପ୍ରତ୍ୟେକ କଚେରୀର କର୍ତ୍ତା ତାହାଙ୍କ ଉପରିସ୍ଥ ହାକିମଙ୍କର କର୍ତ୍ତୃତ୍ୱାଧୀନରେ ଦେଇ ପାରିବେ ଏବଂ କଚେରୀର ସମସ୍ତ କର୍ମଚାରୀ ତାହା ପାଇବେ କେବଳ ଯେଉଁ ଅମଲା ଅଲମୂଖ ବା ଅନୁପଯୋଗୀ ତାହାର ଏ ଛୁଟୀ ପାଇବାର ଅଧିକାର ନାହିଁ । ଅର୍ଥାତ୍ ଯେ ବେଳାରେ କାର୍ଯ୍ୟ ବାକି ପକାଇଥିବ ସେ ଛୁଟୀ ନ ପାଇ କଚେରୀରେ ଆସି କାର୍ଯ୍ୟ କରିବ ।

---

ଏହି ସପ୍ତାହର ୧୬ଇ ତାରିଖ ମାନ୍ଦ୍ରାଜର ସନ୍ନିକଟରେ ଉଠିଥିବା ପ୍ରବଳ ଝଡ଼ଟିରେ ବୃଷ୍ଟିର ସୃଷ୍ଟି କରିଥିଲା ମାତ୍ର ପୁଲିକଟରୁ ଅଧିକ ଦୂର ନ ଯାଇ ସମୁଦ୍ରକୂଳେ ଚଟ୍ଟଗ୍ରାମ ପର୍ଯ୍ୟନ୍ତ ଯାଇ ନିକଟସ୍ଥ ପର୍ବତରେ ମିଶିଗଲା । ଏଥିଯୋଗୁଁ ଓଡ଼ିଶାରେ ଅଧିକ ଓ ପୂର୍ବବଙ୍ଗରେ ଅଳ୍ପ ବୃଷ୍ଟି ହୋଇଅଛି । ପୁଣି ଓଡ଼ିଶାରେ ସମୁଦ୍ରକୂଳରେ ଯେତେ ଜଳ ବର୍ଷା ହୋଇଅଛି ଭିତରକୁ ସେତେ ନାହିଁ । ଯଥା ବାଲେଶ୍ୱରରେ ୧୧ ଇଞ୍ଚ, ପୁରୀରେ ୯ ଇଞ୍ଚ, କେନ୍ଦ୍ରାପଡ଼ାରେ ୬ ଇଞ୍ଚ, ଯାଜପୁରରେ ୩ ଇଞ୍ଚ, କଟକ ବାଙ୍କି ଏବଂ ଖୋର୍ଦ୍ଧାରେ ୨୳ ଇଞ୍ଚ ଲେଖାଏ, ବାଲେଶ୍ୱରରେ ୧.୭୨ ଇଞ୍ଚ ଏବଂ ଅନୁଗୁଳରେ ୧.୩୦ ଇଞ୍ଚ ବୃଷ୍ଟି ହୋଇଥିଲା । ସମୁଦ୍ରରେ ପ୍ରବଳ ବତାସ ହୋଇଥିଲା ମାତ୍ର କୌଣସି ଜାହାଜର କ୍ଷତି ହୋଇ ନାହିଁ ବିହାର ପ୍ରଦେଶରେ ଆଦୌ ବୃଷ୍ଟି ନାହିଁ ଏବଂ ଦୁର୍ଭିକ୍ଷ ପଡ଼ିବାର ଆଶଙ୍କା ହୋଇଅଛି । ବର୍ଦ୍ଧମାନ, ବୀରଭୂମ ପ୍ରଭୃତି କେତେକ ଜିଲାରେ ବୃଷ୍ଟିର ଅଭାବ ବାଧୁଅଛି ।

---

ଗତ ସୋମବାର ଏଠା ମ୍ୟୁନିସିପାଲ କମିଶନରମାନଙ୍କର ଏକ ବିଶେଷ ଅଧିବେଶନ ହୋଇଥିଲା । ଏଥିରେ ବାବୁ ରାମଶଙ୍କର ରାୟଙ୍କର ଇସ୍ତଫା ଗୃହୀତ ହେଲା ଏବଂ ବାବୁ ଜମାଇଁଚରଣ ଦାସ ଭାଇସ ଚେୟରମାନ ପଦରେ ନିର୍ବାଚିତ ହେଲେ । ରାମଶଙ୍କର ବାବୁ ଭାଇସ ଚେୟରମାନ ସ୍ୱରୂପ ସୁଦୀର୍ଘ କାଳ କାର୍ଯ୍ୟ କରିଥିବା ଏବଂ କମିଶନରମାନେ ଅନିଚ୍ଛାରେ ତାଙ୍କ ଇସ୍ତଫା ଗ୍ରହଣ କରିବାର ରିଜଲ୍ୟୁସନରେ ଲେଖାଅଛି । ମାତ୍ର ପ୍ରକୃତ ସତ୍ୟ ଏବଂ ଜନସାଧାରଣଙ୍କ ଅଭିପ୍ରାୟ ଅନୁସାରେ ଏହାକୁ ମୌଖିକ ସୌଜନ୍ୟତା ଭିନ୍ନ ଆଉ କିଛି ବୋଲି ଯାଇ ନ ପାରେ । କମିଶନରମାନେ ତାଙ୍କର ଅବସର ଗମନରେ ଦୁଃଖ ପ୍ରକାଶ କରିଥିଲେ ଯଥାର୍ଥ ହୋଇଥାନ୍ତା । ଜମାଇଁ ବାବୁ ଭାଇସ ଚେୟରମାନ ହେବାରେ ସମସ୍ତେ ଆନନ୍ଦିତ ଏବଂ ଏଥି ମଧ୍ୟରେ ସେ ଯେମନ୍ତ ପରିଶ୍ରମ ଓ ଯତ୍ନ ସହିତ କାର୍ଯ୍ୟାରମ୍ଭ କରିଅଛନ୍ତି ତହିଁରୁ ଉପଯୁକ୍ତ ପାତ୍ରରେ ଭାର ନ୍ୟସ୍ତ ହେବାର ସ୍ପଷ୍ଟ ଦେଖାଯାଉଅଛି ।

---

ନ୍ୟାସନାଲ କନଗ୍ରେସ ବା ଜାତୀୟ ମହାସମିତି ନାମରେ ଗଣ୍ଡିଏ କ୍ଷୁଦ୍ର ପୁସ୍ତକ ଏ ନଗରେ ଉତ୍କଳସାହିତ୍ୟ ପ୍ରେସରେ ମୁଦ୍ରିତ ଏବଂ କଲିକତାର ଭାରତ ସଙ୍ଘ ଦ୍ୱାରା ପ୍ରକାଶିତ ହୋଇଅଛି । ଏଥିରେ ଜାତୀୟ ମହାସମିତିର ଅଭିପ୍ରାୟ ଏବଂ କାର୍ଯ୍ୟ ସଂକ୍ଷେପରେ ଜନସାଧାରଣଙ୍କୁ ବୁଝାଇ ଦେବା କାରଣ ଏହା ପ୍ରକାଶିତ ହୋଇଅଛି । ଆଗାମୀ ବଡ଼ଦିନ ଛୁଟିରେ ଏହି ମହାସମିତିର ଏ ବର୍ଷର ଅଧିବେଶନ ଲାହୋରଠାରେ ହେବ । ସୁତରାଂ ଓଡ଼ିଆମାନଙ୍କର ଏଥିରେ ଯୋଗ ଦେବା ଏକାନ୍ତ ପ୍ରୟୋଜନ । ଏଥିପାଇଁ ପ୍ରକାଶକମାନେ ଏ ୫୦୦୦ ଖଣ୍ଡ ପୁସ୍ତକ କେବଳ ବିତରଣ ସକାଶେ ଓଡ଼ିଆ ଭାଷାରେ ଛପା କରାଇଅଛନ୍ତି । ଏ ନଗର ବାଲୁବଜାର ଉତ୍କଳସାହିତ୍ୟ ପ୍ରେସରେ ଅଥବା ଗଙ୍ଗାମଣ୍ଡର ନିବାସୀ ଶ୍ରୀଯୁକ୍ତ ବାବୁ ଜାନକୀନାଥ ବସୁ ଉକିଲଙ୍କ ନିକଟରେ ଖୋଜିଲେ ପୁସ୍ତକ ମିଳିବ । ଡାକଦ୍ୱାରା ଯେଉଁମାନେ ନେବେ ସେମାନେ ଡାକମାସୁଲ ସକାଶେ ଗଣ୍ଡିଏ ଦୁଇ ପଇସିଆ ଡାକଟିକଟ ପଠାଇବେ । ଗଣ୍ଡେ ଟିକଟରେ ଖ ୧୦ ଖଣ୍ଡ ପର୍ଯ୍ୟନ୍ତ ପୁସ୍ତକ ଡାକରେ ଯାଇ ପାରିବ ।

---

ଭାରତବର୍ଷର ଅବସ୍ଥା ଇଂରାଜମାନଙ୍କୁ ଜଣାଇବା ଏବଂ ଭାରତ ସମ୍ବନ୍ଧରେ ବିଲାତର ପାର୍ଲିୟାମେଣ୍ଟ ସଭା ଓ ଅନ୍ୟାନ୍ୟ ସଭାସମିତିରେ ସମୟ ସମୟରେ ଯେ ଚର୍ଚ୍ଚା ହେଉଅଛି ତାହା ଏ ଦେଶୀୟଙ୍କୁ ଜଣାଇବା କାରଣ ଲଣ୍ଡନରେ 'ଇଣ୍ଡିଆ' ନାମକ ଗୋଟିଏ ସାପ୍ତାହିକ ସମ୍ବାଦପତ୍ର କେତେବର୍ଷ ହେଲା ବାହାରୁଅଛି ଏବଂ ଯଥେଷ୍ଟ ଯୋଗ୍ୟତା ସହିତ ସମ୍ପାଦିତ ହେଉଅଛି । ଏହାକୁ ଏ ଦେଶର ଜାତୀୟ ମହାସମିତିର ମୁଖପତ୍ର ବୋଲିବା ଅଯୁକ୍ତି ନୁହେ । ବଡ଼ ଦୁଃଖର ବିଷୟ ଯେ ଅର୍ଥାଭାବରୁ ଏ ପତ୍ରିକା ଉଠିଯିବାର ଉପକ୍ରମ ହୋଇଥିଲା । କେବଳ ପରମ ସ୍ୱଦେଶହିତୈଷୀ ଶ୍ରୀଯୁକ୍ତ ଦାଦାଭାଇ ନଓରୋଜୀ ମହାଶୟଙ୍କ ଅମୂଲ୍ୟ ଉତ୍ସାହ ଦାନରେ ସନ ୧୯୦୭ ସାଲ ଶେଷପର୍ଯ୍ୟନ୍ତ ପତ୍ରିକା ବାହାରିବାର ସ୍ଥିର ହୋଇଅଛି । ଆଉ ଏକବର୍ଷ ସେହି ପତ୍ରିକା ଚଳାଇବାରେ ଯାହା ତ୍ରୁଟି ପଡ଼ିବ ସେ ତାହା ଭରଣ ଦେବାକୁ ଅଙ୍ଗୀକାର କରୁଅଛନ୍ତି । ଏ ପତ୍ରିକାର ବାର୍ଷିକ ମୂଲ୍ୟ ଟ ୮୲ ଟଙ୍କା ଏବଂ ଯେବେ ୪୦୦୦ ଗ୍ରାହକ ହେବେ ତେବେ ଏହାର ସମସ୍ତ ବ୍ୟୟ ନିର୍ବାହ ହୋଇଯିବ ଏବଂ ଶ୍ରୀଯୁକ୍ତ ଦାଦାଭାଇନଓରୋଜୀଙ୍କୁ ଅଣ୍ଟ ଦଣ୍ଡ ଦେବାକୁ ହେବ-

Digitized by srujanika@gmail.com

Split by PDF Splitter



ନାହିଁ । ସେ ଦୀର୍ଘକାଳରୁ ବିଲାତରେ ଥାଇ ବର୍ତ୍ତମାନ୍ ବୃଦ୍ଧାବସ୍ଥାରେ ସ୍ୱଦେଶର ମଙ୍ଗଳ ନିମନ୍ତେ ଯେତେ ଯତ୍ନ ଓ ପରିଶ୍ରମ କରୁଅଛନ୍ତି ତାହା ଅକଥନୀୟ ତହିଁ ଉପରେ ତାହାଙ୍କୁ ଋଣଗ୍ରସ୍ତରେ ପକାଇବା ନିତାନ୍ତ ଲଜ୍ଜା ଏବଂ ଅକୃତଜ୍ଞତା ବନା ଅଛ ତ ବୋଲାଯିବ ? ସମସ୍ତ ଭାରତର ଶିକ୍ଷିତ ମଣ୍ଡଳୀ ମିଶି ଯେବେ ଶ୍ରେଣୀ ଏପରି ହିତକର ସମ୍ବାଦପତ୍ରର ୪୦୦୦ ଗ୍ରାହକ ଯୋଗାଇ ଦେଇ ପାରିବେ ବଡ଼ ଆନନ୍ଦର କଥା ହେବ ଏବଂ ଜାତୀୟ ମହାସମିତିର ଆଦର ରହିବ ନାହିଁ । ସମିତି ସହିତ କେବଳ କଥାରେ ଯୋଗ ଦେବା ଯଥେଷ୍ଟ ନୁହେ । କାର୍ଯ୍ୟଦ୍ୱାରା ଅନୁରାଗ ଏବଂ ସହାନୁଭୂତି ଦେଖାଇବା ଉଚିତ । ଅତଏବ ଏ ପତ୍ରିକାର ଗ୍ରାହକ ହେବା କାରଣ ଅମ୍ଭେମାନେ ଏ ଦେଶର ସମସ୍ତ ଶିକ୍ଷିତ ଏବଂ ସ୍ୱଦେଶାନୁରାଗୀ ମହାଶୟଙ୍କୁ ଏକାନ୍ତ ଅନୁରୋଧ କରୁଅଛୁଁ ।

---

ଗତ ତା ୧୪ ରିଖରେ ଉତ୍ତରପଶ୍ଚିମ ଏବଂ ଅଯୋଧ୍ୟାପ୍ରଦେଶର ଲେଫ୍ଟନାଣ୍ଟ ଗବର୍ଣ୍ଣର ମାନ୍ୟବର ସର ଆଣ୍ଟୋନି ମାକଡୋନେଲ ବାହାଦୂର ସରକାରୀ କାର୍ଯ୍ୟରୁ ବିଦାୟ ନେଇ ଏବଂ କାର୍ଯ୍ୟଭାର ଶ୍ରୀଯୁକ୍ତ ଲାଟୁଚ ସାହେବ ନୂତନ ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କୁ ଅର୍ପଣ କରି ବିଲାତ ଗମନାର୍ଥେ ବମ୍ବେଇକୁ ଯାତ୍ରା କଲେ । ତାହାଙ୍କର ବିଦାୟ ପୂର୍ବ ନୈନିତାଲ ଉତ୍ତରପଶ୍ଚିମର କେତେ ସ୍ଥାନରେ ସେ ପ୍ରଦେଶର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ବିଦାୟ ଭୋଜ, ଅଭିନନ୍ଦନପତ୍ର ଇତ୍ୟାଦି ପ୍ରଦାନ ଦ୍ୱାରା ତାହାଙ୍କଠାରେ ସେମାନଙ୍କର ପ୍ରଗାଢ଼ ଭକ୍ତି ଏବଂ ଶ୍ରଦ୍ଧା ଥିବାର ପ୍ରକାଶ୍ୟ ଭାବରେ ଜଣାଇ ଥିଲେ ଏବଂ ତାହାଙ୍କର ଶାସନକାର୍ଯ୍ୟ ଏବଂ ପ୍ରଜାବତ୍ସଲତାର ପ୍ରଶଂସା କରିଥିଲେ । ବାସ୍ତବରେ ଏକ କାଳରେ ରାଜା ଓ ପ୍ରଜାର ପ୍ରୀତି ଓ ବିଶ୍ୱାସ ଲାଭ କରିବା ସାମାନ୍ୟ କଥା ନୁହେଁ । ସର ମାକଡୋନେଲଙ୍କର ଅତ୍ୟନ୍ତ ନ୍ୟାୟ ନିଷ୍ଠା ଦୟା ଏବଂ ସହାନୁଭୂତି ହେତୁ ସେ ସର୍ବବାଦୀ ପ୍ରିୟ ହୋଇଥିଲେ । ବଡ଼ଲାଟ ପର ଛୋଟଲାଟ ପଦରେ ୫ ବର୍ଷରୁ ଅଧିକକାଳ ରହିବାର ନିୟମ ନାହିଁ । କେବଳ ଅସାଧାରଣ ଗୁଣରେ ସେ ଉକ୍ତ ପଦ ଏକବର୍ଷ ଅଧିକା ଭୋଗ କଲେ ଏବଂ ସେ ଉତ୍ତରପଶ୍ଚିମର ଶାସନକର୍ତ୍ତା ହେବା ପୂର୍ବେ ବରମା, ମଧ୍ୟପ୍ରଦେଶ ଏବଂ କିଛିକାଳ ବଙ୍ଗଳାର ଶାସନଦଣ୍ଡ ଗ୍ରହଣ କରିଥିଲେ । ଯେତେବେଳେ ସେ ବଙ୍ଗପ୍ରଦେଶର ଏକ୍‌ଟିଂ ଛୋଟଲାଟ ହୋଇଥିଲେ ସେତେବେଳେ ଅଳ୍ପ କାଳରେ ତାହାଙ୍କର ଯୋଗ୍ୟତାର ନିଦର୍ଶନ ପାଇ ତାହାଙ୍କୁ ସ୍ଥାୟୀ ଛୋଟଲାଟରୂପେ ପାଇବାର ଆଶା କରିଥିଲୁଁ । ସରକାରୀ ପ୍ରୟୋଜନ ତାହାଙ୍କୁ ଅନ୍ୟ ଦିଗକୁ ଟାଣି ନେଲା । ମାତ୍ର ସେଠାରେ ସେ ଯେପରି କାର୍ଯ୍ୟ କରିଅଛନ୍ତି ସମସ୍ତ ଭାରତ ଏକ ବାକ୍ୟରେ ତାହାଙ୍କୁ ଧନ୍ୟ୨ କହୁଅଛନ୍ତି ଏବଂ ତାହାଙ୍କର ସ୍ଥାୟୀ କୀର୍ତ୍ତି ସ୍ଥାପନ ନିମନ୍ତେ ସମସ୍ତେ ବ୍ୟସ୍ତ । ସର ମାକଡୋନଲ ବାହାଦୂର ଭାରତରୁ ପ୍ରସ୍ଥାନ କଲେହେଁ ଭାରତ ତାହାଙ୍କୁ ଛାଡ଼ ନାହିଁ । ସେ ଶୀଘ୍ର ବିଲାତସ୍ଥ ଭାରତ ସେକ୍ରେଟେରୀଙ୍କ ସଭାର ଜଣେ ସଭ୍ୟ ହେବେ ଏବଂ ଭାରତବାସିଙ୍କ ପ୍ରତି ତାହାଙ୍କର ଯେ ମାୟା ମମତା ଅଛି ତାହା ଶିଥିଳ ହେବ ନାହିଁ । କାଳେ ଯେବେ ସେ ଭାରତକୁ ଗବର୍ଣ୍ଣର ଜେନେରଲ ହୋଇ ଆସିବେ ତେବେ ସୁଖର ସୀମା ରହିବ ନାହିଁ ଏବଂ ତହିଁକି ସେ ଯୋଗ୍ୟ ଅଟନ୍ତି ଏହା ବୋଲିବା ବାହୁଲ୍ୟ ।

---

### ଏକ ଅଭିନବ ଗୋରୁ ମୋକଦ୍ଦମା ।

ରଘୁନାଥ ପଟ୍ଟନାୟକ ନାମକ ଏକ ବ୍ୟକ୍ତି କଟକର ଡେପୁଟି ମାଜିଷ୍ଟ୍ରେଟଙ୍କଦ୍ୱାରା ନିମ୍ନଲିଖିତ ଘଟଣାରେ ଟ ୨୦୦୯ ଙ୍କା ଜରିମାନା ଦଣ୍ଡପ୍ରାପ୍ତ ହୋଇଥିବାରୁ ହାଇକୋର୍ଟରେ ଅପିଲ ଦାଏର ହୋଇଅଛି ।

ସେସନ୍ସ ଜଜଙ୍କ ନିକଟରେ ଅପିଲ ହୋଇଥିଲା, ସେ ମଧ୍ୟ ଦଣ୍ଡକୁ ବାହେଲ ରଖିଅଛନ୍ତି । ଅପିଲାଣ୍ଟ କଲିକତାର ମେସର୍ସ ବେସ ଓ ହୋଙ୍କ ସହିତରେ କେତେକ ହାଟ କଣିବା ନିମିତ୍ତ ଏକ ସର୍ତ୍ତ କରିଥିଲେ । ସେ ଜମି ମୂଲ୍ୟର ଅଂଶିକ ଦେଇ ହାଟ ସବୁ ସ୍ଥାନାନ୍ତର କରିଥିଲେ । ହାସ ଓ ହୋଙ୍କ ଏଜେଣ୍ଟ ତାଙ୍କ ନାମରେ ଏହି ମର୍ମରେ ମୋକଦ୍ଦମା ଚଳାଇଲେ ଯେ ସେ ସମଦାୟ ମୂଲ୍ୟ ନ ଦେଇ ବଳପୂର୍ବକ ହାଟ ସବୁ ନେଇ ଯାଇଅଛନ୍ତି । ଅପିଲାଣ୍ଟ ତାଙ୍କ ସପକ୍ଷରେ ପ୍ରକାଶ କରିଥିଲେ ଯେ ସେ ବଳପୂର୍ବକ ହାଟ ନେଇଯାଇ ନାହାନ୍ତି ଓ ବାକି ଦେୟ ଟଙ୍କା ହାଟ ବିକ୍ରୀଦ୍ୱାରା ଆସ୍ତେ୨ ଦେବାର ଜବାବ କରିଅଛନ୍ତି । ସେସନ୍ସ ଜଜ ବିଚାର କଲେ ଯେ ଅପିଲାଣ୍ଟ ହାଟକୁ ବଳପୂର୍ବକ ନେଇ ନାହାନ୍ତି ମାତ୍ର ସମସ୍ତ ମୂଲ୍ୟ ଦେଇ ନ ଥିବା ସ୍ଥଳେ ହାଟରେ ତାଙ୍କର କୌଣସି ସ୍ୱତ୍ୱ ନ ଥିଲା ସୁତରାଂ ଦଣ୍ଡ ଠିକ ହୋଇ ଅଛି । ହାଇକୋର୍ଟର ଉକିଲ ଜଣାଇଅଛନ୍ତି ଯେ ଚୁକ୍ତି ଆଇନର ଅନ୍ୟ କେତେକ ଧାରା ଦେଖା ହୋଇ ନାହିଁ ଓ ମୋକଦ୍ଦମା ଦେଓ୍ୱାନି ରକମର ଅଟେ । ବିଚାରପତି ହାରଙ୍ଗଟନ ଓ ବ, ଏଲ୍ ଗୁପ୍ତ ଅପିଲାଣ୍ଟର ପ୍ରାର୍ଥନା ମତେ ରୁଲ ଜାରି କରିବାର ଆଦେଶ ଦେଇଅଛନ୍ତି ।

---

### ଗୋଟିଏ ଗୁହାରି ।

ଏଠା କମିଶ୍ନର କଚେରୀର ଜଣେ କିରାଣୀ ବାବୁ ଉଲିୟମ ଗଡ଼ଲ ସନ ୧୮୯୫ ସାଲରେ ମାସିକ ଟ ୧୦୦୯ ଙ୍କା ବେତନରେ ଢେଙ୍କାନାଳ କଷ୍ଟାର ସଦର ମୁକାମର ଅସିଷ୍ଟାଣ୍ଟ ମାନେଜର ନିଯୁକ୍ତ ହୋଇ ଯାଇଥିଲେ ଏବଂ କ୍ରମାଗତ କାର୍ଯ୍ୟରେ ଯୋଗ୍ୟତା ଦେଖାଇ ଉଚ୍ଚାଧିକାର ଏବଂ ପ୍ରଶଂସା ଲାଭ କରିଥିଲେ । ସନ ୧୮୯୯ ସାଲ ମାର୍ଚ୍ଚ ମାସରେ ସେହି କଷ୍ଟାର ସବଡିଭିଜନ ବୈସିଙ୍ଗାର ଅସିଷ୍ଟାଣ୍ଟ ମାନେଜର ବରଖାସ୍ତ ହେବାରୁ ସେ କାଳର ଗଡ଼ଜାତ ସୁପ୍ରିଣ୍ଟେଣ୍ଡ ଶ୍ରୀଯୁକ୍ତ ଷ୍ଟିଭେନସନ ସାହେବ ସୁପ୍ରିଣ୍ଟି ମହଲୁମାର କିରାଣୀ ମହମ୍ମଦ ଇଉସୁଫଙ୍କୁ ସେହି ପଦରେ ନିଯୁକ୍ତ କଲେ ମାତ୍ର ସେ ସେସ୍ଥାନର କାର୍ଯ୍ୟ ନିମନ୍ତେ ନୂତନ ଲୋକ ଥିବା ଏବଂ ସଦର ମୁକାମର ଅସିଷ୍ଟାଣ୍ଟ ମାନେଜର ବାବୁ ଉଲିୟମ ଗଡ଼ଲ ବହୁଦର୍ଶୀ କର୍ମଦକ୍ଷ ଥିବାରୁ ଉଲିୟମ ବାବୁଙ୍କୁ ବୈସିଙ୍ଗାକୁ କିଛିକାଳ ନିମନ୍ତେ ପଠାଇ ଦେଇ ଇଉସୁଫ ମିୟାଁଙ୍କୁ ସଦର ମୁକାମରେ ତାହାଙ୍କର କାର୍ଯ୍ୟଭାର ଗ୍ରହଣ କରିବାର ଆଦେଶ ଦେଲେ । ଏହି ପରିବର୍ତ୍ତନରେ ସ୍ୱାସ୍ଥ୍ୟକର ସ୍ଥାନରୁ ଅସ୍ୱାସ୍ଥ୍ୟକର ସ୍ଥାନକୁ ଯିବା ଏବଂ ଅଧିକା ଖରଚ ପଡ଼ିବା ଇତ୍ୟାଦି ଅସୁବିଧା ଘଟିଲେହେଁ ମୁନିବଙ୍କର ଆଦେଶ ପ୍ରତିପାଳନ ଏବଂ ସରକାରୀ କାର୍ଯ୍ୟର ପ୍ରୟୋଜନ ବିବେଚନାରେ ଉଲିୟମ ବାବୁ ହୃଷ୍ଟ ଚିତ୍ତରେ ପ୍ରାୟ ଦୁଇବର୍ଷ କାଳ ମାସକୁ ଟ ୧୦୦୯ ଙ୍କା ବେତନରେ ବାଇସିଙ୍ଗାର ଅସିଷ୍ଟାଣ୍ଟ ମାନେଜର କାର୍ଯ୍ୟ ନିର୍ବାହ କଲେ । ତହିଁ ଉତ୍ତାରୁ ଢେଙ୍କାନାଳର ମାନେଜର ବାବୁ ଜଗମୋହନ ଘୋଷ ବ କାରଣରୁ ମାସିକ ଟ ୨୦୦୯ ଙ୍କା ବେତନରେ ବଇସିଙ୍ଗାର ଅସିଷ୍ଟାଣ୍ଟ ମାନେଜର ଏବଂ ବାବୁ ଜଗନ୍ନାଥ ଦତ୍ତ ଢେଙ୍କାନାଳ ସଦର ମୁକାମର ଅସିଷ୍ଟାଣ୍ଟ ମାନେଜର ନିଯୁକ୍ତ ହେଲେ ଏବଂ ଉଲିୟମ ବାବୁ ବାହାଲ ଏବଂ ଠିକା ଉଭୟ କାର୍ଯ୍ୟରୁ ବିନା ଦୋଷରେ ବଞ୍ଚିତ ହୋଇ ଅଗତ୍ୟା ପୂର୍ବ କିରାଣୀଗିରି କାର୍ଯ୍ୟକୁ ଫେରି ଆସିବାକୁ ବାଧ୍ୟ ହୋଇଅଛନ୍ତି । ବାଇସିଙ୍ଗାକୁ ସେ ଠିକା ସ୍ୱରୂପ ପ୍ରେରିତ ହୋଇଥିଲେ ଏବଂ ସେ କାର୍ଯ୍ୟରେ ଯେତେବେଳେ ନୂତନ ଲୋକ ନିଯୁକ୍ତ ହେଲା ସେତେବେଳେ ତାହାଙ୍କୁ ସଦର ମୁକାମର ନିଜର ବାହାଲି କାର୍ଯ୍ୟକୁ ଫେରି ଆସିବାର ଆଦେଶ ହୋଇଥାନ୍ତା । ସେ କ୍ରମାଗତ ସୁଖ୍ୟାତି ସହିତ କାର୍ଯ୍ୟ କରିଥିବା ପ୍ରତ୍ୟକ୍ଷେ ତାହାଙ୍କୁ ନିରାଶ କରିବା ଅବିଚାର ହୋଇଅଛି ଏବଂ ତହିଁର ପ୍ରତିକାର ନିମନ୍ତେ ସେ ଗତମାସ ତା ୨ ରିଖରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ସମୀପକୁ

Digitized by srujanika@gmail.com

ଯେଉଁ ଅବେଦନପତ୍ର ପଠାଇଅଛନ୍ତି ତହିଁର ଖଣ୍ଡିଏ ପ୍ରତିଲିପି ଅମ୍ଭମାନଙ୍କୁ ପ୍ରଦାନ କରିଅଛନ୍ତି । ତହିଁର ମର୍ମ୍ମ ସଂକ୍ଷେପରେ ଉପରେ ପ୍ରକାଶ କଲୁଁ । ସେ ଅବେଦନପତ୍ରରେ ଆହୁରି ଲେଖା ଅଛି କି ଉଲିୟମ ବାବୁ ଏ ବିଷୟର ପୁନର୍ବିଚାର କାରଣ ଗଡ଼ଜାତର ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବଙ୍କଦ୍ୱାରା ବଙ୍ଗୀୟ ଗବର୍ଣ୍ଣମେଣ୍ଟ ସମୀପକୁ ଖଣ୍ଡିଏ ଅବେଦନପତ୍ର ପଠାଇଥିଲେ ମାତ୍ର ଗତ ଜୁଲାଇ ମାସ ତା ୨୯ ରଖରେ ସୁପ୍ରିଣ୍ଟେଣ୍ଡେଣ୍ଟ ମହୋଦୟ ତାହାଙ୍କୁ ଜଣାଇଲେ କି ଗବର୍ଣ୍ଣମେଣ୍ଟଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ ଏବଂ ତାହା ପୁନର୍ବିଚାର ନିମନ୍ତେ ପ୍ରାର୍ଥନା କରିବାର କୌଣସି ହେତୁ ନାହିଁ । ସୁତରାଂ ସେ ଦରଖାସ୍ତ ଗବର୍ଣ୍ଣମେଣ୍ଟଙ୍କ ସମୀପକୁ ପଠାଇଲେ ନାହିଁ । ତହୁଁ ଉଲିୟମ ବାବୁ ସେ ସମ୍ବନ୍ଧୀୟ ଗବର୍ଣ୍ଣମେଣ୍ଟଙ୍କ ନିଷ୍ପତ୍ତିର ପ୍ରତିଲିପି ପାଇବାକାରଣ ଅବେଦନ କଲେ ଏବଂ ତାହା ମଧ୍ୟ ପ୍ରାପ୍ୟ ହେଲା ନାହିଁ । ଉଲିୟମ ବାବୁ ଯୋଗ୍ୟତାସହିତ କାର୍ଯ୍ୟ କରିବାର ନିଦର୍ଶନ ଅପଣା ଅବେଦନପତ୍ରରେ ଲେଖିଅଛନ୍ତି ଏବଂ ତହିଁରୁ ଜଣା ଯାଉଅଛି ଯେ ତାହାଙ୍କର ଉପରିସ୍ଥ କର୍ମ୍ମଚାରୀମାନେ ତାହାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହୋଇଥିଲେ । ଯେ ସ୍ଥଳେ ଉଲିୟମ ବାବୁ ସର୍ବକାଳ ସନ୍ତୋଷଜନକରୂପେ କାର୍ଯ୍ୟ କରିଥିଲେ ସେ ସ୍ଥଳେ ତାହାଙ୍କର ବାହାଲି କାର୍ଯ୍ୟରୁ ବିନା ଦୋଷ ଓ ବିନା କଇଫିୟତରେ ତାହାଙ୍କୁ ବିଦାୟ ଦେବା ଏବଂ ତହିଁର କାରଣ ସେ ଜାଣିବାକୁ ପ୍ରାର୍ଥନା କଲେ ତାହା ତାହାଙ୍କୁ ନ ଜଣାଇବା ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କର ନ୍ୟାୟ ବିଚାର ପ୍ରଣାଳୀର ଅସଙ୍ଗତ ଅଟେ ଏହା ଅମ୍ଭେମାନେ କହିବାକୁ ବାଧ୍ୟ ହେଉଅଛୁଁ । ଗଡ଼ଜାତ ରାଜାଙ୍କ ସମ୍ବନ୍ଧରେ ପ୍ରବାଦ ଅଛି ଯେ ରାଜା କେହି କର୍ମ୍ମଚାରୀଙ୍କୁ ବରଖାସ୍ତ କଲାବେଳେ "ତୁମ୍ଭର କାର୍ଯ୍ୟ ପାଇବ ନାହିଁ" ଏତିକି କହିବା ଯଥେଷ୍ଟ ଅଟେ । ମାତ୍ର ଗଡ଼ଜାତର ରାଜାମାନଙ୍କ ହିଂସା ଓ ଦୁର୍ଦ୍ଧର୍ଷ ସ୍ୱଭାବ ଦମନ ନିମନ୍ତେ ସ୍ଥାପିତ ହୋଇଥିବା ଗଡ଼ଜାତ ସୁପ୍ରିଣ୍ଟେଣ୍ଡେଣ୍ଟି ମହକୁମା ପ୍ରତି ସେ କଳଙ୍କ ରହି ନ ପାରେ କାରଣ ତାହା ନ୍ୟାୟସଙ୍ଗତ ନୁହେ । ବିଶେଷତଃ ଗବର୍ଣ୍ଣମେଣ୍ଟରେ କେହି ଦୁଃଖ ଜଣାଇବାକୁ ପ୍ରାର୍ଥନା କଲେ ଯାହାଙ୍କଦ୍ୱାରା ତାହା ପଠାଯିବ ସେ ଯେବେ ଅପଣା ବିଚାର ଉପରେ ନିର୍ଭର କରି କାଟିରୁ ତାହା ଯେଉଁ ଦେବେ ତେବେ ଅନେକ ଦୁଃଖୀ ଗବର୍ଣ୍ଣମେଣ୍ଟ ଅବଧି ଯାଇ ପାରିବେ ନାହିଁ ଏବଂ ଦରଖାସ୍ତକାରୀଙ୍କର ବଡ଼ ଦୁଃଖ ହେବ । ଅପଣାର ମନ୍ତବ୍ୟ ସହିତ ଗବର୍ଣ୍ଣମେଣ୍ଟଙ୍କୁ ପଠାଇ ଦେବା ଉଚିତ ବୋଧ ହେଉଅଛି । ଗବର୍ଣ୍ଣମେଣ୍ଟ ପକ୍ଷରେ ନାସ୍ତି କରନ୍ତୁ ବିଚାର କଲେ ବୋଲି ମନରେ ସନ୍ତୋଷ ଲାଭ ହେବ । ବର୍ତ୍ତମାନ ଦରଖାସ୍ତର ଫଳ ଅମ୍ଭେମାନେ ଆଶା କରୁଁ ଭଲ ପ୍ରକାର ହେବ ।

---

### ଶ୍ରୀଯୁକ୍ତ ସତ୍ୟେନ୍ଦ୍ରନାଥ ଠାକୁର ।

ଶ୍ରୀଯୁକ୍ତ ସତ୍ୟେନ୍ଦ୍ରନାଥ ଠାକୁରଙ୍କର ଏ ନଗରକୁ ଶୁଭାଗମନ ବାର୍ତ୍ତା ପାଠକମାନଙ୍କୁ ଜଣାଇଅଛୁଁ । ସେ କଲିକତାର ମହୋଜ୍ଜ୍ୱଳ ଠାକୁର ବଂଶାବତଂସ ସ୍ୱର୍ଗୀୟ ଦ୍ୱାରକାନାଥ ଠାକୁରଙ୍କର ପୌତ୍ର ଏବଂ ମହର୍ଷି ଦେବେନ୍ଦ୍ରନାଥ ଠାକୁରଙ୍କର ପୁତ୍ର ଅଟନ୍ତି ଏବଂ ନିଜର ପ୍ରତିଭାଦ୍ୱାରା ବଂଶ ଗୌରବ ଅଧିକତର ବଢାଇ ଅଛନ୍ତି । ଇଂରାଜ ରାଜାଙ୍କର ଭାରତ ଶାସନ ଭାର ଯେତେକାଳ କମ୍ପାନୀଙ୍କ ହସ୍ତରେ ନ୍ୟସ୍ତ ଥିଲା ବିଲାତରୁ ସିଭିଲିୟାନମାନେ ନିଯୁକ୍ତ ହୋଇ ଆସି ଏ ଦେଶର ଉଚ୍ଚ ରାଜକାର୍ଯ୍ୟ ନିର୍ବାହ କରୁଥିଲେ । ତହିଁରେ ଦେଶୀୟ ଲୋକଙ୍କର ପ୍ରବେଶାଧିକାର ନ ଥିଲା । ମହାମାନ୍ୟା ସ୍ୱର୍ଗୀୟା ଭିକ୍ଟୋରିୟା ମହାରାଣୀ ସନ ୧୮୫୮ ସାଲରେ ଭାରତର ଶାସନ ଭାର ସ୍ୱହସ୍ତରେ ଗ୍ରହଣ କରି ଯେଉଁ ଚିରସ୍ମରଣୀୟ ଘୋଷଣା ପତ୍ର ପ୍ରଚାର କରିଥିଲେ ଏବଂ ଯାହା ଇଂରାଜ ଗବର୍ଣ୍ଣମେଣ୍ଟଙ୍କର ନ୍ୟାୟ ଓ ଉଦାର ରାଜନୀତିର ମହୋଜ୍ଜ୍ୱଳ ପ୍ରମାଣ ଏବଂ ଅମ୍ଭମାନଙ୍କର ରକ୍ଷା ଓ ସମୃଦ୍ଧିର ସର୍ବୋତ୍କୃଷ୍ଟ ସନନ୍ଦ ଅଟେ ତଦନୁସାରେ ସିଭିଲସର୍ଭିସ ଦେଶୀୟଲୋକଙ୍କ ପ୍ରତି ଫିଟିବାରୁ ଶ୍ରୀଯୁକ୍ତ ସତ୍ୟେନ୍ଦ୍ରନାଥ ଠାକୁର ଅନ୍ୟ ଦୁଇ ଏକ ଜଣ ବଙ୍ଗୀୟ ଯୁବା ସହିତ ବିଲାତକୁ ଯାତ୍ରା କଲେ ଏବଂ ଠାକୁର ମହାଶୟ ସର୍ବ ପ୍ରଥମେ ସନ ୧୮୬୨ ସାଲରେ ବ ୨୦ ଶ ବୟସରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଦୁର୍ଭେଦ୍ୟ ସିଭିଲସର୍ଭିସରେ ପ୍ରବେଶ କରି ସଂସାରକୁ ଦେଖାଇଲେ ଯେ ଦେଶୀୟମାନେ ଉପଯୁକ୍ତ ସୁଯୋଗ ପାଇଲେ ବିଦ୍ୟା ବୁଦ୍ଧିରେ ଇଉରୋପୀୟଙ୍କଠାରୁ ନ୍ୟୁନ ନୁହନ୍ତି । ଭାରତର ଇତିହାସରେ ଏହା ଗୋଟିଏ ପ୍ରଧାନ ଘଟଣା ଏବଂ ଏହା ତାହାଙ୍କର ଅସାଧାରଣ ବୁଦ୍ଧି ଓ ଅଧ୍ୟବସାୟର ନିଦର୍ଶନ ଅଟେ । ଏ ବିଷୟରେ ସେ ଭାରତବାସିଙ୍କର ପଥ ପ୍ରଦର୍ଶକ ଅଟନ୍ତି । ସେ ସିଭିଲସର୍ଭିସରେ ଭରତି ହୋଇ ବମ୍ବେଇ ପ୍ରଦେଶରେ ସର୍ବକାଳ ସୁଖ୍ୟାତି ସହିତ କାର୍ଯ୍ୟ କରି ବର୍ତ୍ତମାନ୍ ପେନସନ ନେଇ କଲିକତାରେ ବାସ କରୁଅଛନ୍ତି । ମାତ୍ର ସ୍ୱଦେଶ ସେବାକୁ ବିରତ ହୋଇ ନାହାନ୍ତି । ମାତୃଭାଷାର ଉନ୍ନତିରେ ତାହାଙ୍କର ଯଥେଷ୍ଟ ଯତ୍ନ ଓ ଶ୍ରମ ଦେଖି କଲିକତା-ବାସିମାନେ ତାହାଙ୍କୁ ବଙ୍ଗୀୟ ସାହିତ୍ୟ ପରିଷଦର ସଭାପତି

Digitized by srujanika@gmail.com

ପଦ ପ୍ରଦାନ କରିଅଛନ୍ତି । ଏମନ୍ତ ବ୍ୟକ୍ତି ଏ ନଗରକୁ ଆସି ନୀରବରେ ଚାଲିଗଲେ, ଏଟା ସମାଜର ଟେକ ରହନ୍ତା ନାହିଁ ଏହା ଜାଣି ଏ ନଗରସ୍ଥ ଇଉନିୟନ କ୍ଲବ ପାଇଁ ଦେଶୀୟ ଭଦ୍ରଲୋକଙ୍କ ଅଗ୍ରଣୀ ସଭ୍ୟମାନେ ଗତ ଶନିବାର ସନ୍ଧ୍ୟା ସମୟରେ ତାହାଙ୍କର ଅଭ୍ୟର୍ଥନାର ଆୟୋଜନ କରିଥିଲେ ଏବଂ କ୍ଲବର ସଭାପତି ଏ ଜିଲାର ବର୍ତ୍ତମାନ ଜଜ ଶ୍ରୀଯୁକ୍ତ ବି, ସି, ମିତ୍ରଙ୍କର ଆହ୍ୱାନ ମତେ କ୍ଲବର ସଭ୍ୟ ଛଡ଼ା ଏ ଦେଶୀୟ ନାନା ଶ୍ରେଣୀର ଅନେକ ଭଦ୍ର ଲୋକ ସମାଗତ ହୋଇଥିଲେ । ସେ ଦିନ ତୋଫାନ ଫେଣ୍ଡ ହୋଇ ଆକାଶ ବନ୍ଦ ଥାଉ ଓ ଶୀତଳ ପବନ ଯୋଗୁଁ ସବୁ ବାହାରିବା କଷ୍ଟକର ଥିଲେହେଁ ଏତେ ଲୋକର ସମାଗମଦ୍ୱାରା ସେମାନଙ୍କର ହୃଦୟର ଭାବ ଲକ୍ଷଣ ଜଣା ଯାଉଥିଲା ଏବଂ ଅଭ୍ୟର୍ଥନା ବ୍ୟାପାରଟି ଯଥୋଚିତ ପ୍ରୀତିକର କରିବା ପକ୍ଷରେ ଆୟୋଜନର ତ୍ରୁଟି ନ ଥିଲା । ଠାକୁର ମହାଶୟ ଅମ୍ଭମାନଙ୍କର କମିଶନର ଶ୍ରୀଯୁକ୍ତ କେ, ଜି, ଗୁପ୍ତଙ୍କ ସହିତ ଉପସ୍ଥିତ ହୁଅନ୍ତେ ତାହାଙ୍କୁ ସମ୍ମାନପୂର୍ବକ ଆସନରେ ବସାଇ ସଭାପତି ମହାଶୟ ଇଂରାଜୀରେ ଖଣ୍ଡିଏ ଅଭିନନ୍ଦନପତ୍ର ପାଠ କଲେ । ତାହା ସୁନ୍ଦରରୂପେ ଛପା ଏବଂ ସୁସଜ୍ଜିତ ହୋଇଥିଲା । ତହିଁର ଅବିକଳ ପ୍ରତିଲିପି ଅନ୍ୟତ୍ର ପ୍ରକାଶ କଲୁଁ । ତାହାଙ୍କର ଯେଉଁ ସଦ୍‌ଗୁଣ ଅମ୍ଭେମାନେ ଉପରେ ଲେଖିଅଛୁଁ । ତହିଁରୁ ତହିଁର ଭାବ ଇଂରାଜୀ ନ ଜାଣିବା ପାଠକମାନେ ବୁଝି ନେବେ । ଅଭିନନ୍ଦନ ପତ୍ର ଶ୍ରବଣ କରି ଠାକୁର ମହାଶୟ ଯଥୋଚିତ ବିନୟ ଏବଂ ମଧୁରଭାଷାରେ ତହିଁର ଉତ୍ତର ପ୍ରଦାନ କରି ଅଭ୍ୟର୍ଥନା ନିମନ୍ତେ ଆନ୍ତରିକ କୃତଜ୍ଞତା ପ୍ରକାଶ କଲେ ଏବଂ ସେହି ଅଭିନନ୍ଦନପତ୍ରକୁ ତାହାଙ୍କ ଗୋଟିଏ ଗୌରବର ଚିରସ୍ମରଣୀୟ ସମ୍ପଦରୂପେ ରକ୍ଷିବାର କହିଲେ । ତହିଁ ଉତ୍ତାରୁ ଉପସ୍ଥିତ ଭଦ୍ରଲୋକମାନଙ୍କ ମଧ୍ୟରେ ଏକ୨ ସହିତ ଆଳାପ କରି ସମସ୍ତଙ୍କ ସହିତ ଏକ ଯୋଗରେ ଆମୋଦ ପ୍ରମୋଦରେ ଯୋଗ ଦେଲେ । ଐକତାନ ବାଦ୍ୟ ବେହେଲା ଏବଂ ହାରମୋନିୟମ ସହିତ ଗୀତ ପ୍ରଭୃତି ଆମୋଦର ଅଙ୍ଗ ଥିଲା । ଜଳପାନର ମଧ୍ୟ ଅଭାବ ନ ଥିଲା । ଅନ୍ୟାନ୍ୟ ଆମୋଦ ମଧ୍ୟରେ ସ୍ୱୟଂ ଠାକୁର ମହାଶୟ ଗୋଟିଏ ଇଂରାଜୀ ଏବଂ ଗୋଟିଏ ବଙ୍ଗଳା ପଦ୍ୟ ଚମତ୍କାରରୂପେ ଆବୃତ୍ତି କରି କବିତା ପ୍ରତି ତାହାଙ୍କର ଏ ପର୍ଯ୍ୟନ୍ତ ପ୍ରଗାଢ଼ ଅନୁରାଗର ପରିଚୟ ଦେଇଥିଲେ । ପ୍ରାୟ ଘ ୮ ଟା ସମୟ ଏହିପରି ଆମୋଦ ପ୍ରମୋଦରେ ଅତିବାହିତ

Split by PDF Splitter



ଦେଶ ଉତ୍ତାରୁ ସେ ସମସ୍ତଙ୍କଠାରୁ ବଦାୟ ହୋଇ ଗଲେ ଏବଂ ତହିଁର ଅଳ୍ପ ଦିନ ପରେ ଏ ନଗରରୁ କଲିକତାକୁ ପ୍ରସ୍ଥାନ କଲେ । ଏହି କାର୍ଯ୍ୟଟି ସର୍ବାଂଶରେ ସଫଳ ହୋଇଥିଲା ଏବଂ ତହିଁ ପାଇଁ ଆମ୍ଭେମାନେ ଏଥି କ୍ଲବ ଏବଂ ତହିଁର ସମ୍ପାଦକଙ୍କୁ ଧନ୍ୟବାଦ ଦେଉଅଛୁଁ ।

To Satyendra Nath Tagore Esq., I. C. S.
(RETIRED)

Sir, We the members of the Union Club, Cuttack, on behalf of ourselves and of the various Indian communities inhabiting it, beg to approach you with this address of welcome on the occasion of your visit to the capital of picturesque and historic Orissa.

Your presence in our midst today inspires us with mingled feelings: joy no less than pride, gratitude no less than esteem, admiration no less than affection; and the last sentiment, while it restrains exuberance in the expression of the others, is, at the same time, the surest guarantee of their sincerity. The FIRST Indian Civilian, a ripe, profound and many-sided scholar, a literary man whose productions delight as well as instruct, the scion of an illustrious family, and, above all, one whom we may lovingly call *our own*, cannot but engender such a composite emotion.

Pioneer *attempt* is an indication of originality, enthusiasm and energy, Pioneer *work accomplished* takes rank with historic events. No present-day historian of India and of the British government of it can afford to mutilate his narrative by omitting mention of the important event, that in 1862, a Bengali youth, 20 years old, of slender build, but of a remarkably intellectual appearance, entered the service which constitutes the governing body of India, and initiated the fulfilment of the Proclamation of 1858. Through the passage thus diamond-bored by you in the jewel of service, several of our distinguished countrymen have threaded their entrance, among whom, for Bengal, we may mention Mr. R. C. Dutt of versatile talent, formerly the Commissioner of this Division, the Hon'ble Mr. B. L. Gupta, now acting as one of His Majesty's Judges of the Calcutta High Court, and Mr. K. G. Gupta, our present worthy Commissioner. To have been the forerunner of such men is undoubtedly a glory,—and that glory belongs to you. There was a period when in your youthful enthusiasm for the form of faith of which your revered father is now the honored head, you were about to turn a Brahma Missionary. Perhaps, India might afford to be less by one Brahma Missionary, but surely she could not do without the Pioneer Civilian.

But that, Sir, is not the only reason of our admiration and gratitude. Through all the vicissitudes of official life, in the midst of all the stern duties which it called upon you to perform, you have kept in your soul the fountains of sweetness and light, unsmothered and undimmed. Your vast and varied reading and your fine literary taste were made to rob official life of its occasional bathos and of half its prosaic terrors, and have been helpful in contributing in no inconsiderable degree to the growth of Bengali Literature. As President of the Bangiya Sahitya Parishad you have been untiring in your efforts to promote the cause of Bengali language and literature which you have embellished by your own excellent productions.

We beseech you, Sir, not to judge of the intensity of our feelings on the present occasion by the poverty of our arrangements. They, no doubt, pale into insignificance beside the splendours of the reception accorded to you in 1864, when on your return from England, the *elite* of Calcutta turned out to do honor to the first Indian Civilian at the palatial garden-house in Belgachia; but, Sir, need we ask you to accept our assurance that we yield to none of your then admirers in cordiality and warmth of feeling?

We fervently pray that you may enjoy a long, healthful and serene life; and we feel assured that your rare powers, now in the fullness of their maturity, will be employed, in your well-earned leisure, towards everything that makes for the good of our country and of our country's literature.

Cuttack, The 14th November, 1901. — ON BEHALF OF THE CUTTACK UNION CLUB, B. C. MITRA, *President*.

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ସିଭିଲ ସର୍ଭିସ ଛାତ୍ରମାନଙ୍କ ଶେଷ ପରୀକ୍ଷାରେ ବାବୁ ... ଓ ... ଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

... ଓ ... କଲେଜ ... ବାବୁ ... ଘୋଷ ... ନିଯୁକ୍ତ ହେଲେ ।

... ବାବୁ ... ହେଲେ ।

... ବାବୁ ... ଘୋଷ ... ହେଲେ ।

... ମୌଲବୀ ... ହେଲେ ।

... ବାବୁ ... ମୌଲବୀ ... ଗ୍ରହଣ କରୁଅଛନ୍ତି ।

---

ଏ ସପ୍ତାହରେ ଆକାଶ ନିର୍ମଳ ଏବଂ ଶୀତ ପ୍ରବଳ ହୋଇ ଅଛି । ... ଦୁର୍ଭିକ୍ଷ ଦେଖା ଦେଇନାହିଁ ।

... ପୂଜା ... ମେଳା ... ହୋଇଥିଲା ।

ଆଗାମୀ ... ମହାଶୟଙ୍କ ... କଲିକତାର ... ଅଧିବେଶନ ହେବ ।

ଏଠା ... ପ୍ରେସରେ "..." ନାମକ ... ଛାପା ହୋଇଅଛି ... ମୂଲ୍ୟ ... ଟ ୧୯୦୧ ... ।

... କମିଶନର ସାହେବ ... ପରିଦର୍ଶନ କରିବେ ।

ଏଠା ... ବାବୁ ... ।

ଅତ୍ୟନ୍ତ ଦୁଃଖର ସହିତ ଜଣାଉଅଛୁ ଯେ ... ବାବୁ ... ପରଲୋକ ଗମନ କରିଅଛନ୍ତି ... ।

... ।

ମହାମାନ୍ୟ ... ଲେଫ୍ଟେନେଣ୍ଟ ଗଭର୍ଣ୍ଣର ବାହାଦୂର ଆସାମ ଓ ... ଭ୍ରମଣ ... ସେଠାରୁ ... କଲିକତା ଯାତ୍ରା କରିବେ ।

... ।

... ଟ ୧୦୦୦୦ ... ।

... ।

କଲିକତା ... ଟ ୫୦୦୦ ... ।

କଲିକତାର ... କାର୍ଯ୍ୟରେ

Digitized by srujanika@gmail.com

କସୁର ଥିଲେ । ସେମାନଙ୍କର ବଳମ୍ବ ହେବାର ଦେଖି ସର୍ଜ୍ଜେଣ୍ଟ ସାହେବ କହେ ଯେ ତୋପକୁ ଗୁଳିଭର୍ତ୍ତି ନ କରି ଆଘାତ ପ୍ରାପ୍ତ ହେଲେ । ସେ ସମୟରେ ତାଙ୍କ ସେ ଆଘାତ ସାମାନ୍ୟ ବୋଧ ହେଲା । ତାହାଙ୍କୁ ବନ୍ଧୁ ମାନ ଖାଇ ଦିନ ଘରକୁ ଗୋଇଲେ । ସକାଳେ ସାହେବ ମର ଯାଇଥିବ ତ ଦେଖାଗଲା । ଆଘାତ ମାରନା ହେବାରୁ କଣା ଗଲା ଯେ ସାହେବଙ୍କ ତଳପେଟ ଫାଟିଯାଇଥିଲା । ଅଲ୍ପବିଷ୍ଟ ବିଷୟରେ ଅକାରଣ ଘଟଣା ହୋଇ ଏସନ ସାହସିକତା କରିବାର ଯାଇ ଶେଷରେ ମୃତ୍ୟୁ ଘଟନା ହେଲା ।

କଲିକତା କ୍ରିଷ୍ଟ ଚନ୍ଦ୍ରିଶ୍ୱାନମଙ୍କରୁ ବାହିନୀବାଲାଙ୍କର ମହା-ରାଜା ବଙ୍ଗୀୟ ବ୍ୟବସ୍ଥାପକସଭାର ସଦସ୍ୟ ପଦରେ ମନୋ-ନୀତ ହୋଇଅଛନ୍ତି ।

କଲିକତା ପୋଲିସକୋର୍ଟର ଜଣେ ଇଂରାଜ ସ୍ତ୍ରୀଲୋକ ଅଭାର ବେଲଡୋନ୍ ଟ ୨୦୦ ଟା ଜଣେ ଦୋକାନରୁ କେତେ ଟାକା ଟିକଲିର ଦେଖଣା ଦେଇ ଲଣ୍ଡ଼ନ୍ତୁ ପୋଲିସରାସ୍ତା ଚୋରି ଦ୍ରବ୍ୟ ମା ୭ ସ ଜମିଦାର କାର୍ଯ୍ୟରେ ଅଟକ ରହିଅଛି । ବର୍ତ୍ତମାନେ କେତେ ଦଣ୍ଡ ହେବେ ?

କଲକତର ଅନେକ ଷ୍ଟେସନଠାରୁ ଯାତ୍ରୀଙ୍କ ପୂର୍ବକ ଏକ ବ୍ୟକ୍ତି ରାଉଣ୍ଡକୁ ରୋଟ୍ଟ ଏ ବଡ଼ବଜାରର ଏକେଶ ଦୋକାନ ପାଇବା ଦେଇ ନୋଟ କେଇ ମୂଲ୍ୟ କ ଦେଇ ଗଲାପର କହିଥିବାରୁ ଅଧୁହୋଇ ପୋଲିସକୁ ସମ୍ପର୍କ ହେଇଥିଲା । ତାହାର ବ ୬ ମାସ ଦଣ୍ଡ କାରାବାସ ହୋଇ ଥିବାର ସମ୍ବାଦ ମିଳଇ ।

ଚଟ୍ଟଗ୍ରାମଠାରେ ଗତ ତା ୧୩ ଦିନରେ ଗ୍ରାମ ବୋମ ଫାଟ ହୋଇଥିବାର ସମ୍ବାଦ ମିଳଇ । ଏଥରେ ଲୋ ୧୪ ଜଣ ଆହତ ହୋଇଅଛି ଏବଂ ଅନେକ ଲୋକ ମରି ପାରିଅଛନ୍ତି ।

ଇଷ୍ଟଇଣ୍ଡିଆ ରେଲ୍ ବାଇରେ ଇନ୍ସପେକ୍ଟରଠାରେ ଏକ ମାଲ୍ଗାଡ଼ି ଡିଗ ଗାର୍ଡ଼ଙ୍କ ଅଟକାଇବା କାରଣ ପଥରେ ଏ ରେଲଗାଡ଼ିରେ ରହିଥିବା ଅପରାଧରେ ଧରା ହୋଇ ୧୦ ଟା ଅର୍ଥଦଣ୍ଡରେ ଦଣ୍ଡିତ ପାଇଥିବାର ସମ୍ବାଦ ମିଳଇ । ପିଲାଙ୍କ ସେଇବେଳେ ପଥରୁ ଉଠିଦେଇଥିବା ମାନ ଉଁଚ ସେ ଶତ ଲୋକର ପ୍ରାଣ ନଷ୍ଟ ହେବ ଏହା ତାହାକୁ ଜଣା ନ ଥିଲା ।

## ଯାଜପୁର ସମ୍ବାଦ ।

ଗତ ମାସ ତା ୧୩ ଘଟରୁ ତା ୧୬ ଘଣ୍ଟ ପର୍ଯ୍ୟନ୍ତ ବୃଷ୍ଟି ଓ ପବନ ହୋଇଥିଲା । ଏ ଅଞ୍ଚଳର ଜମାନ ସାମାନ୍ୟ କରିଥିଲା । ଲୋକଙ୍କର ବଡ଼ କଷ୍ଟ ହୋଇଥିଲା । ଯେବେ ତ ୧୪ ବୃଷ୍ଟିକୁ ଏଥର ଉତ୍ପନ୍ନାଂଶ ଭଲ ହେଉଥା ହୋଇ ଥାନ୍ତା ତେବେ ବୃଷ୍ଟିମାନଙ୍କର ଅଧିକ କଷ୍ଟ ହୋଇ ନ ଥାନ୍ତା କାଳଗ୍ରସ୍ତ ହେବାରୁ ସାମାନ୍ୟ ହିତ ହୋଇଅଛି ।

ଗତ ଶାସନର ସେଠେ ସ୍ତରେ ବସନ୍ତରୋଗ ହେବାରୁ ମିଉନିସିପାଲିଟି ଖାନ ମଧ୍ୟରେ ଥିବା ଡାଲିମାନଙ୍କୁ ଟୀକା, ଦେବା କାରଣ ଏକଜଣ ଭେକ୍‌ସିନେଟର ନିଯୁକ୍ତ କରା ଯାଇଅଛନ୍ତି ।

ଅର୍ଥଶାସ୍ତ୍ର ଅନା ଇଲାକା ଜରୁର ମୌଜାରେ କେତେକ ଗ୍ରାମବାସୀ ଲଡାଇରେ ଜଣ ଗ୍ରାମର ଲୋକେ ହତ୍ୟା ମାଡ଼ ମାରିବାରୁ ସେ ମରିଯାଇଅଛି ଏବଂ ସେହି ଅପରାଧରେ ଭଜି ମାଏକ ସୁଇଡ ଲ ୪ ଣ ଦଣ୍ଡବିଧି ଆଇନର ଦ ୧୪୭ ୧୪୮।୩୦୨ ଧା ଅନୁସାରେ ଚାଲାଣ ହୋଇ ହାଜତରେ ଅଛନ୍ତି ।

ଯାଜପୁରଠାରୁ ରାମଶ୍ୱାସ ଘର ପୋଷ୍ଟଅଫିସକୁ ପଠାଯିବା କାରଣ ପ୍ରାପ୍ତଥିବା ଟ ୩୦୬୯ ଟା ମଧ୍ୟରୁ ଟ ୩୦୦୯ ହୋଇଥିବା ନାମରେ ପୁରୁଷ ଉଦାଉଦ ଦଉ ଯାଜପୁରଠାରୁ ସମାବାଦକୁ ସେଠାରେ କହାର ଜାଣି ନେଇ ଯାଉଥିଲା ତାହାଙ୍କ ଚାଲାଣ ଦେଇଅଛନ୍ତି । ଏହାକୁ ବର୍ତ୍ତମାନ ହାଜତରେ ଅଛି ।

ଗତମାସ ତା ୧୮ ଘଣ୍ଟ ସୋମବାରଠାରୁ ଏଠା ହାଇ ସ୍କୁଲ୍‌ଘରର ଲୋକାର ପ୍ରାରମ୍ଭ ପରୀକ୍ଷା ସୃଷ୍ଟିତ

ହୋଇଥିଲା ଏବଂ ଜ ୪୧ ଣ ଛାତ୍ର ଉପସ୍ଥିତ ହୋଇ ପରୀକ୍ଷା ଦେଇଥିଲେ ।

ଶ୍ରୀ ଲକ୍ଷ୍ମୀନାରାୟଣ ଜଗଦେବ ଜମିଦାରଙ୍କର ଗୋପାଳ-ପୁର ତାଲୁକ ଗଡ଼ଗଡ଼ାର କଚେରୀର ନାଏବ ଶ୍ରୀଦେବ ଶିବ ନାରାୟଣ ନନ୍ଦ ନାମକ ଏକବ୍ୟକ୍ତିର ହେଳିବାଇବାରୁ ଅଚତ ପ୍ରଜା କହଥା ମଧ୍ୟରେ ବାଇଧର ସାମଲ ନାମକ ଏକ ପ୍ରଜାକୁ ଧରି ନେଇ ଭାର ଦେଇଥିବା ଦୋଷରେ ଟ ୨୫ ଟାର ହେଣ୍ଡନୋଟ ଲେଖାଇ ନେଇ ଥିବାରୁ ନାଏବଙ୍କ ଟ ୨୦୦ ଟା ଓ ଚୌକିଦାରକୁ ଟ ୨୫ ଟା ଜରିମାନା ହୋଇଅଛି । ଏପରି ମଫସଲୀ ଅମଲା ରହିବା ଜମିଦାରଙ୍କ ପକ୍ଷରେ କଳଙ୍କ ଅଟେ ।

## ସ୍ଥାନୀୟ ସମ୍ବାଦ

ଉତ୍ତର୍ଯ୍ୟବାରରୁ ନେହଳ ଉଗାଣ ବୃଷ୍ଟି ହୋଇଥିଲା । ଏହା ରବିଫସଲ ପକ୍ଷେ ଉପକାର ହୋଇଅଛି । ବର୍ତ୍ତମାନ ସମସ୍ତୋଷଜ ଶୀତ ପଡ଼ୁଅଛି ।

ଗତ ତା ୧୮ ରେ ଗ୍ରାମ ଚରମ ଗାଡ଼ିଗୋଟି ଆଉପାଖ ଆରମ୍ଭ ହୋଇଅଛି । ଯାଇ କେବଳରେ ଜ ୩ ଣ ଶିକ୍ଷକ ଓ ଜ ୨୯ ଣ ଛାତ୍ର ଉପସ୍ଥିତ ଥିଲେ ।

ଗତ ସୂର୍ଯ୍ୟ ପରାଗ ଦିନ ଶ୍ରୀଯୁକ୍ତ ମୁକ୍ତାରବାବୁ ମଧୁସୂଦନ ମହାନ୍ତି ସମୁଦ୍ରକୂଳରେ ଭୁଜାବାଟ କରିଥିଲେ । ଭୁଜାଦଣ୍ଡର ଏକ ପାର୍ଶ୍ୱରେ ସ୍ୱୟଂ ସପରିବାର ଅପରପାର୍ଶ୍ୱରେ ନିମନ୍ତ୍ରିତ ସ୍ତ୍ରୀବିଧାତୃବର୍ଗ, ବନ୍ଧୁ, ସ୍ୱବ୍ୟକ୍ତି ଉପାଦାନ ଓ ଜଳ ଦେଇ-ଥିଲା । ଏଥିରେ ବହୁ ବ୍ରାହ୍ମଣ ବ୍ରାହ୍ମଣ, ବୈଷ୍ଣବମାନଙ୍କ ଦକ୍ଷିଣା ଦେଇ ବନ୍ଦୋବସ୍ତ ହୋଇଥିଲା । ଏ ବର୍ଷ ସ୍ଥଳରେ ନୂତନ ବୋ-ଇବାର ହେଲା ।

ଅନେକାଳ କାର୍ତ୍ତିକମାସରେ ଶ୍ରଦ୍ଧାଳୁ ଯାତ୍ରୀ ଅଧିକ ଉପସ୍ଥିତ ସମୟରେ ସଙ୍ଗ ଦେଇ କହିଥିବା କଡ଼ି ସୁବିଧା ଥିଲା ।

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ନରସିଂହ ପ୍ରଧାନ ଜମିଦାର | | ୫ ୩ ୧ |
| ,, ଗୌରୀଚରଣ ସାହୁ | ସିଙ୍ଗ | ୫ ୧ ( |
| ,, ଭଗୁନାଥ ମିଶ୍ର | ଢେଙ୍କାନାଳ | ୫ ୩ ( |
| ,, ବାସୁଦେବ ଷଡ଼ଙ୍ଗୀ | ତାଳଚେର | ୫ ୩ ( |
| ,, ଲକ୍ଷ୍ମଣ ମିଶ୍ର ହେଡ଼ ପଣ୍ଡିତ | କୃପାସିନ୍ଧୁପୁର ଦ୍ୱାର ଖାନଟପୁର | ୫ ୧୪ |
| ,, ଜଗନ୍ନାଥ ସେନ ଲେଖକପୁର ଟୀକାବଡ଼ଣୀ | | ୫ ୨( |
| ,, ବୃନ୍ଦାବନ ଚନ୍ଦ୍ରମୂଷଣ ଶାସ୍ତ୍ରୀ ଜୟପୁର | ହଳାଗ୍ରାମ | ୫ ୩( |
| ,, ପୀତାମ୍ବରସାହିତ୍ୟ | ଭୁମାରକୋଟ ,, | ୫ ୩( |

## ବିଜ୍ଞାପନ ।

### ନୂତନପୁସ୍ତକ ! ନୂତନପୁସ୍ତକ

ଜମିଦାର ଓ ମହାଜନମାନଙ୍କର ଜନ୍ୟ

ସୁପ୍ରୟୋଜନୀୟ

## କୋର୍ଟ–ଫି

ଅର୍ଥାତ୍

ଦେଓ୍ୱାନୀ ଓ ରେଭିନ୍ୟୁ ଅଦାଲତର ଖର୍ଚ୍ଚା ସମ୍ବନ୍ଧେ ମହାମାନ୍ୟ ଗଭର୍ଣ୍ଣମେଣ୍ଟ ଓ ହାଇକୋର୍ଟଙ୍କଦ୍ୱାରା ନିର୍ଦ୍ଧାରିତ ହୋଇଥିବା କେତେକ ଅବଶ୍ୟଜ୍ଞେୟ ନିୟମାବଳୀ । ମୂଲ୍ୟ ତ ୦ ୵

କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

ପ୍ରତି ଗୃହସ୍ଥର ଅତି ପ୍ରୟୋଜନୀୟ

## ନୂତନ ପୁସ୍ତକ ।

### ରନ୍ଧନପ୍ରଣାଳୀ ।

ମୂଲ୍ୟ ପାଞ୍ଚ ଅଣା ।

ଏ ପୁସ୍ତକରେ ୧୫୦ ରୁ ଅଧିକ ପ୍ରକାର ସୁଖାଦ୍ୟ ପାକ କରିବାର ଉତ୍କୃଷ୍ଟ ପ୍ରଣାଳୀ ବିଶଦ୍‌ରୂପେ ବର୍ଣ୍ଣିତ ହୋଇଅଛି । ଏହାର ସାହା-ଯ୍ୟରେ ସମସ୍ତେ ଅନାୟାସରେ ବିବିଧ ପ୍ରକାର ଅନ୍ନ, ବ୍ୟଞ୍ଜନ, ମିଷ୍ଟାନ୍ନ ଓ ପଥ୍ୟ ରନ୍ଧନ କରି ପାରିବେ ।

କଟକ- ଚାନ୍ଦିନୀଚକ, ଉତ୍କଳସାହିତ୍ୟ ଅଫିସରେ ଏବଂ କଟକର ପ୍ରଧାନ ପୁସ୍ତକ-ଦୋକାନମାନଙ୍କରେ ମିଳିବ ।

## ବିଜ୍ଞାପନ ।

ଓଡ଼ିଶା ଡିଭିଜନର କମିଶନର ଶ୍ରୀଲ ଶ୍ରୀଯୁକ୍ତ ବାବୁ ନଗେନ୍ଦ୍ରନାଥ ଗୁପ୍ତ ଚୌଧୁରୀ ମହାଶୟଙ୍କର ଇନ୍‌ଷ୍ଟ୍ରକ୍ଟର ପ୍ରଜାସ୍ୱତ୍ୱ ଖରିଦ ବିକ୍ରୀ ଓ ଖାରିଜ ଦାଖଲ ସମ୍ବନ୍ଧୀୟ ନିୟମ—

ଓଡ଼ିଶା ପ୍ରଦେଶରେ ପ୍ରଚଳିତ ଥିବା ଅ ୧୦ ଇନ ଓ ବଙ୍ଗୀୟ ପ୍ରଜାସ୍ୱତ୍ୱ ବିଷୟକ ଅ ୮ ଇନର ବିଧାନ ମତେ ଥାନୀ, ପାହି, ଚନ୍ଦନା ପ୍ରଭୃତି ରୟତୀ ସ୍ୱତ୍ୱ ପୂର୍ଣ୍ଣ କିମ୍ବା ଅଂଶିକ ପ୍ରଜାମାନଙ୍କର ବିକ୍ରୀ କରିବାର ଅଧିକାର ନାହିଁ ଓ ମଧ୍ୟସ୍ୱତ୍ୱ ଏବଂ ଲାଖେରାଜବାହାଲି ପ୍ରଭୃତି ସ୍ୱତ୍ୱ ଜମିଦାରଙ୍କ ସମ୍ମତି ବ୍ୟତିରେକେ ଅଂଶିକ ବିକ୍ରୀ କରିବାର କ୍ଷମତା ନାହିଁ ।

ଓଡ଼ିଶା ବିଭାଗର ଅନେକ ଇଲାକାର ପ୍ରଜା-ମାନଙ୍କୁ ଏଥିଦ୍ୱାରା ଜଣେଇ ଦିଆଯାଉଅଛି ଯେ ସେମାନଙ୍କ ମଧ୍ୟରେ ଜମିଦାର ମହାଶୟଙ୍କର ବିନା ମଞ୍ଜୁରରେ ଉପର ଲିଖିତ ମତ ଜମି ଜମା ପୂର୍ଣ୍ଣ କିମ୍ବା ଅଂଶିକ ଖରିଦ ବିକ୍ରୀ କରିବେ ନାହିଁ ସେରୂପ ଖରିଦ ବିକ୍ରୀ କଲେ ଜମିଦାର ମହାଶୟ ତାହା ମଞ୍ଜୁର କରିବେ ନାହିଁ ମଧ୍ୟ ସେପରି ଖରିଦଦାରଙ୍କୁ ଅଦାଲତଦ୍ୱାରେ ଖରିଦ ସ୍ୱତ୍ୱରୁ ବେଦଖଲ କରିବେ ।

ହାଲ ବନ୍ଦୋବସ୍ତର ସନ୍ଧାନ ଲିଖିତ କେହି ପ୍ରଜା ଉପର ଲିଖିତ ମତ ଜମିଦାର ମହାଶୟଙ୍କ ମାଲିକାନଙ୍କର ବିନା ଅନୁମତିରେ ଖରିଦ ବିକ୍ରୀ କରିଥିଲେ ସେମାନଙ୍କ ପକ୍ଷେ ଉପରୋକ୍ତ ନିୟମ ସମ୍ପୂର୍ଣ୍ଣ ବର୍ତ୍ତିବ ।

ପ୍ରଜାମାନଙ୍କ ମଧ୍ୟରେ କେହି ସେମାନଙ୍କର କୌଣସି ସ୍ୱତ୍ୱର ଜମି ଜମା ବିକ୍ରୀ କରିବାକୁ ଇଚ୍ଛା କଲେ ସେମାନେ କଟକ ମୁକାମ ସଦର କଚେରୀରେ ଶ୍ରୀଯୁକ୍ତ ମାନେଜରଙ୍କ ନିକଟ ଦାଖଲ ହୋଇ ମଞ୍ଜୁର ହୁକୁମ ନେଇ ଖରିଦ ବିକ୍ରୀ କରି ପାରିବେ ସାହେବଙ୍କ ଅଦେଶ ବ୍ୟତୀତ ମଫସଲ ତହସିଲଦାରମାନଙ୍କର ଅନୁ-ମତିରେ ଖରିଦ ବିକ୍ରୀ ମଞ୍ଜୁର ହେବ ନାହିଁ ଓ

Digitized by srujanika@gmail.com

ସେମାନଙ୍କୁ ଔଷଧ ବିକ୍ରିର ଅନୁମତି ଦେବା ନିମନ୍ତେ କିଛିମାତ୍ର କ୍ଷମତା ଦିଆ ହୋଇ ନାହିଁ ଏ ନିୟମ ପୂର୍ବାପର ପ୍ରଚଳିତ ଥିବ ଅତଏବ ଶାଇନ ଦାଖଲ ଔଷଧ ବିକ୍ରୀ ସମ୍ବନ୍ଧେ ଅନୁମତି ଦେବା ଓଗେର ଯାବତୀୟ କାର୍ଯ୍ୟ ମାନେଜରଙ୍କ ମଞ୍ଜୁର ବ୍ୟତୀତ ହେବ ନାହିଁ ।

## ବନାରସୀ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ସଚ୍ଚା ଜମିଦାରମାନଙ୍କୁ ବର୍ଷସୁଦ୍ଧାରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ସମ୍ବଲପୁର, ସରେଇକଲା, ସୋନପୁର, ପାଟଣା, ଢେଙ୍କାନାଳ, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଅଠଗଡ଼, ଗାଙ୍ଗପୁର, ବଉଲାକୋଟା, ଝଡ଼ିଜମ୍ବୁପୁର ରାଜାମାନଙ୍କ ନିକଟରେ ତତ୍ତ୍ୱ ନେଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣାପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ନିଜସ୍ୱ ସଦାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଜୋଡ଼ି, ଫେଟା, କିଂଖାପ, ବାପ୍ତା, ଅଙ୍ଗୀ, ଦୋପଟ୍ଟା ମଖମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ଉତ୍ତମ ଖଞ୍ଚିତ ଅଙ୍ଗରଖା ସୁନା ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆରି କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ ବେଶି ବେଶି ମାଲ କିଣିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଇବା ଏବଂ ଫେରତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲୁମାଲ ଭୋଲାନାଥ
କୁଞ୍ଜଗଲି ଫାଟକ ବନାରସ ସିଟି

## ବିଜ୍ଞାପନ ।

ଭକ୍ତ କବି ଜଗନ୍ନାଥ ଦାସଙ୍କ କୃତ ଓଡ଼ିଆ ଏକାଦଶସ୍କନ୍ଧ ଭାଗବତ ଅନେକ ଦିନରୁ ଆମ୍ଭମାନଙ୍କ ଦେଶରେ ପ୍ରଚଳିତ ଅଛି । ବର୍ତ୍ତମାନ ଭକ୍ତିସଂଗ୍ରହ ପ୍ରକାଶକ ବାବୁ ମାଧବ ଲାଲ ଅନେକ ଭକ୍ତ ଲୋକମାନଙ୍କ ସାହାଯ୍ୟରେ ସଂସ୍କୃତ ଏକାଦଶସ୍କନ୍ଧର ପ୍ରତ୍ୟେକ ଶ୍ଲୋକ ସଙ୍ଗେ ଉକ୍ତ ଓଡ଼ିଆ ପଦ୍ୟକୁ ମିଳାଇ ଛାପି ଏକାଦଶସ୍କନ୍ଧ ପ୍ରକାଶ କରୁଅଛନ୍ତି ପ୍ରତ୍ୟେକ ଖଣ୍ଡର ସୁଲଭ ମୂଲ୍ୟ ଟ ୦ ।୵ । କଟକର ସମସ୍ତ ପୁସ୍ତକ ବିକ୍ରେତାଙ୍କ ନିକଟରେ ଏବଂ ଆମ୍ଭ ନିକଟରେ ତତ୍ତ୍ୱ କଲେ ମିଳି ପାରିବ ।

କଟକ
ସୂତାହାଟ } ଶ୍ରୀ ସୁଦର୍ଶନ ଦାସ ଶର୍ମା ।

---

ଏହିପରି ଆଦର୍ଶ "ଟ୍ରେଡ଼ମାର୍କ" ଯେଉଁ ଶିଶିରେ ସଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇ ଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

ଆମେରିକା ପ୍ରବେଶ ହେସ୍ପର୍ଡ କଲେଜର ମହାଯଶ ଡାକ୍ତର କେମିଷ୍ଟ ମେଜର ଏମ୍, ଏ, ଏମ୍, ଡି ସାହେବଙ୍କ ଅନୁଷ୍ଠିତ :—

"ଇଲେକ୍‌ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଇତିପୂର୍ବେ କେବେହେଁ ଆବିଷ୍କୃତ ହୋଇନାହିଁ । ଏହାର ଗୁଣ ଅସୀମ, କ୍ରିୟା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅଦ୍ଭୁତ । ସେହିପରି କୌଣସି ଔଷଧରେ ଆଶ୍ଚର୍ଯ୍ୟ ଗୁଣ ନାହିଁ, ବଡ଼ ଡାକ୍ତରମାନେ ଯେଉଁ ରୋଗ ଅସାଧ୍ୟ ବୋଲି କହିଥାନ୍ତି ଏହି ମହୌଷଧ ସେହି ରୋଗକୁ ଭଲ କରେ !

ଇଲେକ୍‌ଟ୍ରୋ ସାଲସା;—ନୂତନ ଉପାୟରେ ରସାୟନିକ ପ୍ରକରଣରେ ତାଡ଼ିତଶକ୍ତି ସଂଯୁକ୍ତ ରହିବାରୁ ଶୀଘ୍ର ମାନବ ଦେହରେ ଏହାର ଅଦ୍ଭୁତ କ୍ରିୟା ପ୍ରକାଶ ପାଏ ଏବଂ ପ୍ରତ୍ୟେକଥର ଔଷଧ ସେବନ ମାତ୍ରେ ମନରେ ହୁଏ ଯେମନ୍ତ ଶରୀରଭିତରେ କୌଣସି ବୈଦ୍ୟୁତିକ କ୍ରିୟା ଚାଲିଛି ଚମତ୍କାର ! ଏହିଠାରେ ଏହାର ଶକ୍ତିମତ୍ତାର ପ୍ରଥମ ପରିଚୟ । ଅଲୌକିକତାର ପ୍ରଥମ ନିଦର୍ଶନ !!

ବିଜ୍ଞାନ—ଆମ୍ଭମାନଙ୍କୁ ଶିକ୍ଷା ଦେଇଅଛି ଯେ ତାପର ଉତ୍ତାପର ଦୂରୋତ୍ପାଦ୍ୟ ଶକ୍ତି ହିଁ ପ୍ରକୃତିର ଜୀବନ । ତାପର ପ୍ରବାହ ବ୍ୟାଘାତ ପ୍ରକୃତ ରୋଗ ସଞ୍ଚାରିଣୀ । ଏପରି ତାପର ଏମନ୍ତ ଶକ୍ତି ଯେ ଔଷଧରେ ସଂଯୋଗ ରହିଅଛି, ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ସନ୍ଦେହ କଅଣ ?

ପାଶ୍ଚାତ୍ୟ ଶାସ୍ତ୍ରର ତତ୍ତ୍ୱଜ୍ଞ ପଣ୍ଡିତମାନେ କହନ୍ତି, କାର୍ଯ୍ୟ ଦୁର୍ଭିକ୍ଷର ଉତ୍କଣ୍ଠତାରେ ଓ ସ୍ୱାସ୍ଥ୍ୟ ରକ୍ଷାର ଅନିୟମରେ ଶରୀରସ୍ଥ ବୈଦ୍ୟୁତିକ ଶକ୍ତିର ହ୍ରାସ ହୋଇ ଧାତୁସମୂହର ବିକୃତ ଘଟେ ଏବଂ ପରିଣାମରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ । ପୁଣି ସେହି ହ୍ରାସପ୍ରାପ୍ତ ବୈଦ୍ୟୁତିକଶକ୍ତିର ସମତା ଶରୀରାଭ୍ୟନ୍ତରରେ ରକ୍ଷା କରିପାରିଲେ ମାନବ ନିରୋଗୀ ଓ ଦୀର୍ଘାୟୁ ହେବାହିଁ ସୁନିଶ୍ଚିତ । ମାତ୍ର ଔଷଧ ସମନ୍ୱିତ ରେ ଶରୀରର ସମତା ରକ୍ଷା ହୋଇ ନ ପାରେ । ତଡ଼ିତର ଶକ୍ତି ସଂଯୋଗ ବ୍ୟତୀତ କୌଣସି ଔଷଧରେ ସେ ଅଦ୍ଭୁତ ସାମର୍ଥ୍ୟ ମୋଟେ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ରସାୟନିକ ବ୍ୟାଟେରୀ ବା ତାଡ଼ିତଯନ୍ତ୍ର ଆବିଷ୍କାର କରନ୍ତି ଏବଂ ରୋଗୀ ଦେହରେ ତାହାର ବାହ୍ୟିକ ପ୍ରୟୋଗ କରିଥାନ୍ତି, ପକ୍ଷାଘାତ, ସ୍ନାୟୁ ଦୌର୍ବଲ୍ୟ ପ୍ରଭୃତି ରୋଗୋତ୍ପାଦକ ଅଣୁ ଦମନ କରିବାକୁ ସମର୍ଥ ହୁଅନ୍ତି । ଫଳରେ ତହିଁର କ୍ରିୟା ମଧ୍ୟ ଯେ ସ୍ଥାୟୀ ଏ କଥା ନିଶ୍ଚିତ ସ୍ଥିରକରି ଏବେ ଆଉ ବୁଝାଇ ଦେବାକୁ ହେବ ନାହିଁ । ଅଥଚ ଏହି ବ୍ୟାଟେରୀର ପ୍ରୟୋଗରେ ବାହାରେ ମହତ୍ତ୍ୱ ଶକ୍ତି ହ୍ରାସ ପାଇବ ମେଜର ସାହେବଙ୍କର ଅକ୍ଳାନ୍ତ ପରିଶ୍ରମର ପ୍ରତ୍ୟୋଗାର୍ଥ ତାହାକୁ ଔଷଧ ରୂପେ ବାହ୍ୟରେ ସଂଯୋଗ କରି ଏହି ଅମୋଘ ଔଷଧ ସୃଜନ କରି ଉଠାଇଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଅବ୍ୟର୍ଥ ଆରୋଗ୍ୟ ସାଧନରେ ଜଗତରେ ନୂତନ ଯୁଗ ଆଣି ଦେଇଅଛନ୍ତି !!!

ଅଥଚ କାହାକୁହିଁ ଉପଥ୍ୟ ଓ ଅସ୍ଥାୟୀ ଗୁଣବିଶିଷ୍ଟ କୃତ୍ରିମ ସାଲସା ବା କୌଣସିପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଅଥ କାହାକୁହିଁ ରୋଗ ଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଅତଏବ ଏହି ମହୌଷଧକୁ ଏହି ମହାବ୍ୟକ୍ତିଙ୍କୁ, ଏହି ବୈଦ୍ୟୁତିକ ସମ୍ପନ୍ନ "ଇଲେକ୍ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ଶୁଭଫଳ ପାଇବେ ଅବର୍ଣ୍ଣନୀୟ ଦେହ ପୁଣି କାର୍ଯ୍ୟକ୍ଷମ ହେବ, ଯୌବନକାଳୋଚିତ ବଳବୀର୍ଯ୍ୟ ଓ ସ୍ୱାସ୍ଥ୍ୟ ପୁଣି ଫେରିପାଇବ ।

ରକ୍ତ ପିତ୍ତର ବୃଦ୍ଧି, ବାତରକ୍ତ, ଅମ୍ଳପିତ୍ତ, ଉପଦଂଶ, ଅର୍ଶ, ନାଳୀଘା, ଗଳଗଣ୍ଡ, କାଛୁ, କୁଷ୍ଠ, ଶ୍ୱେତକୁଷ୍ଠ, ପ୍ରମେହ, ଧାତୁ ଦୌର୍ବଲ୍ୟ, ଜୀର୍ଣ୍ଣ ପାଚନ, ସ୍ୱପ୍ନଦୋଷ, ପୁଷ୍ଟି ଚଳିବା, ସ୍ତ୍ରୀ ସହବାସରେ ଅକ୍ଷମ, ଚକ୍ଷୁ ଜଳିବା, ମୁଣ୍ଡ ଘୂରିବା, କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା—ଯେତେ କଷ୍ଟକର, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ ।

ବିଶେଷ ବିବରଣ ପୁସ୍ତକ ଦ୍ରଷ୍ଟବ୍ୟ ଡାକଯୋଗରେ ଦେଉ ! ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ପ୍ରତି ଶିଶି ଟ ୧ ୧ ୦ ଶିଶିକୁ ଟ ୫୨, ୭ ଶିଶିକୁ ଟ ୧୦୨, ଡଜନକୁ ଟ ୨୦ ୧ ଦରେଶକୁ ପଠାଇବାର ଡାକମାସୁଲ ଓ ପ୍ୟାକିଂ ଖର୍ଚ୍ଚ ଶିଶିକେ ଟ ୦ ।୵, ୩ ଶିଶିରେ ଟ ୦ ।୵, ୭ ଶିଶିରେ ।୵, ଡଜନରେ ଟ ୧।୵ ।

ଆମ୍ଭମାନଙ୍କର ପତ୍ରାଦି ପଠାଇବାର ଠିକଣା

W. MAJOR & Co } ଡବ୍ଲିଉ, ମେଜର ଏଣ୍ଡ କୋ°
Calcutta } କଲିକତା
TELEGRAPHIC ADDRESS.
"MAJOR" Calcutta

Split by PDF Splitter
Digitized by srujanika@gmail.com

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଜଗଦ୍‌ବିଖ୍ୟାତ ଉତ୍କଳଦୀପିକା ସମ୍ପାଦକର ସମ୍ପାଦକ ମହାଶୟ ମାନ୍ୟବରେଷୁ ମହାଶୟ !

"ନିମ୍ନଲିଖିତ କତିପୟ ପଂକ୍ତିକୁ ଆପଣଙ୍କ ଲୋକପ୍ରଖ୍ୟାତ ପତ୍ରିକାରେ ସ୍ଥାନ ଦାନ କରି ବାଧିତ କରିବା ହେବେ"।

ଅତ୍ର ତାଳଚେର ରାଜ୍ୟର ନବୀନ ରାଜା ଶ୍ରୀଯୁକ୍ତ ଧନେଶ୍ୱର ଚନ୍ଦ୍ର ବୀରବର ହରିଚନ୍ଦନ ମହୋଦୟ ଅଳ୍ପ ଦିନ ହେଲା ରାଜ୍ୟଭାର ପ୍ରାପ୍ତ ହୋଇ ଯେମନ୍ତ ସୁଖ୍ୟାତିର ସହିତ ଶାସନଦଣ୍ଡ ପରିଚାଳନ କରୁଅଛନ୍ତି ତେମନ୍ତ କପୋଳକଳ୍ପିତ ଅତ୍ୟନ୍ତ ଅପୂର୍ବ ଅଭିନବ ଘଟଣାମାନ ଦେଖାଇ ସ୍ୱଦେଶୀୟ ଓ ପରଦେଶୀୟ ଦର୍ଶକମାନଙ୍କର ମନ ମୁଗ୍ଧ କରାଉଅଛନ୍ତି ।

ବ୍ୟାଘ୍ର, ମୃଗ ପ୍ରଭୃତି ବନ୍ୟ ହିଂସ୍ରଜନ୍ତୁମାନଙ୍କ ଅଗ୍ନେୟାସ୍ତ୍ରଦ୍ୱାରା ବଧ କରିବା ସର୍ବତ୍ର ଶୁଣାଯାଏ କିନ୍ତୁ ହିଂସ୍ରଜନ୍ତୁମାନଙ୍କୁ ଜୀବନ୍ତରେ ବନ୍ଧନ କରିବା ବର୍ତ୍ତମାନ କାଳରେ ଉତ୍କଳର କୌଣସି ସ୍ଥଳରେ ଶୁଣିବାକୁ ମିଳି ନ ଥିବ ନାହିଁ ।

ତାଳଚେର ରାଜା ମହୋଦୟ ସ୍ୱକପୋଳକଳ୍ପିତ ଯନ୍ତ୍ରରେ ଲୌହ ନିର୍ମିତ ଗୋଟିଏ ଯନ୍ତ୍ର ପ୍ରସ୍ତୁତ କରିଅଛନ୍ତି । ଯନ୍ତ୍ରଟି ଲମ୍ବରେ ହାତ୍ୟ ଓ ପ୍ରସ୍ଥରେ ହାତ । ଚତୁର୍ଦ୍ଦିଗରେ ଲୌହ ବେଲିମାନ ବସିଅଛି । ଉପରି ଭାଗରେ ସମାନ୍ତରରେ ପଟା ପଡ଼ି ଲୌହର ବଡ଼ାମାନ ଦିଆ ହୋଇ ତଦୁପରି ସାଧାରଣ ଗୃହପରି ଛପରି ହୋଇଅଛି । ଦୂରରୁ କିମ୍ବା ଅଳ୍ପ ନିକଟରୁ ଦେଖିଲେ ଉକ୍ତ ଯନ୍ତ୍ରଟି ଗୋଟିଏ ଛୋଟ ରହିବା ଘର ପରି ପ୍ରାୟ ଅନୁମାନ ହୁଏ ।

ବ୍ୟାଘ୍ରର ଗତାୟତ ସ୍ଥାନ ଦେଖି ଉକ୍ତ ଯନ୍ତ୍ରରେ ଗୋଟିଏ ଛାଗଳ ବାନ୍ଧି ଦେଇ ରଖି ଦେଲେ ବ୍ୟାଘ୍ର ଛେଳି ଖୋଜି ମନେ କରି ପ୍ରବେଶ ମାତ୍ରେ ସମ୍ମୁଖ ଦ୍ୱାରର କବାଟ ବନ୍ଦ ହୋଇଯାଏ । ବ୍ୟାଘ୍ରର ଆଉ କୌଣସିମତେ ବାହାର ହେବାର ଉପାୟ ନାହିଁ ।

ଯନ୍ତ୍ରର ମଧ୍ୟକେନ୍ଦ୍ରରେ ଆଉ ଏକ କବାଟ ଲାଗିଅଛି ବ୍ୟାଘ୍ର ଯନ୍ତ୍ରରେ ପଡ଼ିବା ମାତ୍ରେ ମଧ୍ୟଦେଶର କବାଟ ପଡ଼ି ଯନ୍ତ୍ରଟି ଦ୍ୱିଧା ହୋଇଯାଏ ଏକ ପାଖରେ ବ୍ୟାଘ୍ର ଓ ଅପର ପାଖରେ ଛାଗଳଟି ନିରାପଦରେ ରହେ । ବ୍ୟାଘ୍ର ଅବସ୍ଥାରେ ରହି ଛାଗଳର ଦର୍ଶନ ମାତ୍ର ପାଏ ମାତ୍ର ଆଘାତ କରିବା ତେଣିକି ଥାଉ ସ୍ପର୍ଶ କରିବାର ଉପାୟ ନାହିଁ ।

ଏହିପରି ଅଭିନବ କୌଶଳରେ ରାଜା ମହୋଦୟ ଗତ ବର୍ଷ ମହାମାନ୍ୟ ଗଡ଼ଜାତ ସମୂହର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ କୋବସ ସାହେବ ମହୋଦୟ ଶୀତକାଳୀନ ଗସ୍ତରେ ଏ ରାଜ୍ୟରେ ବିରାଜମାନ ହୋଇଥିବା ସମୟରେ ଗୋଟିଏ ବଡ଼ାପଟ୍ଟୁଆ ବ୍ୟାଘ୍ର ଧୃତ କରି ସାହେବଙ୍କୁ ଦେଖାଇଥିଲେ । ସେ ବ୍ୟାଘ୍ରଟି ଇଦାନୀଂ କଲିକତା ପଶୁଶାଳୟକୁ ପ୍ରେରିତ ହୋଇଅଛି ।

ଚଳିତ ମାର୍ଚ୍ଚ ମାସରେ ଉକ୍ତ ଯନ୍ତ୍ରଦ୍ୱାରା ଆଉ ଗୋଟିଏ ଚିତ୍ରିତ ବ୍ୟାଘ୍ର ଧୃତ ହୋଇଥିଲା । ସେ ବ୍ୟାଘ୍ରଟି ପୁରୀରୁ ପ୍ରାପ୍ତ ହୋଇଅଛି ।

ବର୍ତ୍ତମାନ୍ ରାଜା ମହୋଦୟ ଉକ୍ତ ଯନ୍ତ୍ରକୁ ପୂର୍ବ ପ୍ରକାରେ ବସାଇ ଦେଇ ବାବୁ କୃଷ୍ଣଚନ୍ଦ୍ର ଦାସ ସରଦାରଙ୍କୁ ତତ୍ତ୍ୱାବଧାନରେ ନିଯୁକ୍ତ କରି କଲିକତା ବିରାଜମାନ ହୋଇଥିଲେ । ଗତ ଅକ୍ଟୋବର ମାସର ତା ୩୧ ରାତ୍ରି ସନ୍ଧ୍ୟାରେ ଉକ୍ତ ଯନ୍ତ୍ରରେ ଗୋଟିଏ ବୃହତ୍ ବଡ଼ ପୂର୍ଣ୍ଣବୟସ୍କା ବ୍ୟାଘ୍ର ଧୃତ ହୋଇଅଛି ।

ପ୍ରତ୍ୟହ ଅସଂଖ୍ୟ ଲୋକ ଜମା ହୋଇ ବ୍ୟାଘ୍ରର ଦର୍ଶନ ପାଉଅଛନ୍ତି ଓ ବ୍ୟାଘ୍ର ମଧ୍ୟ ଭୀମଗର୍ଜ୍ଜନ, ବିକଟବଦନ ଓ ସ୍ପନ୍ଦିତ ଚକ୍ଷୁ ଦେଖାଇ ଦର୍ଶକଗଣଙ୍କର ଯଥେଷ୍ଟ ଭୀତି ବର୍ଦ୍ଧନ କରାଉଅଛି ।

ଅତ୍ରର ମଧ୍ୟ ରାଜାମହୋଦୟ ଜଙ୍ଗଲ ମଧ୍ୟରେ ଗୋଟିଏ ହାତୀ ଧରିଲା ପରି ଖେଦା ତିଆରି କରି ଅଦ୍ଭୁତ କୌଶଳରେ ଗୋ ୪ ଟି ମୃଗ ଜୀବନ୍ତରେ ବନ୍ଧନ କରିଅଛନ୍ତି ।

ମୃଗୟା ଏବଂ ବ୍ୟାଘ୍ର ଧରିବା ପ୍ରଭୃତି କାର୍ଯ୍ୟରେ ବାବୁ ଶ୍ରୀ କୃଷ୍ଣଚନ୍ଦ୍ର ଦାସ ସରଦାର ମହୋଦୟ ସମଧିକ ଯତ୍ନ କରୁଥିବାରୁ ତାଙ୍କ ପକ୍ଷରେ ଏହା ଅବଶ୍ୟ ପ୍ରଶଂସାର ବିଷୟ । ଇତି

ତାଳଚେର ଦୁର୍ଗ
ତା ୩।୧୧।୧୯୦୯ } ଶ୍ରୀ ଘନଶ୍ୟାମ ମିଶ୍ର

## ବିଜ୍ଞାପନ ।

ବ୍ୟବହାର କରନ୍ତୁ ! ବ୍ୟବହାର କରନ୍ତୁ !!

ଏ, ସଟନ ଏଣ୍ଡ କୋର ଅମୂଲ୍ୟ ଔଷଧାବଳୀ ।

ସ୍ୱାଭାବିକ ରୋଗୀଙ୍କର ଆଉ ଭୟର କାରଣ ନାହିଁ ।

ସାଲସା ସାରସା ପିଲ୍—ଏହା ସର୍ବୋତ୍କୃଷ୍ଟ ରକ୍ତ ପରିଷ୍କାରକ, ପାରଦ ଦୋଷନାଶକ ଓ ବଳକାରକ ସାଲସା। ଉପଦଂଶ ( ଗରମୀ ବେମାରୀ ) ଓ ପାରଦ ବ୍ୟବହାର ଜନିତ ସର୍ବପ୍ରକାର ରୋଗ, ଘା, ବାତ, ଦେହ ଫାଟି ଓ ଶୋଥର ଉପଶମ ପାଇଁ ଏବଂ ସର୍ବପ୍ରକାର ଚର୍ମରୋଗର ଏହା ଏକମାତ୍ର ମହୌଷଧ । କ୍ଷୁଧାବୃଦ୍ଧି ଓ କୋଷ୍ଠ ପରିଷ୍କାର ଓ ଦୁର୍ବଳତା ଦୂର କରିବାକୁ ଏହା ଅଦ୍ୱିତୀୟ ଅଟେ । ରୋଗୀମାନଙ୍କ ଅପେକ୍ଷା, ବାଳକ ଓ ବୃଦ୍ଧ ସମସ୍ତଙ୍କର ସ୍ୱାସ୍ଥ୍ୟ ଉନ୍ନତି ନିମନ୍ତେ ଶିଶିଏ ସେବନ କରିବା ଆବଶ୍ୟକ,

ମୂଲ୍ୟ ୧।୦ ମାସୁଲ ।୦

ଅଣ୍ଡି ଉପଦ୍ରବ ନିବାରକ ।—ନୂତନ ଓ ପୁରାତନ ମେହ, ମୂତ୍ରନଳୀର ପ୍ରଦାହ ଓ ଜ୍ୱାଳା, ପ୍ରସ୍ରାବକାଳୀନ ଜ୍ୱାଳା ଓ ରକ୍ତପାତ, ସପୂୟ ଧାତୁକ୍ଷୟ, ମୂତ୍ରକୃଚ୍ଛ୍ର, ଫୋଟାଫୋଟା ପୋଡ଼ିଆ ପ୍ରସ୍ରାବ, ଅପରିମିତ ଶୁକ୍ରକ୍ଷୟ, ଦୌର୍ବଲ୍ୟ, ବିବେ- ଚନ ଏବଂ ସନ୍ତାପେଷା ଇତ୍ୟାଦିର ଔପସର୍ଗିକ ମେହର ଏହା ଏକମାତ୍ର ମହୌଷଧ । ଶରୀରକୁ ବଳପୁଷ୍ଟ ଓ ନିର୍ଦ୍ଦୋଷ କରିବାକୁ ଏହା ତୁଲ୍ୟ ଆଉ ଔଷଧ ଆବିଷ୍କୃତ ହୋଇ ନାହିଁ । ଅତି ଭୟାନକ ଜ୍ୱାଳା ଯନ୍ତ୍ରଣା ୨୪ ଘଣ୍ଟା ମଧ୍ୟରେ ଆରୋଗ୍ୟ ହୁଏ ଏବଂ ରୋଗୀ ଏକ ସପ୍ତାହ ମଧ୍ୟରେ ଆରୋଗ୍ୟ ହୋଇ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ ହୁଏ ।

ମୂଲ୍ୟ ୧।୦ ମାସୁଲ ।୦

ସରବେଥୋଲ ।—ଧାତୁ ଦୌର୍ବଲ୍ୟ, ଧାତୁ ତାରଲ୍ୟ, ସ୍ୱପ୍ନଦୋଷ, ଇନ୍ଦ୍ରିୟ ଶୈଥିଲ୍ୟ, ପୁରୁଷତ୍ୱ ହାନି, ଶୁକ୍ରସ୍ଖଳନ, ଅନେକ ପ୍ରସ୍ରାବ, କୋଷ୍ଠ କାଠିନ୍ୟ ଦୂରତ ଯାବତୀୟ ଶୁକ୍ର ପୀଡ଼ାର ମହତ୍ ମହୌଷଧ । ଏହାକୁ ସେବନ କଲେ ମନ ସ୍ଫୂର୍ତ୍ତିରେ ଓ ଶରୀର ନବ ବଳରେ ବଳୀୟାନ ହୋଇ ସ୍ୱାଭାବିକ କାନ୍ତି ପ୍ରାପ୍ତ ହୁଏ । ଯଦ୍ୟପି ଏହା ନେଇବାର ଧୂମପାନ ରୋଗ ଆରୋଗ୍ୟ ନ ହୁଏ ତାହା ହେଲେ ଦେଶ ଶାସ୍ତ୍ରର ଅଉ ଅବକାଶ ରହିବ ନାହିଁ ।

ମୂଲ୍ୟ ୧।୦ ମାସୁଲ ।୦

ହାଂଓଟାରମ ପେଷ୍ଟ ।—ଏହାକୁ ବ୍ୟବହାର କଲେ ସର୍ବପ୍ରକାର ଦାଦ୍, ୨୪ ଘଣ୍ଟା ମଧ୍ୟରେ ଭସ୍ମୀଭୂତ ଆରୋଗ୍ୟ ହୁଏ । ଏହା ତୁଲ୍ୟ ଦାଦ୍ର ଔଷଧ ଜଗତରେ ଆଉ ପ୍ରାପ୍ତ ହୁଏ ନାହିଁ । ଥରେ ବ୍ୟବହାର କଲେ ବୁଝି ପାରିବେ ।

ମୂଲ୍ୟ ।୦ ଡାକମାସୁଲ ।୦

ଠିକଣା—ଏ, ସଟନ୍ ଏଣ୍ଡ କୋଂ
ନଂ ୪୪ ମୁକ୍ତାରାମ ବାବୁ ଷ୍ଟ୍ରୀଟ୍ କଲିକତା

NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J, BELL
*Agent Cuttack.*

## ବିଜ୍ଞାପନ ।

କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ କିମ୍ବପ୍ରାଇମେରୀ, ଲୋୟରପ୍ରାଇମେରୀ, ଅପରପ୍ରାଇମେରୀ, ମାଇନର ଏବଂ ଏଣ୍ଟ୍ରେନ୍ସ ସ୍କୁଲର ଯାବତୀୟ ଓଡ଼ିଆ ଇଂରାଜୀ, ବଙ୍ଗଳା ଓ ସଂସ୍କୃତ ପାଠ୍ୟ-ପୁସ୍ତକ ଉଚିତ ମୂଲ୍ୟରେ ବିକ୍ରୟ ହେଉଅଛି । ଏହା ଛଡ଼ା ନାନାପ୍ରକାର ଫୁଲସ୍କେପ, ଡ୍ରେଣ୍ଡ୍ ନିବ, ବାଦାମୀ ସାଦା ଚିଠିଲେଖା କାଗଜ ଓ ଲଫାଫା, ନାନାରଙ୍ଗର କାଳି, ହୋଲ୍ଡର, ରବର, ପେନସିଲ, ଅର୍ଥାତ୍ ସ୍କୁଲ ଏବଂ ସରକାରୀ ଓ ବେସରକାରୀ ଅଫିସରେ ବ୍ୟବହାରୀୟ ସମସ୍ତ ସରଞ୍ଜାମମାନ ସୁଲଭମୂଲ୍ୟରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କ ନିକଟକୁ ରେଲରେ ଓ ଷ୍ଟିମାରରେ ଜିନିଷ ପଠାଯାଏ । ପୁସ୍ତକର ଓ ଅନ୍ୟ ଜିନିଷର ଲିଷ୍ଟ ପୃଥକ୍ ଛପା ହୋଇ ବିନା ମୂଲ୍ୟରେ ଦିଆଯାଏ । ମୋଫସଲର ଗ୍ରାହକମାନେ ଖଣ୍ଡିଏ ପୋଷ୍ଟକାର୍ଡ ଲେଖି ପଠାଇଲେ ସେମାନଙ୍କ ନିକଟକୁ ଲିଷ୍ଟ ପଠାଯିବ । ଇତି

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରୀ

Split by PDF Splitter

Digitized by srujanika@gmail.com

Split by PDF Splitter



ଅଭ ତାହାରଲୁ ଅସ୍ଥାୟୀ ଗୁଣବିଶିଷ୍ଟ ସାଲସା ପ୍ରଭୃତି ଔଷଧ ସେବନ କରି ଅଯଥା ଅର୍ଥବ୍ୟୟ କରିବାକୁ ହେବ ନାହିଁ ।

ଚିକିତ୍ସା ଜଗତର ନୂତନ ଆବିଷ୍କାର ! **ଡ୍ୟାନଜୀନ ।** ହତାଶ ପ୍ରାଣର ଏକମାତ୍ର ଆଶା !!

ଡାକ୍ତର ଜେ, ଟୀ, ମାର୍ଟିନ ସାହେବଙ୍କ ଆବିଷ୍କୃତ ଜଗତ୍ ପ୍ରସିଦ୍ଧ, ଆଶ୍ଚର୍ଯ୍ୟ ଗୁଣବିଶିଷ୍ଟ ଓ ପ୍ରତ୍ୟକ୍ଷ ଫଳପ୍ରଦ ସେହି—

# DANZIN

ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଆଇନ ଅନୁଯାୟୀ ରେଜିଷ୍ଟ୍ରିକୃତ ।

ଭାରତବର୍ଷ ଗ୍ରୀଷ୍ମ ପ୍ରଧାନ ଦେଶ, ସେଥି ନିମନ୍ତେ ଅତ୍ୟଳ୍ପ ବୟସଠାରୁ ଏତଦ୍ଦେଶବାସୀମାନଙ୍କ ଇନ୍ଦ୍ରିୟ ଚାଞ୍ଚଲ୍ୟ ଉପସ୍ଥିତ ହୁଏ ଏବଂ ତାହାର ପରିଣାମ ଫଳରେ ଧାତୁଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରତାରଲ୍ୟ, ରକ୍ତଦୁଷ୍ଟି, ପାରଦ ବିକୃତି, ଏପରିକି କୁଷ୍ଠରୋଗ ପର୍ଯ୍ୟନ୍ତ ହୋଇ ଦୁର୍ବଳ ମାନବଜୀବନକୁ ଅସାର ଓ ଅକର୍ମଣ୍ୟ କରି ପକାଏ, ଏହି ସକଳ ରୋଗ କବଳରୁ ଭାରତବାସୀମାନଙ୍କ ଉଦ୍ଧାର ନିମନ୍ତେ "ଡ୍ୟାନଜିନ" ଆବିଷ୍କୃତ ହେବାର ପୂର୍ବରୁ ପ୍ରକୃତ ଫଳ ଦାୟକ ଔଷଧ ପ୍ରଚଳିତ କୌଣସି ଚିକିତ୍ସା ଶାସ୍ତ୍ରରେ ଆବିଷ୍କୃତ ହୋଇ ନ ଥିଲା । ସେଥି ନିମନ୍ତେ ଡାକ୍ତର ମାର୍ଟିନ ସାହେବ ସୁଦୀର୍ଘକାଳବ୍ୟାପୀ ଅସାଧାରଣ ଚେଷ୍ଟା ଓ ଅଧ୍ୟବସାୟ ଓ ଅଜସ୍ର ଅର୍ଥ ବ୍ୟୟଦ୍ୱାରା ଏବଂ ଅନୁସନ୍ଧାନର ଫଳରେ ଦକ୍ଷିଣ ଆମେରିକାର ପାର୍ବତ୍ୟ ପ୍ରଦେଶଜାତ କେତେଗୁଡ଼ିଏ ଲତା ଓ ଗୁଳ୍ମ କାର୍ଯ୍ୟୋପଯୋଗୀ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ଫାର୍ମାକୋପିଆର ଅନୁମୋଦିତ ଅଶ୍ୱଗନ୍ଧ, ପଞ୍ଚାଙ୍ଗ ଓ ଡାମିୟାନା ପ୍ରଭୃତି କେତୋଟି ପ୍ରସିଦ୍ଧ ବଳ ପରୀକ୍ଷାରେ ଓ ଶକ୍ତି ବୃଦ୍ଧିକର ଔଷଧର ସମ୍ମିଶ୍ରଣରେ ନୂତନ ରସାୟନିକ ପ୍ରକ୍ରିୟାର ସାହାଯ୍ୟରେ ଏହି ମହାଶକ୍ତିଶାଳୀ ଔଷଧ "ଡ୍ୟାନଜିନ" ଆବିଷ୍କାର ହୋଇ ଭାରତବାସୀମାନଙ୍କର ମହାନ୍ ଅଭାବ ଦୂରୀଭୂତ ହୋଇଅଛି । ଯେବେ ତୁମ୍ଭେ ମନେ କରିଥାଅ ତୁମ୍ଭର ରୋଗ ଅସାଧ୍ୟ ଯଦି ତୁମ୍ଭର ଚିକିତ୍ସକ ତୁମ୍ଭଙ୍କୁ ଆରୋଗ୍ୟ କରିବାକୁ ନୈରାଶ୍ୟ କରିଥାନ୍ତି ଯେବେ ତୁମ୍ଭେ ସାଲସା ପ୍ରଭୃତି ବହୁପ୍ରକାର ଔଷଧ ସେବନ କରି ଜୀବନରେ ହତାଶ ହୋଇଥାଅ, ତଥାପି ତୁମ୍ଭଙ୍କୁ କହୁଅଛୁଁ ଜୀବନରେ ନୈରାଶ ହୁଅ ନାହିଁ । ଥରେ ଏହି ମହାଶକ୍ତି "ଡ୍ୟାନଜିନ" ସେବନ କରି ଦେଖ ସଙ୍ଗେ ସଙ୍ଗେ ଶୁଭଫଳ ପାଇବ ! ଜୀର୍ଣ୍ଣ ଦେହରେ ପୁନର୍ବାର ନୂତନ ଜୀବନ ପାଇବ ! ଅକର୍ମଣ୍ୟଶରୀର ପୁନର୍ବାର କାର୍ଯ୍ୟକ୍ଷମ ହେବ !!! ଅନେକଙ୍କର ଧାରଣା ଅଛି ପାରା ଓ ଗରମୀର ବିଷ ଶରୀରରେ ପ୍ରବେଶ କଲେ ତାହା ଆଉ କାହିଁରେ ଦୂରୀଭୂତ ହୁଏ ନାହିଁ । କିନ୍ତୁ ପ୍ରାପ୍ତ ଅବିଶ୍ୱାସୀ ହେଲେ ସାଧାରଣଙ୍କର ସେ ବିଶ୍ୱାସ "ଡ୍ୟାନଜିନ" ଏବେ ଦୂରୀଭୂତ କରି ଦେଇଅଛି । ଡ୍ୟାନଜିନର ଆଉ ଗୋଟିଏ ଅସାଧାରଣ ଶକ୍ତି ଏହି ଯେ ମଳ ମୂତ୍ର ଓ ଘର୍ମ ସହିତ ପାରା ନିର୍ଗତ କରି ଦେବାର ସ୍ପଷ୍ଟ ଦେଖାଯାଏ । ସାଲସା—ରୋଗ ଚାପି ରଖେ । ଡ୍ୟାନଜିନ ରୋଗ ଚାପି ରଖେ ନାହିଁ, ସମ୍ପୂର୍ଣ୍ଣ ଆରୋଗ୍ୟ କରେ ଥରେ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ । ସାଲସାର ଗୁଣ ଅସ୍ଥାୟୀ । ଡ୍ୟାନଜିନ ଗୁଣ ସ୍ଥାୟୀ ।

ଡ୍ୟାନଜିନ—ସାଲସାର ନ୍ୟାୟ ରୋଗ ଚାପି ରଖେ ନାହିଁ । ରୋଗ ଆରୋଗ୍ୟ ହେଲେ ଆଉ ପୁନରାକ୍ରମଣ କରେ ନାହିଁ ।

ଡ୍ୟାନଜିନ—ମଦ, ଅଫିମ, ଗଞ୍ଜେଇ, ମାର୍ଫିଆ ପ୍ରଭୃତି କୌଣସି ପ୍ରକାର ମାଦକଦ୍ରବ୍ୟ ବା କ୍ଷତିକର ପଦାର୍ଥର ସଂସ୍ରବ ନାହିଁ । ତଥାପି ଏହାର ଏକ ଅଶ୍ଚର୍ଯ୍ୟ ଗୁଣ ଏହି ଯେ ଔଷଧ ସେବନର ଅବ୍ୟବହିତ ପରେ ମନ ପ୍ରଫୁଲ୍ଲ ହୁଏ, ଶରୀର ସ୍ଫୂର୍ତ୍ତି ହୁଏ, କ୍ଷୁଧା ବୃଦ୍ଧି କରେ, କୋଷ୍ଠ ପରିଷ୍କାର କରେ, ଡ୍ୟାନଜିନ—ଖାଇବାକୁ ସୁସ୍ୱାଦୁ, ସୁଗନ୍ଧଯୁକ୍ତ, ଡ୍ୟାନଜିନ ସେବନରେ କୌଣସି ପ୍ରକାର ବନ୍ଧା ନିୟମ ନ ଥିବାରୁ ସକଳ ଋତୁରେ ଓ ସକଳ ଅବସ୍ଥାରେ ଆବାଳ ବୃଦ୍ଧ ବନିତା ନିର୍ବିଘ୍ନରେ ସେବନ କରି ପାରନ୍ତି । ସେଥି ନିମନ୍ତେ ଏହା ଦରିଦ୍ରର ବନ୍ଧୁ ଓ ଦୁଃଖ ଦେହର ଜୀବନ ।

**ଡ୍ୟାନଜିନରେ କି କି ରୋଗ ଆରୋଗ୍ୟ ହୁଏ ?**

୧ । ମେହ ସମ୍ବନ୍ଧୀୟ ପୀଡ଼ା ଓ ସ୍ତ୍ରୀ ବ୍ୟାଧି; ୨ । ଗରମୀ ଓ ପାରଦ ଦୂଷିତ ରକ୍ତ ସମ୍ବନ୍ଧୀୟ ପୀଡ଼ା; ୩ । ବାତ ସମ୍ବନ୍ଧୀୟ ପୀଡ଼ା ।

ମେହ ସମ୍ବନ୍ଧୀୟ ପୀଡ଼ା—ଯଥା—ମେହ, ପ୍ରମେହ, ହଠାତ୍ ଧାତୁ ନିର୍ଗମନ ବା ରକ୍ତ ନିର୍ଗତ ହେବା, ମୂତ୍ରମୁହୁ ପ୍ରସ୍ରାବର ବେଗ, ପ୍ରସ୍ରାବର ଜ୍ୱାଳା, ପ୍ରସାବ ପୂର୍ବେ ବା ପରେ ଚୂନପରି ପଦାର୍ଥ ବାହାରି ହେବା । ସ୍ୱପ୍ନଦୋଷ ଦର୍ଶନ ବା ସ୍ପର୍ଶରେ ରେତଃପାତ, ଅର୍ଥାତ୍ ଶୁକ୍ରର ତରଳତା, ସ୍ୱପ୍ନଦୋଷ ଓ ତଜ୍ଜନିତ ମୁଣ୍ଡଧରା, ମୁଣ୍ଡବୁଲା, ଘୁସଘୁସ ଜ୍ୱର, ଚକ୍ଷୁ ଜ୍ୱାଳା, ଚକ୍ଷୁରୁ ଜଳପଡ଼ିବା, ହାତଗୋଡ଼ଜ୍ୱଳିବା, ସ୍ମରଣ ଶକ୍ତିର ହ୍ରାସ, ଧାତୁଦୌର୍ବଲ୍ୟ, କୋଷ୍ଠ କାଠିନ୍ୟ, କ୍ଷୁଧାମାନ୍ଦ୍ୟ, ଅରୁଚି ଇତ୍ୟାଦି । ସ୍ତ୍ରୀବ୍ୟାଧି—ରକ୍ତ ବା ଶ୍ୱେତ ପ୍ରଦର, ଅନିୟମିତ ରକ୍ତସ୍ରାବ, ବନ୍ଧ୍ୟାତ୍ୱ, ଋତୁକାଳୀନ ପେଟରେ ବେଦନା ଓ ତଳତଳିଆ ଇତ୍ୟାଦି ।— ରକ୍ତ ସମ୍ବନ୍ଧୀୟ ପୀଡ଼ା, ଯଥା ।— ଗରମୀ ଓ ତଜ୍ଜନିତ ପାରା ବ୍ୟବହାର ପ୍ରଯୁକ୍ତ ସର୍ବାଙ୍ଗରେ ଘା ଓ ଚକା ଚକା ଦାଗ, ହାତ ଓ ଗୋଡ଼ର ତଳରୁ ଚମଡ଼ା ଉଠା, ମୁଣ୍ଡରୁ କେଶ ଉପୁଡ଼ିବା, ମୁହଁରେ ଓ ନାକଭିତରେ ଘା, ବାଘି ଘା, ପଚାଘା, ନାଳଘା ନାସୁର, ଭଗନ୍ଦର, ଛାଲୁ କୁଣ୍ଡିଆ ଓ ଏପରିକି କୁଷ୍ଠ ପର୍ଯ୍ୟନ୍ତ ଆରୋଗ୍ୟ ହୋଇଅଛି । ବାତ ସମ୍ବନ୍ଧୀୟ ପୀଡ଼ା ।—ଗଣ୍ଠିରେ ବେଦନା ସମସ୍ତ ଶରୀର କନକନ୍ କରିବା, ହାତ ଓ ଗୋଡ଼ ଫୁଲିବା, ଅସ୍ଥି ଓ ପିଠିର ବେଦନା ଇତ୍ୟାଦି—ଡ୍ୟାନଜିନ—ଯଥାସମୟରେ ଦୈନିକ ଏକ ବା ଦୁଇ ମାତ୍ରା ସେବନ କଲେ ମନ ଚଞ୍ଚଳ ହୁଏ, ଶରୀରର ଦୂଷିତ ରକ୍ତ ଦୂର କରି ନୂତନ ରକ୍ତ ବଢ଼ିବା ସୃଷ୍ଟି କରେ ଓ ଶରୀର ସବଳ ଓ କାନ୍ତିବିଶିଷ୍ଟ ହୁଏ ।

ମୂଲ୍ୟ ପ୍ରତି ବୋତଲ ଟ ୫। ୩ ବୋତଲ ଟ ୧୪।୦, ୬ ବୋତଲ ଟ ୨୭ ଙ୍କା ଓ ୧୨ ବୋତଲ ଟ ୫୩।୦ ପ୍ୟାକିଂ ୧ ଠାରୁ ୩ ବୋତଲ ଟ ୦। ଅଣା, ୪ ଠାରୁ ୧୨ ବୋତଲ ଟ ୦ ।୵ ଅଣା ।

ସୋଲ ଏଜେଣ୍ଟ—ଇଣ୍ଡିଆ, ବର୍ମା, ସିଲୋନ, ଅର, ବି, ଭ, ଏଣ୍ଡ କୋଂ

ହେଡ୍ଅଫିସ—ନଂ ୧୦ ନମ୍ବର ଅପର ଚିତ୍ପୁର ରୋଡ୍ କଲିକତା ବଡ଼ବଜାର ପୋଷ୍ଟାଫିସର ଠିକ ସମ୍ମୁଖରେ ।

---

**୨୪ ଘଣ୍ଟାରେ ଯାଦୁର ଆରୋଗ୍ୟ ।**

ଡାକ୍ତର ଜେ, ଟୀ, ମାର୍ଟିନଙ୍କର ଆବିଷ୍କୃତ—ପ୍ରତ୍ୟକ୍ଷ ଫଳପ୍ରଦ ଯାଦୁର ଔଷଧ ।

ଯେ କୌଣସି ପ୍ରକାର ଯାଦୁ ହେଲେହେଁ ୨୪ ଘଣ୍ଟାରେ ନିଶ୍ଚୟ ଆରୋଗ୍ୟ ହେବ, ଜ୍ୱାଳା ଯନ୍ତ୍ରଣା ନାହିଁ ପାରଦ ପ୍ରଭୃତି କୌଣସି ପ୍ରକାର କ୍ଷତିକର ଦ୍ରବ୍ୟ ନାହିଁ । ମୂଲ୍ୟ ପ୍ରତି କୌଟା ଟ ୦। ଡାକ ମାସୁଲ ଟ ୦।୵ ପ୍ୟାକିଂ ଏକଠାରୁ ୧୬ କୌଟାକୁ ଟ ୦ ।୵

ଡାକ୍ତର ମାର୍ଟିନଙ୍କର "ଅମୃତ ମଲମ" ।—ଯାହାର ଯେ କୌଣସି ପ୍ରକାର ଘା ହେଉ ନିଶ୍ଚୟ ଆରୋଗ୍ୟ ହେବ

ମୂଲ୍ୟ ପ୍ରତି କୌଟା ଟ ୧୦ଙ୍କା ଡାକ ଟ ୧୦ ୯ ପ୍ୟାକିଂ ୧ ଠାରୁ ୧୨ କୌଟାକୁ ଟ ୦ ।୵

ଏଜେଣ୍ଟସ—ଅର, ବ, ଭା ଏଣ୍ଡ କୋଂ ନଂ ୧୦ନମ୍ବର ଅପର ଚିତ୍ପୁର ରୋଡ କଲିକତା

Digitized by srujanika@gmail.com

ଗିରିଶ ମୁଦ୍ରଣ ଯନ୍ତ୍ର ।

Split by PDF Splitter 



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

# THE UTKAL DIPIKA.


ଭାଗ ୩୬ ଶ } CUTTACK, SATURDAY THE 30th NOVEMBER 1901. { ଅଗ୍ରୀମ ୪ ୩୧

ନଂ ୪୭ ସଂଖ୍ୟା } ୦ ୧୬ ଇ ମାର୍ଗଶିର ସନ ୧୩୦୯ ସାଲ ଶନିବାର { ପଶ୍ଚାଦେୟ ୪ ୬୨





Whitefield & Co's Keyless and Lever watches, Engine-turned or Engraved case, uncut real compensation balance, very strong, 15 jewels, guaranteed for 3 to 5 years, with spare spring, glass, Morocco leather or velvet case Extra.

| | Silver case 800—1000 | 14 Carat Gold | 18 Carat Gold |
|---|---|---|---|
| Open face | Rs 18 0 0 | Rs 70 0 0 | Rs 90 0 0 |
| Hunting | Rs 20 0 0 | Rs 75 0 0 | Rs 95 0 0 |
| Half hunting | 25 0 0 | Rs 80 0 0 | Rs100 0 0 |

Besides all sorts of West End & Co's watches, chains, clocks Time pieces are always kept in stock and supplied at rates available in the company's firm.

S. ABDUL AZIZ
Watch Importer
CUTTACK


## ବିଜ୍ଞାପନ ।

କେନ୍ଦୁଝର ଷଷ୍ଠାଶ ଭୂୟାଁ ହିତ୍ତର ଜ୍ଲୋଅର ପ୍ରାଇମେରୀ ସ୍କୁଲ ନିମନ୍ତେ ମାସିକ ୪ ୧୦୯ ଙ୍କା ବେତନରେ ଦୁଇଜଣ ଶିକ୍ଷକ ପ୍ରୟୋଜନ । ଯେଉଁମାନେ ଏ କାର୍ଯ୍ୟ ପାଇଁ ପ୍ରାର୍ଥୀ ହେବାକୁ ଇଚ୍ଛା କରନ୍ତି ସେମାନେ ଅପଣାର ସାର୍ଟିଫିକଟ ପ୍ରଭୃତିର ନକଲ ସହିତ ଦରଖାସ୍ତମାନ ଆଗାମୀ ଡିସେମ୍ବରମାସ ତା ୧୫ ରଖ ପୂର୍ବେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପଠାଇବେ ।

କେନ୍ଦୁଝର } Gopal Bullub Das
୩୦।୧୧।୧୯୦୧ } For Maharaja of Keonjhar.

କାୟସ୍ଥ ସଭା ଆଗାମୀ ବର୍ଷ ନିମନ୍ତେ ଏକଜଣ ଅସହାୟ କାୟସ୍ଥ ବାଳକର ଶିକ୍ଷାଭାର ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି । ପଠନେଚ୍ଛୁ କାୟସ୍ଥ ବାଳକମାନେ ସ୍ୱୟଂ ଅଥବା ଅଭିଭାବକଙ୍କଦ୍ୱାରା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଆଗାମୀ ଡିସେମ୍ବର ମାସ ତା ୭ ରଖ ମଧ୍ୟରେ ଦୁଇଜଣ ସମ୍ଭ୍ରାନ୍ତ କାୟସ୍ଥଙ୍କ ସାର୍ଟିଫିକେଟସହ ଦରଖାସ୍ତ କରି ପାରିବେ । ଦରଖାସ୍ତରେ ବୟସ, ପିତାର ନାମ, ଗ୍ରାମ ଓ ଭୂସମ୍ପତ୍ତିର ପରିମାଣ ଉଲ୍ଲେଖ କରିବାକୁ ହେବ ।

କଟକ } ଶ୍ରୀ ଅକ୍ଷୟକୁମାର ଘୋଷ
୨୩।୧୧।୦୧ } ସମ୍ପାଦକ, ଦକ୍ଷିଣଓଡ଼ିଶା କାୟସ୍ଥ ସଭା

## ବିଜ୍ଞାପନ ।

ଓଡ଼ିଶା ଉତ୍ତରକୂଳର ଜମିଦାର ଶ୍ରୀଲ ଶ୍ରୀଯୁକ୍ତ ବାବୁ ନଗେନ୍ଦ୍ରନାଥ ରାୟ ଚଉଧୁରୀ ମହାଶୟଙ୍କର ଇଷ୍ଟେଟର ପ୍ରଜାସ୍ୱତ୍ୱ ଖରିଦ ବିକ୍ରୀ ଓ ଖାରିଜ ଦାଖଲ ସମ୍ବନ୍ଧୀୟ ନିୟମ—

ଓଡ଼ିଶା ପ୍ରଦେଶରେ ପ୍ରଚଳିତ ଥିବା ଆ ୧୦ ଆଇନ ଓ ବଙ୍ଗୀୟ ପ୍ରଜାସ୍ୱତ୍ୱ ବିଷୟକ ଆ ୮ ଆଇନର ବିଧାନ ମତେ ଥାନି, ପାହି, ଚନ୍ଦନା ପ୍ରଭୃତି ରୟତି ସ୍ୱତ୍ୱ ପୂରା କିମ୍ବା ଅଂଶିକ ପ୍ରଜାମାନଙ୍କର ବିକ୍ରୀ କରିବାର ଅଧିକାର ନାହିଁ ଓ ମଧ୍ୟସ୍ୱତ୍ୱ ଏବଂ ଲାଖରାଜବାଜ୍ୟାପ୍ତ ପ୍ରଭୃତି ସ୍ୱତ୍ୱ ଜମିଦାରଙ୍କ ସମ୍ମତି ବ୍ୟତିରେକେ ଅଂଶିକ ବିକ୍ରୀ କରିବାର କ୍ଷମତା ନାହିଁ ।

ଓଡ଼ିଶା ବିଭାଗର ଅନ୍ୟ ଇଲାକାର ପ୍ରଜାମାନଙ୍କୁ ଏଥିଦ୍ୱାରା ନିଷେଧ କରାଯାଉଅଛି ଯେ ସେମାନଙ୍କ ମଧ୍ୟରେ ଜମିଦାର ମହାଶୟଙ୍କର ବିନା ମଞ୍ଜୁରରେ ଉପର ଲିଖିତ ମତ ଜମି ଜମା ପୂରା କିମ୍ବା ଅଂଶିକ ଖରିଦ ବିକ୍ରୀ କରିବେ ନାହିଁ ସେରୂପ ଖରିଦ ବିକ୍ରୀ କଲେ ଜମିଦାର ମହାଶୟ ତାହା ମଞ୍ଜୁର କରିବେ ନାହିଁ ମଧ୍ୟ ସେପରି ଖରିଦଦାରଙ୍କୁ ଆଇନାନୁସାରେ ଖରିଦ ସ୍ୱତ୍ୱରୁ ବେଦଖଲ କରିବେ ।

ହାଲ ବନ୍ଦୋବସ୍ତର ଖତିଆନ ଲିଖିତ କେହି ପ୍ରଜା ଉପର ଲିଖିତ ମତ ଜମିଦାର ମହାଶୟଙ୍କ ମାନେଜରଙ୍କର ବିନା ଅନୁମତିରେ ଖରିଦ ବିକ୍ରୀ କରିଥିଲେ ସେମାନଙ୍କ ପକ୍ଷେ ଉପରୋକ୍ତ ନିୟମ ସମ୍ପୂର୍ଣ୍ଣ ବର୍ତ୍ତିବ ।

ପ୍ରଜାମାନଙ୍କ ମଧ୍ୟରେ କେହି ସେମାନଙ୍କର କୌଣସି ସ୍ୱତ୍ୱର ଜମି ଜମା ବିକ୍ରୀ କରିବାକୁ ଇଚ୍ଛା କଲେ ସେମାନେ କଟକ ମୁକାମ ସଦର କଚେରୀରେ ଶ୍ରୀଯୁକ୍ତ ମାନେଜରଙ୍କ ନିକଟ ହାଜର ହୋଇ ମଞ୍ଜୁରୀ ହୁକୁମ ନେଇ ଖରିଦ ବିକ୍ରୀ କରି ପାରିବେ ମାନେଜରଙ୍କ ଆଦେଶ ବ୍ୟତୀତ ମଫସଲ ତହସିଲଦାରମାନଙ୍କର ଅନୁମତିରେ ଖରିଦ ବିକ୍ରୀ ମଞ୍ଜୁର ହେବ ନାହିଁ ଓ ସେମାନଙ୍କୁ ଖରିଦ ବିକ୍ରିର ଅନୁମତି ଦେବା ନିମନ୍ତେ କିଛିମାତ୍ର କ୍ଷମତା ଦଆ ହୋଇ ନାହିଁ ଏ ନିୟମ ପୂର୍ବାପର ପ୍ରଚଳିତ ଥିବ ଅତଏବ ଖାରିଜ ଦାଖଲ ଖରିଦ ବିକ୍ରୀ ସମ୍ବନ୍ଧେ ଅନୁମତି ଦେବା ଓ ଗ୍ରହଣ ଯାବତୀୟ କାର୍ଯ୍ୟ ମାନେଜରଙ୍କ ମଞ୍ଜୁରି ବ୍ୟତୀତ ହେବ ନାହିଁ ।

Digitized by srujanika@gmail.com

# ଉତ୍କଳଦୀପିକା ।

ଶାରୀରିକ ଅସୁସ୍ଥତା ହେତୁ ମାନ୍ୟବର ବଙ୍ଗେଶ୍ୱର ଦାରଜିଲିଂରେ ରହିଅଛନ୍ତି ଏବଂ ଦୁମକା ଓ ହୁଗ୍ଳି ଭ୍ରମଣ କରିବାର ଯେଉଁ କଥା ସ୍ଥିର ହୋଇଥିଲା ତାହା ରହିତ ହୋଇଅଛି । ଦାରଜିଲିଂରୁ ଯାତ୍ରା କରିବାର ଏବଂ ଅନ୍ୟ ସ୍ଥାନ ଭ୍ରମଣ କରିବାର ସଙ୍କଳ୍ପ ଏ ପକ୍ଷେ ବାତିଲ । ମାନ୍ୟବର ମହୋଦୟ ପ୍ରାୟ ୧୫ ଦିନ ଘରୁ ବାହାର ନ ଥିଲେ । ବର୍ତ୍ତମାନ ଆରୋଗ୍ୟ ହୋଇଅଛନ୍ତି ଏବଂ ଶୀଘ୍ର କଲିକତାକୁ ଆସିବେ ।

---

ଜର୍ମାନର ଯୁବରାଜ ଆଗାମୀ ବସନ୍ତକାଳରେ ମାର୍କିନରାଜ୍ୟ ପରିଭ୍ରମଣାର୍ଥ ଗମନ କରିବେ । ସେଥିପାଇଁ ଗୋଟିଏ ଯାହାଜ ବର୍ତ୍ତମାନ ନିର୍ମିତ ହେଉଅଛି । ଆମେରିକାରେ ଯେଉଁ ପ୍ରଣାଳୀରେ ଯାହାଜ ନିର୍ମିତ ହୁଏ ତାହା ଶିକ୍ଷା କରିବା ସକାଶେ ସମ୍ରାଟ ପୁତ୍ରଙ୍କୁ ଆଦେଶ ଦେଇଅଛନ୍ତି ।— ପାଶ୍ଚାତ୍ୟ ପ୍ରଦେଶରେ ରାଜକୁମାରମାନଙ୍କ ଶିକ୍ଷା, ଶୁଣ ସେଠା ରାଜାଙ୍କର କେତେ ଆଗ୍ରହ ଏଠା ରାଜାମାନେ ତାହା ଦେଖି କିଛି ଶିକ୍ଷା ପାଇବେ କି ?

---

ଶ୍ରୀଯୁକ୍ତ ଡ୍ରେଭର୍ସନ ସାହେବ ଡେପୁଟିମାଜିଷ୍ଟ୍ରେଟ ବାଙ୍କିରେ ତଦନ୍ତ ଶେଷ କରି ଗତପୂର୍ବ ଶୁକ୍ରବାର ଏ ନଗରକୁ ଫେରି ଆସିଲେ । ସ୍ୱୟଂ ବାବୁ ବଳରାମ ଦାସ ଏବଂ ତାହାଙ୍କ ପକ୍ଷରୁ ଜଣେ ଉକିଲ ଯାଇଥିଲେ । କଥିତ ହୁଅଇ ସାହେବ ମହୋଦୟ ପ୍ରାୟ ୫୦୦ ଖ ସାକ୍ଷୀ ଜବାନବନ୍ଦି ଲେଖି ଆଣିଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ଲୋକ ବଳରାମ ବାବୁଙ୍କ ବିରୁଦ୍ଧରେ କହିଅଛନ୍ତି । ସେ କି ରିପୋର୍ଟ ଦେଇଅଛନ୍ତି ଜଣା ଯାଇ ନାହିଁ ।

---

ବୁଅରଯୁଦ୍ଧ ଏହିବର୍ଷ ମଧ୍ୟରେ ଶେଷ ହେବାର ଆଶା ଥିଲା । ଏଥିକୁ ଦୁଇବର୍ଷ ପୂରେଇ ଆଉ ଛଅମାସ ହୋଇଗଲା । ମାତ୍ର ଯୁଦ୍ଧର ବିରାମ ନାହିଁ । ବୁଅରମାନଙ୍କର ବଳ କ୍ଷୟ ହେଲାଣି । ତଥାପି ଅବଶିଷ୍ଟ ପ୍ରାୟ ୧୦୦୦୦ ସୈନ୍ୟ ବିଶାଳ ଇଂରାଜ ସୈନ୍ୟଙ୍କୁ ଲଣ୍ଡଭଣ୍ଡ କରିବାକୁ ଛାଡୁନାହାନ୍ତି ଏବଂ ଉଭୟପକ୍ଷର ସୈନ୍ୟଙ୍କର ଏହିପ୍ରକାର ଦୈନିକ ଘଟଣା ହୋଇଅଛି । ଏବେ ପ୍ରାଣୀବଧ ନିବାରଣର କିଛି ଉପାୟ ନାହିଁ କି ?

---

ଗତ ଶନିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ପୁଣି ଝଡ ବତାସ ଯାତ ହୋଇଥିଲା ଏବଂ ତହିଁ ମଧ୍ୟରେ ରବିବାର ଅପରାହ୍ଣଠାରୁ ମଙ୍ଗଳବାର ସକାଳପର୍ଯ୍ୟନ୍ତ ଘଣା ଅଧିକ ବୃଷ୍ଟି ହୋଇଥିଲା । ଜଳର ପରିମାଣ ଏଥିପୂର୍ବ ଝଡରୁ ଊଣା ଥିଲେ ହେଁ ଅସମୟରେ ହେବାରୁ ଫସଲର କ୍ଷତିକର ହୋଇଅଛି । ଏକସ୍ଥାନରେ ପବନର ପ୍ରଖରତା ଯୋଗୁ କଦଳୀ ସଜନା ଗଛମାନ ଭାଙ୍ଗିପଡିଅଛି । ଏ ତୋଫାନ ବଙ୍ଗଉପସାଗରର ଦକ୍ଷିଣରେ ଉତ୍ପତ୍ତି ହୋଇ ସ୍ଥଳରେ ପ୍ରବେଶ କରିଥିଲା ଏବଂ ପୂର୍ବ ଉପକୂଳରେ ବଙ୍ଗଳାପର୍ଯ୍ୟନ୍ତ ଏହାର ବଳ ପ୍ରତ୍ୟକ୍ଷ ହୋଇଥିଲା । କଲିକତାରେ ଜଳ ଓ ବତାସ ବେଶ ଅଧିକ ହେବାର ଏବଂ କେତେ ଗଛ ବା ଡାଳ ଭାଙ୍ଗିପଡିବାର ସେଠା ସମ୍ବାଦପତ୍ରରୁ ଅବଗତ ହେଲୁ । ଜଣା ମେଘ ଏବର୍ଷ ଅତିଶୟ ବର୍ଷା ହୋଇଅଛି ।

---

ଝଡ ବତାସ ହେତୁ ଏଥର କାର୍ତ୍ତିକପୂର୍ଣ୍ଣିମା ପର୍ବରେ ବଡ ବାଧା ଘଟିଥିଲା । ପିଠାପାଣି ଉପଲକ୍ଷେ ଗଙ୍ଗାସ୍ନାନ କରିବାର ଅନେକ ଯାତ୍ରୀ ଧବଳେଶ୍ୱରକୁ ଯାଇ ପଦା ଲାଗାରେ ମେଘ ଓ ବତାସରେ ବଡ଼ କଷ୍ଟ ପାଇଥିଲେ । ତହିଁ ଉପରେ ମନ୍ଦିରଦ୍ୱାରରେ ଏକପଲଖ ଲୋକଙ୍କ ଦର୍ଶନୀ ଆଦାୟ ଆରମ୍ଭ ହୋଇଥିଲା । ଅଠରଗଡ଼ ରାଜାଙ୍କର ନିଷେଧ ଥିବା ପ୍ରତ୍ୟକ୍ଷ ଦର୍ଶନୀ ଟିକସ ଆଦାୟ ହେବା ବଡ ଆଶ୍ଚର୍ଯ୍ୟର ବିଷୟ ଅଟେ । ସୋମବାର ଦୁର୍ଯ୍ୟୋଗ ହେତୁ ଅନେକ ଯାତ୍ରୀ ଯାଇପାରିଲେ ନାହିଁ । ମଙ୍ଗଳବାର ପୂର୍ଣ୍ଣିମା ସକାଳପର୍ଯ୍ୟନ୍ତ ବୃଷ୍ଟି ଓ ପବନ ହେବାରୁ ଅନେକ ଲୋକ ଅରୁଣୋଦୟ ପୂର୍ବରୁ ନଦୀଘାଟକୁ ଯାଇ ସ୍ନାନ କରିପାରିଲେ ନାହିଁ । ଅପରାହ୍ଣରୁ ଛାଡିଯିବାରୁ ବାଲିଯାତ୍ରା ହୋଇଥିଲା । ମାତ୍ର ଯାତ୍ରୀ ଅଳ୍ପ ହୋଇଥିଲେ । ଯାହାହେଉ ଦୋକାନୀମାନେ ସମ୍ପୂର୍ଣ୍ଣ ନିରାଶ ନ ହୋଇ କିଛି୨ ବିକ୍ରୀ କରିବାକୁ ସମର୍ଥ ହୋଇଥିଲେ ।

---

ବଙ୍ଗଳାର କୃଷିବିଭାଗ ଉକ୍ତ ପ୍ରଦେଶର ଗତ ବିଆଳି ବା ଭଦୋଇ ଫସଲର ପ୍ରାଥମିକ ଇଷ୍ଟିମେଟ ପ୍ରସ୍ତୁତ କରିଅଛନ୍ତି ସେ ଦେଖାଇଅଛନ୍ତି ଯେ ଜିଲା ହାକିମମାନଙ୍କର ରିପୋର୍ଟ ଅନୁସାରେ ଏଥର ଫସଲର ପରିମାଣ ଶତକଡ଼ା ୯୪ ହେଉଅଛି ମାତ୍ର ତାହାଙ୍କ ବିବେଚନାରେ ଅନେକ ଜିଲାର ଇଷ୍ଟିମେଟ ଊଣା ଲେଖା ହୋଇଅଛି ଏବଂ ବଙ୍ଗଦେଶରେ ଏବର୍ଷ ପୂର୍ବ ଫସଲରୁ ଊଣା ହେବ ନାହିଁ । ଓଡ଼ିଶାର ଭିନ୍ନ୨ ଜିଲାର ଫଳ ଏହିପରି ପ୍ରଦର୍ଶିତ ହୋଇଅଛି । ଯଥା କଟକରେ ନିୟମିତ ଫସଲର ଶତକଡ଼ା ୮୦, ବାଲେଶ୍ୱର ୭୫ ଅନୁଗୁଳ ୭୫ ଏବଂ ପୁରୀ ୧୦୦ । ପୁରୀରେ ସମ୍ପୂର୍ଣ୍ଣ ଏବଂ ଅନ୍ୟ ଜିଲାମାନଙ୍କରେ ବାରଅଣା ବା ତହୁଁ ଅଧିକ ବାସ୍ତବରେ ହୋଇଅଛି କି ? ଆମ୍ଭମାନଙ୍କର ମନ ଯାଏ ନାହିଁ ।

ଶାରଦଧାନ ସମ୍ବନ୍ଧରେ ଏହିପରି ଯେଉଁ ଇଷ୍ଟିମେଟ ବାହାରିଅଛି ତହିଁରେ କଟକଜିଲାରେ ପ୍ରାୟ ୩୵ ବାଲେଶ୍ୱର ଏବଂ ଅନୁଗୁଳରେ ୫ ଏବଂ ପୁରୀରେ ୩୵ ପଣ ହେବ ବୋଲି ଲେଖାଅଛି । ଏହା ସେପ୍ଟେମ୍ବର ମାସର ଅନୁମାନ ଅଟେ । ଏଣିକି ଅବସ୍ଥା ମନ୍ଦ ହୋଇଅଛି ।

---

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ପୁରୀ ମିଉନିସିପାଲ କମିଶନରମାନେ ଗତ ଅଧିବେଶନରେ ସେମାନଙ୍କ ଅଧୀନ ଭିନ୍ନ୨ କାର୍ଯ୍ୟର ପର୍ଯ୍ୟଦର୍ଶନ ନିମନ୍ତେ ଭିନ୍ନ୨ ଦୁଇ ଦୁଇଜଣ କମିଶନରଙ୍କୁ ଭାର ଦେଇଅଛନ୍ତି । ସେ କାର୍ଯ୍ୟମାନ ଯଥା; ଶିକ୍ଷା, ମନ୍ଦିର ମଧ୍ୟସ୍ଥିତ ମହାପ୍ରସାଦାଦି ଖାଦ୍ୟପଦାର୍ଥ ଓ ତହିଁରେ ବ୍ୟବହାର ହେଉଥିବା ଦ୍ରବ୍ୟର ବିଶୁଦ୍ଧତା, ଯାତ୍ରୀମାନଙ୍କରେ ଖର୍ଚ୍ଚ ହୋଇଥିବା ଆଲୋକ, ଡାକ୍ତରଖାନା ଇତ୍ୟାଦି । ଅନ୍ୟାନ୍ୟ ମିଉନିସିପାଲିଟିରେ ଏପରି ବନ୍ଦୋବସ୍ତ ହେଲେ ନିଜ୨ କର୍ତ୍ତବ୍ୟ ପାଳନରେ କମିଶନରମାନଙ୍କର ଅଧିକ ମନୋଯୋଗ ଏବଂ ନଗରବାସିଙ୍କର ଅଧିକ ଉପକାର ହେବ । ସେହି ଅଧିବେଶନରେ ବଡ଼ଦାଣ୍ଡ ଏବଂ ମନ୍ଦିରର ଚତୁର୍ଦ୍ଦିଗରୁ ଦୋକାନମାନ ଉଠାଇଦେଇ ଅନ୍ୟ ଏକ ସ୍ଥାନରେ ଗୋଟିଏ ହାଟ ବସାଇବାର ଧାର୍ଯ୍ୟ ହୋଇଅଛି । ବୋଧ ହୁଏ ଛତା ଦୋକାନ ସମ୍ବନ୍ଧରେ ଏ ବ୍ୟବସ୍ଥା ହୋଇଅଛି ଏବଂ ତାହା ହେବା ବାଞ୍ଛନୀୟ । ସାଧାରଣ ସଡ଼କ ଉପରେ ଯେଉଁଠାରେ ସେଠାରେ ଦୋକାନୀମାନେ ବସି ଦ୍ରବ୍ୟ ବିକ୍ରୟ କଲେ ପଥିକମାନଙ୍କର ଅସୁବିଧା ଓ ବାଟ ଅପରିଷ୍କାର ହୁଅଇ । ଏକ ସ୍ଥାନରେ ଗୋଟିଏ ହାଟ ବସିବାର ବନ୍ଦୋବସ୍ତ କରିଦେବା ଭଲ । କେବଳ ଏମନ୍ତ ସ୍ଥାନରେ ହାଟ ହେବା ଆବଶ୍ୟକ ଯେଉଁଠାକୁ ଲୋକେ ସହଜରେ ଯାଇ ପାରିବେ ।

---

ପନ୍ନାର ମହାରାଜା ମାଧୋସିଂହଙ୍କର ବିଚାର କାରଣ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଗୋଟିଏ କମିଶନ ନିଯୁକ୍ତ କରିଅଛନ୍ତି । ଶ୍ରୀଯୁକ୍ତ ସେମିପର ଏବଂ ଶ୍ରୀଯୁକ୍ତ ଟକର ଏହି ଦୁଇଜଣ ସେହି କମିଶନର ସଭ୍ୟ ହୋଇଅଛନ୍ତି । ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କର ଆଦେଶ ଏହି ଯେ କମିଶନରମାନେ ସାକ୍ଷ୍ୟଗ୍ରହଣ ପୂର୍ବକ ମୋକଦ୍ଦମାର ବିଚାର କରିବେ । ବିଚାର ଶେଷ ପର୍ଯ୍ୟନ୍ତ ଗବର୍ଣ୍ଣମେଣ୍ଟ ରାଜ୍ୟର ତତ୍ତ୍ୱାବଧାନ କରିବେ । ମହାରାଜା ମାଧୋସିଂହଙ୍କ ଉପରେ ଏହି ସନ୍ଦେହ ହୋଇଅଛି କି ସେ ଆପଣାର ଖୁଡ଼ୁତା ଭାଇ [illegible] ସିଂହଙ୍କୁ ବିଷ ପ୍ରୟୋଗ ଦ୍ୱାରା ହତ୍ୟାକାଣ୍ଡରେ ଲିପ୍ତ ଅଛନ୍ତି । କମିଶନରମାନେ ଗତ ତା ୨୦ ରିଖରେ ମଥୁରାଠାରେ କାର୍ଯ୍ୟ ଆରମ୍ଭ କରିଅଛନ୍ତି । ଫରିଆଦୀଙ୍କର ଉକିଲ ଶ୍ରୀଯୁ-

Split by PDF Splitter
Digitized by srujanika@gmail.com

Split by PDF Splitter



...ଶିବ ସାହେବ ପ୍ରକାଶ କଲେ ଯେ ଅସାମୀମାନଙ୍କ ମଧ୍ୟରେ ମହାରାଜାଙ୍କ ଭାର୍ଯ୍ୟା ରାଣୀ କମଳକୁଅଁର, ମହାରାଜାଙ୍କର ପ୍ରାଇଭେଟ ସେକ୍ରେଟେରି ଅଛେଲାଲ, ଭଣ୍ଡାରଶାଳାର ଦାରୋଗା ଲଛମିପ୍ରସାଦ, ଗୃହର ରକ୍ଷକ ମହମ୍ମଦ ଓ ସମ୍ମୁ ଅଛନ୍ତି। ଏମାନଙ୍କ ନାମରେ ସହାୟତାର ଅଭିଯୋଗ ହେବ। ହରିନାରାୟଣ ଅସାମୀ କେଉଁଠାରେ ଲୁଚିଅଛି। ଅସାମୀ ପକ୍ଷର ଆପତ୍ତି ଶୁଣି କମିଶନରମାନେ ଆଦେଶ ଦେଲେ କି ସାକ୍ଷୀ ଯୋବାନବନ୍ଦିର ନକଲ ପ୍ରସ୍ତୁତ ହେଲା ଉତ୍ତାରୁ ଅସାମୀଙ୍କ ହାତେ ଦିଆଯିବ କି ନାହିଁ ତହିଁର ଆଦେଶ ହେବ। ଅସାମୀମାନେ ସମସ୍ତେ ଉକିଲ ଦେଇପାରିବେ।

---

ବଙ୍ଗଦେଶର କୃଷିବିଭାଗର ଗତବର୍ଷର ବିବରଣୀରୁ ପ୍ରକାଶ ଯେ ବର୍ଦ୍ଧମାନ, ଡୁମରାଓଁ ଏବଂ ଶିବପୁରରେ ବହୁକାଳରୁ ସ୍ଥାପିତଥିବା ପରୀକ୍ଷା କ୍ଷେତ୍ରମାନଙ୍କ ଛଡ଼ା ଆଉ ଛଗୋଟି ପରୀକ୍ଷାକ୍ଷେତ୍ର ଏବର୍ଷ ସ୍ଥାପିତ ହୋଇଅଛି ଯଥା- ଗୋଟିଏ ଟିକାରିରେ, ଗୋଟିଏ ଶିରସ୍ତରେ ଏବଂ ଗୋଟିଏ ଚଟ୍ଟଗ୍ରାମରେ। ପ୍ରଥମ ଲିଖିତ ଦୁଇକ୍ଷେତ୍ର ଯଥାକ୍ରମେ ଗୟାଜିଲ୍ଲାର ଟିକାରି ରାଜାଙ୍କ ମାହାଲ ଏବଂ ସାରନଜିଲ୍ଲାର ହାତୁଆ ରାଜାଙ୍କ ମାହାଲଦ୍ୱାରା ଏବଂ ଶେଷଲିଖିତ କ୍ଷେତ୍ର ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ପ୍ରତିଷ୍ଠିତ ହୋଇଅଛି। ପୂର୍ବରୁ ଥିବା ପରୀକ୍ଷା କ୍ଷେତ୍ରମାନଙ୍କ ମଧ୍ୟରୁ ଶିବପୁର କ୍ଷେତ୍ର ଶିବପୁର କଲେଜର କୃଷିବିଦ୍ୟାର ଛାତ୍ରମାନଙ୍କର ଶିକ୍ଷା କ୍ଷେତ୍ରରେ ପରିଣତ ହୋଇଅଛି। ବର୍ଦ୍ଧମାନ ଏବଂ ଡୁମରାଓଁ ପରୀକ୍ଷା କ୍ଷେତ୍ରରେ ଯଥାକ୍ରମେ ଟ ୪୬୫ ଙ୍କା ଏବଂ ଟ,୧୬୬୯ ଙ୍କା ତ୍ରୁଟି ପଡ଼ିଅଛି। ପ୍ରଥମ ଲିଖିତ ସ୍ଥଳରେ ଅଖୁଫସଲର ପରୀକ୍ଷାରେ ଅନେକ ଟଙ୍କା ବ୍ୟୟ ହେବା ଏବଂ ଅନ୍ୟ କ୍ଷେତ୍ରରେ ଅପାଗ ଓ ସନ ୧୯୦୦ ସାଲର ସେପ୍ଟେମ୍ବର ଓ ଅକ୍ଟୋବର ମାସର ଅତ୍ୟନ୍ତ ବର୍ଷା ହେବାରୁ ତ୍ରୁଟି ପଡ଼ିଅଛି। ଯେତେ ଚେଷ୍ଟା କର ପାଗ ଭଲ ନ ହେଲେ ଫସଲ ନୋକସାନ ହେବ ଏହା ଗବର୍ଣ୍ଣମେଣ୍ଟ ସ୍ୱୟଂ ପରୀକ୍ଷାଦ୍ୱାରା ବୁଝିଅଛନ୍ତି।

---

ସ୍ୱଦେଶରୁ ଯେଉଁମାନେ ଜାପାନକୁ ଶିକ୍ଷା ଲାଭ ନିମନ୍ତେ ଯାଉଅଛନ୍ତି ସେମାନଙ୍କର ପରିଚୟ ଓ [illegible] କିଛି ସରକାରୀ ସମ୍ବାଦ ଜାଣିବା ଆବଶ୍ୟକ ଅଟେ ଜାପାନର ଶିକ୍ଷା ବିଭାଗ ଏମନ୍ତ ବିବେଚନା କରୁଅଛନ୍ତି। ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏ ବିଷୟରେ ଜାପାନ ଗବର୍ଣ୍ଣମେଣ୍ଟରୁ ଏକ ପତ୍ର ପାଇ ଆଦେଶ ଦେଇଅଛନ୍ତି କି ଭାରତର ବ୍ରିଟିସ ଅଥବା ଦେଶୀୟ ରାଜ୍ୟରୁ ଯେଉଁ ଛାତ୍ରମାନେ ଜାପାନକୁ ବିଦ୍ୟାଭ୍ୟାସାର୍ଥେ ଗମନ କରିବାର ଇଚ୍ଛା କରିବେ ସେମାନେ ନିଜନିଜ ବାସସ୍ଥାନ ସମ୍ବନ୍ଧୀୟ ଜିଲ୍ଲା ହାକିମ (କଲିକତା ପ୍ରଭୃତି ପ୍ରଧାନ ନଗରସ୍ଥଳେ ପୁଲିସ କମିଶନର ଏବଂ ଦେଶୀୟ ରାଜ୍ୟ ସ୍ଥଳରେ ପୋଲିଟିକାଲ ଅଫିସର )ଙ୍କଠାରୁ ଖଣ୍ଡିଏ ସାର୍ଟିଫିକେଟ ହସ୍ତଗତ କରିବେ। ସେହି ସାର୍ଟିଫିକେଟରେ ତାହାର ନାମ, ପିତାର ନାମ, ବାସସ୍ଥାନ, ଜାତି, ବୟସ, ସାମାଜିକ ଆର୍ଥିକଅବସ୍ଥା ଏବଂ ଜାପାନ ଯିବାର ଅଭିପ୍ରାୟ ଲେଖା ହେବ। ଆବେଦନକାରୀଙ୍କୁ ଏହି ସାର୍ଟିଫିକେଟ ଦେଲାବେଳେ ଜିଲ୍ଲା ହାକିମ ପ୍ରଭୃତି ତହିଁର ଖଣ୍ଡିଏ ପ୍ରତିଲିପି ଜାପାନସ୍ଥ ବ୍ରିଟିସ ଦୂତଙ୍କ ନିକଟକୁ ପଠାଇ ଦେବେ ଏବଂ ତହିଁର ଖଣ୍ଡିଏ ତ୍ରୈମାସିକ ବିବରଣ ସ୍ଥାନୀୟ ଶାସନକର୍ତ୍ତାଙ୍କଦ୍ୱାରା ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ପଠାଇବେ। ଏଣିକି ସାର୍ଟିଫିକେଟ ବିନା କେହି ଜାପାନକୁ ଗଲେ ସେଠାର କୌଣସି ବିଦ୍ୟାଳୟରେ ଭରତି ହୋଇ ପାରିବେ ନାହିଁ।

---

ଦେବାନୀକାର୍ଯ୍ୟବିଧିର ଧା ୩୯୬ ଅନୁସାରେ କମିଶନ ଜାରି ହେବା ସମ୍ବନ୍ଧରେ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କର ଗତ ଅକ୍ଟୋବରମାସ ତା ୯ ରିଖ ଲିଖିତ ଏକ ନିର୍ଦ୍ଧାରଣ ବାହାରିଅଛି। ମାନ୍ୟବର ବଙ୍ଗେଶ୍ୱର କଲିକତା ହାଇକୋର୍ଟ ସଙ୍ଗେ ପରାମର୍ଶ କରି ଏହି ନିୟମ କରିଅଛନ୍ତି କି ଯେଉଁ କମିଶନ ଜାରି ଅର୍ଥାତ୍ ମୋଫସଲ ତଦନ୍ତର ଭାର ଦେବାରେ ସରଭେଇଂ ଅର୍ଥାତ୍ ଜମି ମାପିବାର ଜ୍ଞାନ ଆବଶ୍ୟକ ସେହି କମିଶନ କେବଳ ସେହି ବ୍ୟକ୍ତି ନାମରେ ଜାରି ହେବ ଯେ କି ସରଭେଇଂ ବିଦ୍ୟାର ସାର୍ଟିଫିକେଟ ପ୍ରାପ୍ତ ହୋଇଥିବ। ମାତ୍ର ଯେଉଁ ଜିଲ୍ଲାରେ ବେତନ ଭୋଗୀ ଆମୀନ ଏ ପର୍ଯ୍ୟନ୍ତ ରହିଅଛନ୍ତି ସେ ଜିଲ୍ଲାର ଜଜ ଉକ୍ତ ଆମୀନ ନାମରେ କମିଶନ ଜାରି କରି ପାରିବେ।

ସରଭେଇଂ ଜ୍ଞାନ ପରୀକ୍ଷା ନିମନ୍ତେ ସନ ୧୯୦୨ ସାଲ ଫେବୃୟାରୀ ମାସ ତା ୨୨ ରିଖରେ ଏବଂ ତହିଁ ଉତ୍ତାରୁ ପ୍ରତିବର୍ଷ ଶିବପୁର, ପାଟନା, ଢାକା ଏବଂ କଟକ କଲେଜମାନଙ୍କରେ ପରୀକ୍ଷା ଗୃହୀତ ହେବ। କେବଳ ଅଦାଲତରେ କାର୍ଯ୍ୟ କରୁଥିବା ଉକିଲମାନେ ଏ ପରୀକ୍ଷା ଦେବା କାରଣ ଆବେଦନ କରି ପାରିବେ। ଆବେଦନ ପତ୍ର ଆସନ୍ତା ଡିସେମ୍ବର ମାସ ତା ୧୫ ରିଖ ଅଥବା ତହିଁ ପୂର୍ବେ କରିବାକୁ ହେବ ଏବଂ ପ୍ରତ୍ୟେକ ଆବେଦନ ସଙ୍ଗେ ଟ ୩୦୧ ଙ୍କା ଫିସ ଦେବାକୁ ହେବ। ଏହି ପରୀକ୍ଷା ସମ୍ବନ୍ଧରେ ଯେଉଁ ସାର୍ଟିଫିକେଟ ମିଳିବ ତାହା ଜଜମାନେ ତାହାକୁ ସରଭେଇଂ ଜ୍ଞାନର ପ୍ରଚୁର ପ୍ରମାଣ ସ୍ୱରୂପ ଗ୍ରହଣ କରିବେ ମାତ୍ର ସେ ସାର୍ଟିଫିକେଟ ଅନ୍ୟତ୍ର ଚଳିବ ନାହିଁ।

---

ସର ଫ୍ରେଡେରିକ ହାଲିଡେ ସାହେବଙ୍କର ମୃତ୍ୟୁ ସମ୍ବାଦ ବିଲାତରୁ ତାରବାର୍ତ୍ତା ଯୋଗେ ଘୋଷିତ ହୋଇଅଛି। ଏ ମହାତ୍ମା ବଙ୍ଗପ୍ରଦେଶର ପ୍ରଥମ ଲେଫ୍ଟନାଣ୍ଟ ଗବର୍ଣ୍ଣର ଥିଲେ ଏବଂ ସନ ୧୮୫୮ ସାଲର ଶୀତକାଳରେ ସେହି ପଦରେ ଥାଇ ଓଡ଼ିଶାର ତିନିଜିଲ୍ଲା ପରିଦର୍ଶନ କରିଥିଲେ। ସେ ସମୟରେ ଶ୍ରୀଯୁକ୍ତ ହୋବର୍ଟ ସାହେବ ଓଡ଼ିଶାର କମିଶନର ଥିଲେ। ସର ହାଲିଡେ ବାହାଦୁର ସନ ୧୮୦୬ ସାଲରେ [illegible] ସିଭିଲ ସରଭିସରେ ସନ ୧୮୨୪ ସାଲରେ ଭରତି ହୋଇ ତହିଁ ପର ବର୍ଷ ଭାରତକୁ ଆସିଥିଲେ। ଜଣା ହାକିମିରେ ଯୋଗ୍ୟତା ଦେଖାଇ କ୍ରମେ ସଦରରେ ପହଞ୍ଚ ହୋଇ ସନ ୧୮୫୩ ସାଲରେ ଗବର୍ଣ୍ଣର ଜେନେରଲଙ୍କ ସଭାର ଜଣେ ସଭ୍ୟ ହୋଇଥିଲେ ଏବଂ ତହିଁରେ ବିଶେଷ ଯୋଗ୍ୟତା ଦେଖାଇବା ହେତୁ ସନ ୧୮୫୪ ସାଲରେ ବଙ୍ଗପ୍ରଦେଶର ଲେଫ୍ଟନାଣ୍ଟ ପଦ ସୃଷ୍ଟି ହେବା ମାତ୍ରେ ତହିଁରେ ସେ ଅଭିଷିକ୍ତ ହେଲେ। ସେ ଏହି କାର୍ଯ୍ୟ ଏମନ୍ତ ସୁନ୍ଦରରୂପେ ନିର୍ବାହ କରିଥିଲେ ଯେ ବିଲାତ ପାର୍ଲିମେଣ୍ଟ ସଭା ତାହାଙ୍କର ପ୍ରଶଂସା କରିଥିଲେ। ସନ ୧୮୫୯ ସାଲର ମଧ୍ୟଭାଗରେ ସେ ପେନସନ ନେଇ ବିଲାତ ପ୍ରସ୍ଥାନ କଲେ। ସେଠାରେ ସନ ୧୮୬୮ ସାଲରେ ଭାରତୀୟ ଷ୍ଟେଟ ସେକ୍ରେଟାରୀଙ୍କ ସଭାର ଜଣେ ସଭ୍ୟ ନିଯୁକ୍ତ ହୋଇ ସନ ୧୮୮୬ ସାଲ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ମୃତ୍ୟୁ ସମୟରେ ତାହାଙ୍କର ବୟସ ୯୫ ବର୍ଷ ହୋଇଥିଲା। ଏତେ ଦୀର୍ଘକାଳ ବଞ୍ଚିବା ଏବଂ ଏତେ ଦୀର୍ଘକାଳ କାର୍ଯ୍ୟ କରିବା ସାଧାରଣ କଥା ନୁହେଁ ପୁଣି ଶେଷ ପର୍ଯ୍ୟନ୍ତ ତାହାଙ୍କର ବୁଦ୍ଧି ଓ ସ୍ମରଣଶକ୍ତିର ବୈଲକ୍ଷଣ୍ୟ ଘଟି ନ ଥିଲା। ଈଶ୍ୱର ଏହାଙ୍କର ଆତ୍ମାର ମଙ୍ଗଳ ବିଧାନ କରନ୍ତୁ।

---

ଏଠା ମ୍ୟୁନିସିପାଲଟୀର କମିଶନରମାନଙ୍କର ଗତ ଅଧିବେଶନରେ ଖଣ୍ଡିଏ ଅଭିନବ ଦରଖାସ୍ତ ଉପସ୍ଥିତ ହୋଇଥିଲା। ମ୍ୟୁନିସିପାଲଟୀର ଓଭରସିୟରମାନ ପଦ ଖାଲି ଥିବାରୁ ତାହା ପାଇବା କାରଣ ଜଣେ କମିଶନର ମଉଲବୀ ମହମ୍ମଦ ଅବଦୁଲ ମଧ୍ୟ ସେ ଦରଖାସ୍ତ କରିଥିଲେ। ସେ ତାହାଙ୍କର ଦାବି ସମ୍ବନ୍ଧରେ ଲେଖିଥିଲେ କି ଅନ୍ୟ ଜଣେ କମିଶନର ସେହି ପଦ ଗ୍ରହଣ କରିବାକୁ ତାହାଙ୍କୁ କହିଥିଲେ, ସେ ପଦରେ ଏକଥର ହିନ୍ଦୁ ଓ ଏକଥର ମୁସଲ-

Digitized by srujanika@gmail.com

Split by PDF Splitter



ଲମାନ ଏହିକ୍ରମରେ ଉଭୟ ହେବା ଆବଶ୍ୟକ- ଏବଂ ମୁସଲମାନଙ୍କୁ ତାହା ଦିଆ ନ ଗଲେ ନ୍ୟାସନେଲକଙ୍ଗ୍ରେସ ଅର୍ଥାତ୍ ଜାତୀୟ ମହାସମିତି- ରେ ମୁସଲମାନମାନେ ଯୋଗ ନ ଦେବାର ଯାହା ଆପତ୍ତି କରନ୍ତି ବା ମୁସଲମାନମାନେ ସଜ- କାର୍ଯ୍ୟରୂପ ଗାଈର କେବଳ ଶିଙ୍ଗ ଧରିବେ ଏବଂ ଅନ୍ୟମାନେ ଦୁଧ ଦୁହିଁବେ ତାହା ସାର୍ଥକ ହେବ। ଦୁର୍ଭାଗ୍ୟର ବିଷୟ ଯେ ଏତେ ପ୍ରବଳ ଯୁକ୍ତିମାନ କମିଶନରମାନଙ୍କ ମନରେ ଲାଗିଲା ନାହିଁ ଏବଂ ସେମାନେ କେବଳ ଦରଖାସ୍ତକୁ ଅଗ୍ରାହ୍ୟ କରି କ୍ଷାନ୍ତ ନ ହୋଇ ଏପରି ଦରଖାସ୍ତ କରିବା ତାହାଙ୍କର ଉଚିତ ନ ଥିବା ମର୍ମରେ ଗୋଟିଏ ନିର୍ଦ୍ଧାରଣ ଲିପିବଦ୍ଧ କଲେ । ଦରଖାସ୍ତର ଏହି ପରିଣାମ କମିଶନରମାନଙ୍କର ବିଚାର ଦୋଷ ନା ମୌଲବୀ ସାହେବଙ୍କ ବୁଦ୍ଧି ଦୋଷରୁ ଘଟିଅଛି ଲୋକେ ବିଚାର କରନ୍ତୁ । ମୌଲବୀ ସାହେବ ଜଣେ କମିଶନର ଥିବା ପ୍ରତ୍ୟକ୍ଷେ ଅବଶ୍ୟ ଜାଣନ୍ତି ଯେ ଚେୟାରମ୍ୟାନ ବା ଭାଇସ୍ ଚେୟାରମ୍ୟାନ ପଦ ବେତନଯୁକ୍ତ ସ୍ଥିର ପଦ ଉମେଦବାରଙ୍କ ଦରଖାସ୍ତଦ୍ୱାରା ପୂରଣ ନ ହୋଇ ନିର୍ବାଚନଦ୍ୱାରା ହୁଅଇ ଯେଉଁ କମିଶନର ତାହାଙ୍କୁ ଅନୁରୋଧ କରିଥିଲେ ତାହାଙ୍କଦ୍ୱାରା ପ୍ରସ୍ତାବ କରାଇବା ଉଚିତ ବାଟ ଥିଲା । ମିଉନିସିପାଲିଟି ମଧ୍ୟରେ ବାସ କରୁଥିବା ନାନା ଜାତି ଓ ସମ୍ପ୍ରଦାୟର ଲୋକଙ୍କ ଗୋଟିଏ ସାଧାରଣ ପ୍ରୟୋଜନ ସାଧନ କରିବା ମିଉନିସିପାଲ କର୍ମଚାରୀଙ୍କର କାର୍ଯ୍ୟ ଅଟେ ଏବଂ ତହିଁକି ସମସ୍ତ କରଦାତାଙ୍କର ପ୍ରତିନିଧି ମିଉନିସିପାଲ କମିଶନରମାନେ ଯାହାଙ୍କୁ ଯୋଗ୍ୟ ବିବେଚନା କରିବେ ତାହାଙ୍କୁ ନିଯୁକ୍ତ କରିବେ । ଏହା ଜାତିଗତ ଦାବି ନୁହେଁ ଏବଂ ଯେବେ ତାହା ହୋଇଥାନ୍ତା ତେବେ ସେ ନଗର ମସଜିଦ ସଲଗ୍ନ ସ୍କୁଲ ସମ୍ବନ୍ଧୀୟ ମାମଲାର ନିଷ୍ପତ୍ତି ଦୃଷ୍ଟିରେ ସେ ଏ ନଗରର ଅଧିକାଂଶ ମୁସଲମାନମାନଙ୍କର ବିଶ୍ୱାସଭାଜନ ନ ଥିବା ସ୍ଥଳେ ତାହାଙ୍କର ଦାବି ପ୍ରବଳ ହେବା ବଡ଼ ସନ୍ଦେହଯୁକ୍ତ । ମିଉନିସିପାଲିଟିର କାର୍ଯ୍ୟ ସମ୍ବନ୍ଧରେ କନଗ୍ରେସର ଉଲ୍ଲେଖ କରିବା କେମନ୍ତ ବୁଦ୍ଧି ଓ ରୁଚି ଆମ୍ଭେମାନେ ବୁଝି ପାରୁ ନାହୁଁ । ମୌଲବୀ ସାହେବ ବିଲକ୍ଷଣ ଜାଣନ୍ତି ଯେ ମିଉନିସିପାଲିଟିର ସମ୍ପର୍କ ମଳ ମୂତ୍ରାଦି ସଙ୍ଗେ, ଦୁଧ ସଙ୍ଗରେ ନୁହେଁ । ଅବିବେଚକ ଲୋକରେ ଦୁଧର ପ୍ରସଙ୍ଗ ନାହିଁ କି ? ସରକାର ତାହା ଅନ୍ୟକ୍ଷେ ସଦସ୍ୟ ହୋଇ ରହିଅଛନ୍ତି ଏବଂ ସେ ଯାହାର ଯୋଗ୍ୟାଂଶ ପାଉଅଛନ୍ତି ।

## ପୁରୀ ଉଡ଼ାଘର ଆଇନ ।

ଏହି ଆଇନ ପୁରୀ ସହର ନିମନ୍ତେ ପ୍ରଥମେ ଜାରି ହୋଇଥିଲା । ମାତ୍ର ବଙ୍ଗଳାର ଅନେକ ତୀର୍ଥସ୍ଥାନ ଓ ଘାଟିକୁ ଏହା ପ୍ରସାରିତ ହୋଇଅଛି । ସନ ୧୯୦୦।୧୯୦୧ ସାଲର ବାର୍ଷିକ ରିପୋର୍ଟ ସମାଲୋଚନା ସ୍ୱରୂପ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ନିର୍ଦ୍ଧାରଣ ବାହାରିଅଛି । ଗତବର୍ଷ ଯେ ସବୁ ସ୍ଥାନରେ ଉକ୍ତ ଆଇନ ପ୍ରବଳ ଥିଲା ଏ ବର୍ଷ ମଧ୍ୟ ସେହିପରି ଥିଲା କେବଳ ଗେୟୁଁଖାଲି ଗତ ପାଇଅଛି । ଗତବର୍ଷ କଟକର ମାଜିଷ୍ଟ୍ରେଟ ସଡ଼କ ପାଶର ଘାଟିମାନ ଉଠାଇ ଦେଇ ଧର୍ମଶାଳା ସ୍ଥାପନର ପ୍ରସ୍ତାବ କରିଥିଲେ । ମାତ୍ର ଅଧ୍ୟକ୍ଷ ହାକିମମାନେ ସେ ପ୍ରସ୍ତାବର ପୋଷକତା ନ କରିବାରୁ ତାହା ପରିତ୍ୟକ୍ତ ହେଲା । ଗତବର୍ଷ ଉଡ଼ାଘରର ସଂଖ୍ୟା ପ୍ରାୟ ଏକହଜାର ବୃଦ୍ଧି ହୋଇଥିଲା ମାତ୍ର ଏ ବର୍ଷ ପ୍ରାୟ ୨୦୦ ଊଣା ହେଲେହେଁ ଉଡ଼ାଘରର ସଂଖ୍ୟା ୧,୫୯୨ ରହିଅଛି ଏବଂ ଏହା ଗତ କେତେ ବର୍ଷର ବାର୍ଷିକ ହାରାହାରିରୁ ଅଧିକ ଅଟେ । ଏହା ଗୟାରେ ଉଡ଼ାଘର ସଂଖ୍ୟା ୩୧୦ ରୁ ୫୩୯ କୁ ଉଠିଥିଲା । ଅନେକ ଜାଗା ସ୍ଥାନମାନଙ୍କର ସ୍ୱାସ୍ଥ୍ୟ ଭଲ ଥିଲା ଏବଂ ଗତବର୍ଷର ମୃତ୍ୟୁ ସଂଖ୍ୟା ୧,୩୬୦ ରୁ ଏ ବର୍ଷ କେବଳ ୨୩୦ ହୋଇଥିଲା । ଓଡ଼ିଶା ବିଭାଗରେ କୌଣସି ସଂକ୍ରାମକ ରୋଗର ଉପଦ୍ରବ ନ ଥିଲା ଏବଂ ସେଠା ମୃତ୍ୟୁସଂଖ୍ୟା ୧,୧୫୧ ରୁ ୪୬୧ କୁ ଖସି ଆସିଥିଲା । ଗୟାଠାରେ ସନ ୧୯୦୦ ସାଲ ଅକ୍ଟୋବର ମାସରୁ ପ୍ଲେଗ ରୋଗ ପ୍ରବଳ ଥିଲେହେଁ କେହି ଯାତ୍ରୀ ତହିଁରେ ମରି ନ ପଡ଼ିବା ଆଶ୍ଚର୍ଯ୍ୟର ବିଷୟ ଅଟେ । ସେଠା ମାଜିଷ୍ଟ୍ରେଟ କହନ୍ତି କି ଉଡ଼ାଘର ସବୁ ସମୟରେ ପରିପାଟିତ ଅବସ୍ଥାରେ ଶୋଧ କରିବାରେ ରୋଗ ପ୍ରବେଶ କରି ପାରି ନାହିଁ । ବର୍ତ୍ତିତବର୍ଷର ଆୟ ୫୭୨,୫୬୧ ଟଙ୍କା ଥିଲା । ଏହା ପୂର୍ବବର୍ଷରୁ ସାମାନ୍ୟରେ ଅଧିକ । ଗତବର୍ଷର ବ୍ୟୟ ୪୪୩,୮୭୬ ଟଙ୍କାରୁ ଏବର୍ଷର ବ୍ୟୟ ୪୮୦,୦୭୭ ଟଙ୍କା ହୋଇଥିଲା । ଅଧିକ ବ୍ୟୟର କାରଣ ଏହି କି ପୁରୀ ଉଡ଼ାଘର କମିଟି ୧୭,୦୦୦ ଟଙ୍କା ବ୍ୟୟରେ ସେ ନଗରରେ ଯାତ୍ରୀଙ୍କ ରହିବା କାରଣ ନୂତନ ପାନ୍ଥଶାଳା ନିର୍ମାଣ କରୁଅଛନ୍ତି ଏବଂ ପୁରୀ ମିଉନିସିପାଲିଟିକୁ ୪୨୦୦୦ ଟଙ୍କା ମଇଳାଜଳର ଖାତ ସମସ୍ତ ପରିଷ୍କାର କରିବା କାରଣ ଦେଇଅଛନ୍ତି ।

ଓଡ଼ିଶାର ଯେ ସକଳ ସ୍ଥାନରେ ଆଇନ ପ୍ରଚଳିତ ଅଛି ସେ ସ୍ଥାନମାନଙ୍କର ଆୟ ବ୍ୟୟ ନିମ୍ନେ ଲିଖିତ ହେଲା । ଯଥା—

| | ଆୟ | ବ୍ୟୟ |
|---|---|---|
| ଜାଜପୁରସବଡିଭିଜନ ଭଦ୍ରକସବଡିଭିଜନ ଘାଟିମାନ | ଟ ୧,୪୬୭ | ଟ ୨,୨୪୪ |
| ବାଲେଶ୍ୱର ସହର | ଟ ୨,୮୪ | ଟ ୩,୮୯୦ |
| ପୁରୀ ସହର ଏବଂ ଏହାର | ଟ ୨୨,୪୪୧ | ଟ ୪୧,୦୭୯ |
| ଖଜଣାଳ | ଟ ୩୭୭ | ଟ ୨୯ |
| ଜାଜପୁର | ଟ ୪୨୨ | ଟ ୮୪୧ |

ପ୍ରତ୍ୟେକ ସ୍ଥାନରେ ଏ ବର୍ଷର ଆୟଠାରୁ ବ୍ୟୟ ଅଧିକ ହୋଇଅଛି ଏବଂ ସେହି ଅଧିକ ଟଙ୍କା ପୂର୍ବର ଉଦ୍‌ବୃତ୍ତ ବାକିରୁ ଦିଆ ଯାଇଅଛି । ସୁତରାଂ ସମସ୍ତ ବଙ୍ଗପ୍ରଦେଶର ଉଡ଼ାଘର ଉଦ୍‌ବୃତ୍ତ ବାକି ଯାହା ବର୍ଷ ଆରମ୍ଭରେ ୪୪୩,୭୭୩ ଟଙ୍କା ଥିଲା ତାହା ବର୍ଷ ଶେଷରେ ୪୨୨,୨୫୮ ଟଙ୍କାରେ ରହିଲା ।

ଗତବର୍ଷ ଏକା ପୁରୀ ସହର ଏବଂ ପୁରୀ ଜିଲ୍ଲାର ଅନ୍ୟାନ୍ୟ ଘାଟିରୁ ୩୧ ହଜାର ଟଙ୍କା ଆୟ ହୋଇଥିଲା । ଏ ବର୍ଷ ସମସ୍ତ ଓଡ଼ିଶାର ବସାଘର ଆୟ ୨୯ ହଜାରରୁ କିଛି ଅଧିକ ହୋଇଅଛି । ଅତଏବ କ୍ରମାଗତ ଆୟ ଊଣା ହୋଇ ଆସୁଅଛି । ରେଲବାଟ ଯୋଗୁଁ ଏହା ହୋଇଥିବାସ୍ଥଳେ ଏଣିକି ଆୟ ବୃଦ୍ଧିର ଆଶା ନାହିଁ ।

## ଗାଡ଼ିବାନଙ୍କର ମେଳ ।

ଗତ ଜୁନ ମାସରେ କଲିକତାରେ ଘୋଡ଼ା ଓ ଗୋରୁଗାଡ଼ିର ଗାଡ଼ିବାନମାନେ ମେଳ ହୋଇ ଦ ୪ ଦିନ ପର୍ଯ୍ୟନ୍ତ ଭଡ଼ା ନ ବହିବାରେ ଜନସାଧାରଣର ବିଶେଷତଃ ବ୍ୟବସାୟୀଙ୍କର ଯେଉଁ କଷ୍ଟ ହୋଇଥିଲା ଓ ପୁଲିସ କମିଶନର ପ୍ରଭୃତି ଉଚ୍ଚ ରାଜ-କର୍ମଚାରୀମାନେ ସେମାନଙ୍କର ଗୁହାରି ଶୁଣିବାର ଆଶ୍ୱାସ ଦେବାରେ ସେମାନେ ମେଳରୁ କ୍ଷାନ୍ତ ହୋଇଥିଲେ ସେଥିରୁ ପାଠକମାନଙ୍କୁ ଜଣା ଅଛି । ମେଳର ନାନା କାରଣ ମଧ୍ୟ ସେସମୟରେ ପ୍ରଦର୍ଶିତ ହୋଇଥିଲା । ପ୍ରକୃତ କାରଣ ଅନୁସନ୍ଧାନ କରାନ୍ତୁ ଆବଶ୍ୟକ ବୁଝି ମାନ୍ୟବର ବଙ୍ଗେଶ୍ୱର ପ୍ର ୨୪ ପରଗଣାର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଏଚ୍, ଏଫ୍ ଲିଷ୍ଟର ସାହେବଙ୍କୁ ସେ ଭାର ଅର୍ପଣ କରିଥିଲେ । ସାହେବ ମହୋଦୟ ଅତି ଧୀରଭାବରେ ବିସ୍ତର ପରିଶ୍ରମ ସହକାରେ ଅନୁସନ୍ଧାନ କରି ଗତ ସେପ୍ଟେମ୍ବର ମାସରେ ତହିଁର ରିପୋର୍ଟ ଦେବାରୁ ମାନ୍ୟବର ବଙ୍ଗେଶ୍ୱର ସମସ୍ତ ବିଷୟ ବିବେଚନାପୂର୍ବକ ଗୋଟିଏ ନିର୍ଦ୍ଧାରଣ ପ୍ରଚାର କରିଅଛନ୍ତି । ତହିଁରୁ ଜଣାଯାଏ କଲିକତାର ନିମ୍ନଲିଖିତ କାରଣରୁ ମେଳ ହୋଇଥିଲା । ଯଥା;

୧। ପୁଲିସ ଓ ପଶୁକ୍ଳେଶ ନିବାରଣୀ ସଭାର ଗୁମାସ୍ତାମାନେ ବଗିବାନ ଏବଂ ଗଡ଼ିବାନଙ୍କଠାରୁ ନିୟମିତରୂପେ ଲାଞ୍ଚ ବା ଦସ୍ତୁର ନେବା ।

୨। ପୁଲିସ ପଶୁକ୍ଳେଶ ନିବାରଣୀ ସଭାର ଗୁମାସ୍ତା ଏବଂ ମିଉନିସିପାଲ କର୍ମଚାରୀମାନେ ଅନୁଚିତ ପ୍ରଭୃତିଙ୍କ ନାମରେ ଫୌଜଦାରୀରେ ନାଲିସ କରିବା ।

୩ । ବେଲଗାଛିଆ ପଶୁ ଚିକିତ୍ସାଳୟର କାର୍ଯ୍ୟ ପ୍ରଣାଳୀ ।

ବଗିବାନ ଓ ଗଡ଼ିବାନଙ୍କଠାରୁ ପୁଲିସ ବଳବଳ ଦସ୍ତୁରି ନେବାର ଉତ୍ତମରୂପେ ପ୍ରମାଣ

Digitized by srujanika@gmail.com

Split by PDF Splitter



ହୋଇଅଛି । ଏମନ୍ତ କି ଜଣେ ଗାଡ଼ିବାଲାର ହିସାବରୁ ଦେଖାଗଲା ଯେ ସେ ପ୍ରତି ମାସ ପୁଲିସକୁ ଟ ୧୨ ୯ ଙ୍କା ଲେଖାଏଁ ଘୁସ ଦେଉଥିଲା । ପୁଲିସର ଏହି ଅତ୍ୟାଚାର ପ୍ରକାଶ ହେବା କାରଣ ଗୋଟାଏ ମେଳର ଆବଶ୍ୟକ ହେଲା । ମାନ୍ୟବର ବଙ୍ଗେଶ୍ୱର ଏଥିରେ ଦୁଃଖ ପ୍ରକାଶ କରୁଅଛନ୍ତି ଏବଂ ସେ ଅତ୍ୟନ୍ତ ଦୁଃଖିତ ହୋଇଅଛନ୍ତି ଯେ ପଶୁକ୍ଳେଶ ନିବାରଣରୂପ ସତ୍କାର୍ଯ୍ୟ ନିମନ୍ତେ ସ୍ଥାପିତ ହୋଇଥିବା ସଭାର ଗୁମାସ୍ତାମାନେ ପୁଲିସଠାରୁ ବଳି ପାପିଷ୍ଠ ଥିବାର ପ୍ରମାଣ ହୋଇଅଛି । ଗୋଟାଏ ବଗିଖାନାର ମାଲିକ କଲିକତା ଓ ହାବଡ଼ାର ସଭାର ଏଜେଣ୍ଟମାନଙ୍କୁ ପ୍ରତି ମାସ ଟ ୩୫ ୯ ଙ୍କା ଲାଞ୍ଚ ଦେଉଥିଲା । ଏହି ଗୁମାସ୍ତାମାନେ ନିଜ କ୍ଷମତାର କୁବ୍ୟବହାର କରନ୍ତେ ନାହିଁ ବୋଲି ସଭା ସେମାନଙ୍କର ବେତନ କେତେକ ବର୍ଷ ହେଲା ଟ ୨୫ ୯ ଙ୍କାରୁ ଟ ୪୦ ୯ ଙ୍କାକୁ ବଢ଼ାଇ ଦେଇଅଛନ୍ତି । ସାହାବେଉ ପୁଲିସ ଏବଂ ଗୁମାସ୍ତାଙ୍କର ଅତ୍ୟାଚାର ଧରା ପଡ଼ିବାରୁ ପୁଲିସ କମିଶନର କେତେକ ପୁଲିସ କର୍ମଚାରୀଙ୍କୁ ଦଣ୍ଡ ଦେଇଅଛନ୍ତି ଏବଂ ଭବିଷ୍ୟତରେ ଅତ୍ୟାଚାର ନିବାରଣର ବହୁତ ଉପାୟ କରୁଅଛନ୍ତି । ପଶୁକ୍ଳେଶ ନିବାରଣୀ ସଭା ମଧ୍ୟ କେତେକ ଗୁମାସ୍ତାଙ୍କୁ ଦଣ୍ଡ ଦେଇଅଛନ୍ତି ଏବଂ ଅନେକ ଲୋକ ବାହାର କରି ଦେଇ କେବଳ ନ ୨୫ ଣ ଗୁମାସ୍ତା ରଖିଅଛନ୍ତି ।

ଷଣ୍ଢଭଙ୍ଗା ଓ ବଳିବାଲାଙ୍କ ଉପରେ ପୂର୍ବାପେକ୍ଷା ଅଧିକ ଫୌଜଦାରୀ ମାଲସ ଦାଏର ହେବାର ଜଣା ଯାଉ ନାହିଁ । ମାତ୍ର ଅର୍ଥଦଣ୍ଡର ପରିମାଣ ଅନେକ ବୃଦ୍ଧି ହୋଇଅଛି । ଯଥା; ସନ ୧୮୯୮ ସାଲରେ ମୋଟରେ ଟ ୧୬,୬୬୨ ଙ୍କା ଏବଂ ସନ ୧୯୦୦ ସାଲରେ ଟ ୨୬,୩୬୩ ଙ୍କା ଜରିମାନା ହୋଇଥିଲା । ଜରିମାନା ଏତେ ବଢ଼ିବାର କାରଣ ଜଣା ଯାଉ ନାହିଁ ଏବଂ ଲାଏଲ ସାହେବଙ୍କ ମନ୍ତବ୍ୟରେ କୌଣସି ମୋକଦମାରେ ଅତ୍ୟଧିକ ଜରିମାନା ହେବାର ପ୍ରକାଶ ପାଇ ନାହିଁ । ବରଂ ପ୍ରଥମେ ମାଜିଷ୍ଟ୍ରେଟମାନେ ଅଳ୍ପ ଅର୍ଥଦଣ୍ଡ ଦେଉଥିବାରୁ ଅପରାଧୀମାନେ ଖାତିର ନ କରି ପୁନଃ ପୁନଃ ଅପରାଧ କରୁଥିବାରୁ ମାମଲା ଅଧିକ ହୋଇଅଛି । କେବଳ କେତେକ ମୋକଦମାରେ ମିଉନିସିପାଲିଟିର ଭ୍ରମ ପ୍ରକାଶ ପାଇଅଛି ଏବଂ ସେ ବିଷୟରେ ଚେୟାରମ୍ୟାନ ସାହେବଙ୍କୁ ସାବଧାନ କରି ଦିଆ ଯାଇଅଛି ।

ବେଲଗାଛିଆର ପଶୁ ଚିକିତ୍ସାଳୟର କାର୍ଯ୍ୟ ପ୍ରଣାଳୀରେ ବିଶେଷ ଦୋଷ ଦେଖା ଯାଇ ନାହିଁ । କେବଳ କେତେକ ସ୍ଥଳେ ପଶୁର ମୂଲ୍ୟଠାରୁ ତାହାର ଚିକିତ୍ସାର ବ୍ୟୟ ଅଧିକ ପଡ଼ିବାର ଜଣା ଯାଇଅଛି । ଏଥିରୁ ବଙ୍ଗେଶ୍ୱର ଆଦେଶ ଦେଇଅଛନ୍ତି କି ପଶୁର ମୂଲ୍ୟଠାରୁ ଚିକିତ୍ସାର ବ୍ୟୟ ଅଧିକ ହେଲେ ମାଲିକ ତାହା ଦେବାକୁ ବାଧ୍ୟ ହେବ ନାହିଁ । ସେ ପଶୁ ନିଲାମ ହୋଇ ଯାହା ମିଳିବ କେବଳ ଖରଚ୍ଚସ୍ୱରୂପ ନିଆ ଯିବ ।

ଭଡ଼ା ବଗି ଏବଂ ଶଗଡ଼ବାଲାଙ୍କ ପ୍ରତି ଅତ୍ୟାଚାର ନିବାରଣର ଆଉ କେତେ ଗୁଡ଼ାଏ ଉପାୟ ଅବଲମ୍ବିତ ହେବାର ଉକ୍ତ ବିବରଣରୁ ପ୍ରକାଶ ପାଉଅଛି । ସେ ସବୁ ଉଲ୍ଲେଖର ପ୍ରୟୋଜନ ନାହିଁ । ଫଳକଥା ଯେପରି ବନ୍ଦୋବସ୍ତ ହୋଇଅଛି ତହିଁରୁ ଜଣା ଯାଉଅଛି ଯେ ଭବିଷ୍ୟତରେ ଏପରି ଅତ୍ୟାଚାର ହେବ ନାହିଁ । ଶ୍ରୀଯୁକ୍ତ ଲାଏଲ ସାହେବ ଅନେକ ପରିଶ୍ରମ ସହିତ ନିରପେକ୍ଷଭାବରେ ଅନୁସନ୍ଧାନ କରି ଯୁକ୍ତିସଙ୍ଗତ ରିପୋର୍ଟ ଦେଇଅଛନ୍ତି ବୋଲି ମାନ୍ୟବର ବଙ୍ଗେଶ୍ୱର ତାହାଙ୍କୁ ଧନ୍ୟବାଦ ଦେଇଅଛନ୍ତି ଏବଂ ମାନ୍ୟବର ବଙ୍ଗେଶ୍ୱର ଯଥୋଚିତ ତତ୍ପରତା ସହିତ ଏ ବିଷୟ ଅନୁସନ୍ଧାନ କରାଇ ଭବିଷ୍ୟତକୁ ଅତ୍ୟାଚାର ନିବାରଣର ଯଥେଷ୍ଟ ଉପାୟ କରି ଦେବାରୁ ଆମ୍ଭେମାନେ ତାହାଙ୍କୁ ଅଶେଷ ଧନ୍ୟବାଦ ଦେଉଅଛୁ । ଯାହା କଲିକତାରେ ବୃହତ୍ ପରିମାଣରେ ଘଟିଥିଲା ତାହା ମୋଫସଲର ମିଉନିସିପାଲିଟିମାନଙ୍କରେ ଊଣା ଅଧିକରେ ଘଟିବାର ଦେଖାଯାଏ । ପୁଲିସ ଏବଂ ମିଉନିସିପାଲିଟିର ନିମ୍ନ ଶ୍ରେଣୀର ଚାକରମାନେ ଅନ୍ୟାୟ ରୋଜଗାରର ବାଟ ସର୍ବଦା ଖୋଜି ବୁଲନ୍ତି । ସେମାନଙ୍କୁ ଶାସନରେ ରଖିବା ପ୍ରତି ଜିଲା ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଓ ମାଜିଷ୍ଟ୍ରେଟଙ୍କର ସର୍ବଦା ମନୋଯୋଗୀ ହେବା ଆବଶ୍ୟକ । ଭରସା କରୁଁ କଲିକତାର ଘଟଣାରୁ ଜିଲା ହାକିମମାନେ ଉଚିତ ଉପଦେଶ ଗ୍ରହଣ କରିବେ ।

———

## ପ୍ରାପ୍ତ
## ସମାଲୋଚନା ।

### ବିଜୟ ଗୀତିକା ପ୍ରଥମ ଓ ଦ୍ୱିତୀୟ ଭାଗ ।

ଏହି ଗୀତ-ପୁସ୍ତକ ଦ୍ୱୟ ବଙ୍ଗଳା ଭାଷାରେ ବର୍ଦ୍ଧମାନେଶ୍ୱର ଷୋଡ଼ଶ ଭୂପତି ଶ୍ରୀଯୁକ୍ତ ମହାରାଜା ଶ୍ରୀ ବିଜୟଚନ୍ଦ ମହତାବ୍ ବାହାଦୁର ମହୋଦୟ କର୍ତ୍ତୃକ ବିରଚିତ । ମହାରାଜା ଶ୍ରୀ ବିଜୟ ଚନ୍ଦ ବର୍ତ୍ତମାନ୍ ଅପ୍ରାପ୍ତ ବୟସ୍କ ତରୁଣ ଯୁବକ, କିନ୍ତୁ ସେ ରୂପ-ଯୌବନ-ଧନ-ସୁଲଭ ବିଳାସ ବାସନା ଓ ପ୍ରମୋଦ ଚାଞ୍ଚଲ୍ୟକୁ ପରିହାର କରି ପ୍ରଶାନ୍ତ ସୁନିର୍ମଳ ପ୍ରଜ୍ଞାର ଆଲୋକକୁ ହୃଦୟରେ ଧରି ବିଶୁଦ୍ଧ ମାନସ-ସରୋବର-ନିବାସିନୀ ଜନନୀ ସରସ୍ୱତୀ ଦେବୀଙ୍କର ଆରାଧନାରେ ପ୍ରବୃତ୍ତ ହୋଇଅଛନ୍ତି । ଏପରି ଦୃଶ୍ୟ ଯେ ସଂସାରରେ ଦୁର୍ଲ୍ଲଭ ତାହା କହିବା ବାହୁଲ୍ୟ ମାତ୍ର । ତାହାଙ୍କର ରଚିତ ଗୀତଗୁଡ଼ିକ ଧର୍ମର ପୁଣ୍ୟାଗ୍ନିରେ ଦୀପ୍ତିମାନ୍, ପବିତ୍ର ପ୍ରେମର ସ୍ୱର୍ଗୀୟ ସୌରଭରେ ଆମୋଦିତ ଏବଂ ଭକ୍ତି ବିନୟର ସ୍ନିଗ୍ଧ ଭାବରସରେ ଅନୁପ୍ରାଣିତ । ସହସ୍ର ପୁଣ୍ୟ-ସ୍ମୃତି ପବିତ୍ରିତ ପ୍ରାଚୀନ ଭାରତର ଧର୍ମବୀର କର୍ମବୀର ଦୟାବୀର ଜ୍ଞାନୀ କବି ମହାତ୍ମାମାନଙ୍କ ପ୍ରତି, ପୁଣ୍ୟ ଚରିତ୍ରଶାଳିନୀ ବୀରପ୍ରସବିନୀ ବୀରାଙ୍ଗନା ସତୀ ସାଧ୍ୱୀମାନଙ୍କ ପ୍ରତି, ସେ ଯେପରି ପ୍ରଗାଢ଼ ଭକ୍ତି ଏହି ଗୀତମାନଙ୍କରେ ଅର୍ପଣ କରିଅଛନ୍ତି, ତାହା ବାସ୍ତବରେ ମଧୁମୟ ଏବଂ ଶିକ୍ଷାପ୍ରଦ । ସର୍ବୋପରି ଦେବାଦିଦେବ ପରାତ୍ପର ପରମେଶ୍ୱରଙ୍କଠାରେ ଧ୍ରୁବ ଶାନ୍ତ ନିଶ୍ଚଳ ବିଶ୍ୱାସ ତାହାଙ୍କର ରଚନାକୁ ପବିତ୍ର ଓ ଉଦାର କରିଅଛି । ରାଜତନୟମାନଙ୍କ ମଧ୍ୟରେ ସାହିତ୍ୟ ଚର୍ଚ୍ଚାର ଅଭାବ ନ ଥିଲେହେଁ ଏପରି ଭକ୍ତିପୂତ ବାଗ୍ଦେବୀ-ସାଧନା ସେମାନଙ୍କ ମଧ୍ୟରେ ସୁଦୁର୍ଲ୍ଲଭ । ନବୀନ ବର୍ଦ୍ଧମାନାଧିପଙ୍କର ହୃଦୟ ନିଷ୍ପୃହ ଚରିତ୍ରବୀର୍ଯ୍ୟର ମଧ୍ୟ ଆଧାର । ସେ ଲେଖିଅଛନ୍ତି "ବଜ୍ର ହୋକ୍ ଶିରପର, ରୁଷ୍ଟ ହୋକ୍ ବଜ୍ରଧର, ତଥାପି କର୍ତ୍ତବ୍ୟ ପଥ ଛାଡ଼ିବେ ନା କଭୁ ମନ" ମହାରାଜାଙ୍କର ତରୁଣ ହୃଦୟରେ ଯେ ଏପରି ଉଚ୍ଚଭାବମାନ ବିକଶିତ ହୋଇଅଛି ଏହା ଅପେକ୍ଷା ଆନନ୍ଦର ବିଷୟ ଆଉ କ'ଣ ଅଛି ? ତାହାଙ୍କର ଜୀବନରେ ଏହି ମହାଭାବମାନ ଚରିତାର୍ଥ ଥାଉ ତାହାଙ୍କୁ "ସ୍ୱର୍ଗାଦପି ଗରୀୟସୀ" ଭାରତଭୂମିର, ବଙ୍ଗଦେଶର ଓ ଉତ୍କଳ ଦେଶର ମଙ୍ଗଳ ସାଧନରେ ନିୟୋଜିତ କରୁ । ମହାରାଜଙ୍କୁ ଉତ୍କଳ ଦେଶ ମଧ୍ୟ ଆପଣାର ବୋଲି ବରଣ କରୁଅଛି, କାରଣ ଉତ୍କଳରେ ମଧ୍ୟ ତାହାଙ୍କର ବିପୁଳ ଭୂସମ୍ପତ୍ତି ଅଛି । ତାହାଙ୍କର ରାଜଲେଖନୀ ଉପରେ ସ୍ୱର୍ଗର ଆଶୀର୍ବାଦମୟ ପୁଷ୍ପ ଚନ୍ଦନ ବର୍ଷିତ ହେଉ । ପରମ ସତ୍ୟଶିବ ସୁନ୍ଦର ସ୍ୱରୂପଙ୍କ ଆଶୀର୍ବାଦରେ ତାହାଙ୍କର ଜ୍ଞାନ ପ୍ରେମ ଭକ୍ତି ପୂରିତ ହୃଦୟ-କନ୍ଦରରୁ ନିର୍ମଳ କବିତା ପ୍ରବାହିତ ହୋଇ, ସାମ୍ପ୍ରଦାୟିକ ସଂକୀର୍ଣ୍ଣତାରୁ ମୁକ୍ତ ହୋଇ ବିଶ୍ୱଜନୀନ ଧର୍ମରୂପ ମହାକାଶର ମହାଭାବରେ ଉଲ୍ଲାସିତ ହୋଇ ଏବଂ ଶତ ଶତ ହୃଦୟ ଦେଶ ସରସ କରି ଧନ୍ୟ ଓ ସାର୍ଥକ ହେଉ । ତାହାଙ୍କର ବୀଣା ପୁଣ୍ୟଗୀତ, ମଧୁରଛନ୍ଦ, ମନୋଜ୍ଞ ରାଗିଣୀର ଝଙ୍କାରରେ ଝଙ୍କାରିତ ହେଉ ।

ଏହି ଗୀତ ପୁସ୍ତକ ଦ୍ୱୟର ରଚନା ଯେ ସର୍ବାଙ୍ଗ ସୁନ୍ଦର ହୋଇଅଛି, ତାହା କହେଁ ! ନବୀନ ରାଜକବି ମହୋଦୟ ଭାବ ଓ ଭାଷାର ସୌନ୍ଦର୍ଯ୍ୟ ସାଧନରେ ଯେ ସିଦ୍ଧି ଲାଭ କରିଛନ୍ତି ଏହା କହିବା ବାହୁଲ୍ୟ ମାତ୍ର ।

Digitized by srujanika@gmail.com

## ମୂଲ୍ୟପ୍ରାପ୍ତି ।

ବାବୁ । ବା । ଗୌର ।୦୯
ବମିଶର ଉଡ଼ିଶା ।୦୯
ଦଳେକ୍ଟର ବଟକ ।୦୯
ଶ୍ରୀ ବାବୁ ଦୟାନିଧି ଦାସ । ୧୯୦୧ ସନ ସୁବର୍ଣ୍ଣପୁର ବାକି ୨୯

## ବିଜ୍ଞାପନ ।

### ବନାରସୀ ମାଲ ।

ବନାରସ ନଗରସ୍ଥ ଅମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରଜା ଜମିଦାରମାନଙ୍କୁ ବହୁସ୍ଥଳରେ ବହୁକାଲ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ଢେଙ୍କାନାଳ, ରଣପୁର, ସରାଇକଲା, ସୋନପୁର, ଧାଟଣା, ତାଳଚେର, ମୟୂରଭଞ୍ଜ, ନୀଳଗିରି, ହିନ୍ଦୋଳ, ଆଠଗଡ଼, ଗାଙ୍ଗପୁର, ତାଳଚେରୋଟା, ଝଡ଼ିଜୟପୁର ପ୍ରଭୃତି ରଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଅମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଅମ୍ଭର ବାଣିଜ୍ୟ କୋଠିରେ ବହୁସ୍ଥ ସନାରେ ମନୋହର ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଯୋଡ଼ ଟୋପି, ଦୋପଟ୍ଟା, କିଂଖାପ, ବାଫ୍ତା, ସଙ୍ଗୀ, ଦୋପଟା ମଖମଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ଉତ୍ତମ ଶଟିତ ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାଣ୍ଡିର ହାଣ୍ଡିଡ଼ା ପ୍ରଭୃତି ବସ୍ତୁର ଅନୁସାରେ ତିଆରି କରାଇ ଦେଉଁ । ବସ୍ତୁ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି କେଉଁ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ବା ଅମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇବା ଲୋକମାନେ କେଉଁ ଠିକଣାରେ କ ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ଅନେକ କାରବାର ଥିବାରୁ ଜଣେ ଓଡ଼ିଆ ଗୋମସ୍ତାର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫାଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାରସଲରେ ମଧ୍ୟ ମାଲ ପଠାଯାଏ କିନ୍ତୁ ମାଲ ପଠାଯିବା ଏବଂ ଫେରନ୍ତ ହେବା ମାସୁଲ ମାଲ ମଗାଇଥିବା ବ୍ୟକ୍ତିଙ୍କୁ ଦେବାକୁ ପଡ଼ିବ ।

ଶ୍ରୀ ପାଲୁମାଲ ଗୋଲାନାଥ
ଭୁତେଶ୍ୱର ଫାଟକ ବନାରସ ସିଟି

## ବିଜ୍ଞାପନ ।

ଭକ୍ତ କବି ଜଗନ୍ନାଥ ଦାସଙ୍କ କୃତ ଓଡ଼ିଆ ଏକାଦଶସ୍କନ୍ଧ ଭାଗବତ ଅନେକ ଦିନରୁ ଅମ୍ଭମାନଙ୍କ ଦେଶରେ ପ୍ରଚଳିତ ଅଛି । ବର୍ତ୍ତମାନ ଭବଧସଂଗ୍ରହ ପ୍ରକାଶକ ବାବୁ ମାଧବ ଲାଲ ଅନେକ ବଙ୍ଗ ଲୋକମାନଙ୍କ ସାହାଯ୍ୟରେ ସଂସ୍କୃତ ଏକାଦଶସ୍କନ୍ଧର ପ୍ରତ୍ୟେକ ଶ୍ଲୋକ ସଙ୍ଗେ ଉକ୍ତ ଓଡ଼ିଆ ପଦ୍ୟକୁ ମିଳାଇ ଖଣ୍ଡିଏ ଏକାଦଶସ୍କନ୍ଧ ପ୍ରକାଶ କରିଅଛନ୍ତି ପ୍ରତ୍ୟେକ ଖଣ୍ଡର ସୁଲଭ ମୂଲ୍ୟ ୯ ୦ ୟ୬ । କଟକର ସମସ୍ତ ପୁସ୍ତକ ବିକ୍ରେତାଙ୍କ ନିକଟରେ ଏବଂ ଅମ୍ଭ ନିକଟରେ ତତ୍ତ୍ୱ କଲେ ମିଳି ପାରିବ ।

କଟକ } ଶ୍ରୀ ସୁଦର୍ଶନ ଦାସ ଶର୍ମା ।
ସୁତାହାଟ }

ଏହିପରି ଆଦର୍ଶ "ଟ୍ରେଡ଼ମାର୍କ" ଯେଉଁ ଶିଶିରେ ସଲଗ୍ନ ନାହିଁ ତାହା କୃତ୍ରିମ ଔଷଧ ଜାଣିବେ; ଏବଂ ସେହି କୃତ୍ରିମକାରୀଙ୍କୁ ଧରାଇଦେଇ ପ୍ରମାଣ କରିପାରିଲେ ପାଞ୍ଚହଜାର ଟଙ୍କା ପୁରସ୍କାର ପାଇବେ ।

W. MAJOR & CO'S MEDICAL LABORATORY CALCUTTA
TRADE MARK

ଆମେରିକା ପଦେଶସ୍ଥ ବୈଦ୍ୟ କରବାନୀ ନହ ସଭାଡାକ୍ତର ଜେମସ୍. ମେଜର ଏମ, ଏ, ଏମ୍, ଡି ସାହେବେ ଅଦଂତ;—
"ଇଲେକ୍ଟ୍ରୋ ସାଲସା"



ଏପରି ସର୍ବଗୁଣ ସମ୍ପନ୍ନ ଔଷଧ ଇତେପୂର୍ବେ କେବେହେଁ ଅବିଷ୍କୃତ ହୋଇ ନାହିଁ । ଏହାର ଗୁଣ ଅସୀମ, କିମ୍ବା ଅଲୌକିକ, ଶକ୍ତି ମନ୍ତ୍ରବତ୍ ଅଦ୍ଭୁତ । ଯେଉଁ ରୋଗ କୌଣସି ଔଷଧରେ ଆରୋଗ୍ୟ ହୁଅଇ ନାହିଁ, ବଡ଼ ଡାକ୍ତରମାନେ ଯେଉଁ ରୋଗ ଅସାଧ୍ୟ ବୋଲି ନିର୍ଣ୍ଣୟ କରିଅଛନ୍ତି ଏହି ମହୌଷଧ ସେହି ରୋଗରେ ବ୍ରହ୍ମାସ୍ତ୍ର !

ଇଲେକ୍ଟ୍ରୋ ସାଲସା;—ନବୋଦ୍ଭାବିତ ଉପାୟରେ ରସାୟନିକ ପ୍ରକରଣରେ ତାଡ଼ିତଶକ୍ତି ସଂଯୁକ୍ତ କରିବାରୁ ଶୀଘ୍ର ମାନବ ଦେହରେ ଏହାର ଅତ୍ୟର୍ଥ କ୍ରିୟା ପ୍ରକାଶ ପାଏ ଏବଂ ପ୍ରତ୍ୟେକଥର ଔଷଧ ସେବନ କାଳେ ମନରେ ହୁଏ ଯେମନ୍ତ ଶରୀରାଭ୍ୟନ୍ତରରେ କୌଣସି ବୈଦ୍ୟୁତିକ କିମ୍ବା କମ୍ପନ ହୋଇ ରହ । ଏହିଠାରେ ଏହାର ଶକ୍ତିମତ୍ତାର ପ୍ରଥମ ପରିଚୟ ଅଲୌକିକତାର ପ୍ରଥମ ନିଦର୍ଶନ ! !

[illegible]—ଅସ୍ମମାନଙ୍କ ଶିରା ଦେଇଥିବା ରକ୍ତସ୍ରୋତ ରକ୍ତର ଦୂଷିତାଂଶ ଶକ୍ତିହିଁ ଚାଳିତ କରେ । ତତ୍ପରେ ପ୍ରବାହ ବଂଶତ ପ୍ରକୃତ ଦେବା ଅସମ୍ଭବ । ଏପରି ତତ୍ପରେ ଏମନ୍ତ ଶକ୍ତି ଯେ ଔଷଧରେ ସଂଯୋଗ କରାଯାଇଛି, ତାହା ଯେ ଅଲୌକିକ ଶକ୍ତି ଧାରଣ କରିବ ତହିଁରେ ଆଉ ସନ୍ଦେହ କଅଣ ?

ପାଶ୍ଚାତ୍ୟ ଶାସ୍ତ୍ରର ତତ୍ତ୍ୱଜ୍ଞ ପଣ୍ଡିତମାନେ କୋହନ୍ତି, ବାଲ୍ୟ ଯୌବନର ଉଚ୍ଛୃଙ୍ଖଳତାରେ ଓ ସ୍ୱାସ୍ଥ୍ୟ ରକ୍ଷାର ଅମନୋଯୋଗରେ ଶରୀରସ୍ଥ ବୈଦ୍ୟୁତିକ ଶକ୍ତିର ହ୍ରାସ ହୋଇ ଧାତୁସମୂହର ବିକୃତ ଘଟେ ଏବଂ ପରିଣାମରେ ରକ୍ତ ଓ ଶୁକ୍ର ସମ୍ବନ୍ଧୀୟ ପୀଡ଼ାର ଉତ୍ପତ୍ତି ହୁଏ । ପୁଣି ସେହି ହ୍ରାସପ୍ରାପ୍ତ ବୈଦ୍ୟୁତିକଶକ୍ତିର ସମତା ଶରୀରାଭ୍ୟନ୍ତରରେ ରକ୍ଷା କରିପାରିଲେ ମାନବ କଲେବର ଓ ଦୀର୍ଘାୟୁ ହେବାହିଁ ସ୍ଥିରସିଦ୍ଧ । ମାତ୍ର ଔଷଧ ସମଷ୍ଟିଦ୍ୱାରା ସେ ଶକ୍ତିର ସମତା ରକ୍ଷା ହୋଇ ନ ପାରେ । ତଡ଼ିତର ଶକ୍ତି ସଂଯୋଗ ବ୍ୟତୀତ କୌଣସି ଔଷଧରେ ସେ ଅଦ୍ଭୁତ ସମ୍ୟକ୍ ମୋଚନ ହୋଇ ନ ପାରେ ସେଥିପାଇଁ ପାଶ୍ଚାତ୍ୟ ବୈଜ୍ଞାନିକମାନେ ବହୁ ଗବେଷଣାରେ ପ୍ରଥମେ ଗ୍ୟାଲଭାନିକ ବ୍ୟାଟେରୀ ବା ତାଡ଼ିତଯନ୍ତ୍ର ଅବିଷ୍କାର କରନ୍ତି ଏବଂ ରୋଗୀ ଦେହରେ ତାହାର ବାହ୍ୟିକ ପ୍ରୟୋଗ କରଇ ବାତ, ପକ୍ଷାଘାତ, ସ୍ନାୟୁ ଦୌର୍ବଲ୍ୟ ପ୍ରଭୃତି କେତୋଟି କଷ୍ଟଦାୟକ ଅଶୁ ଦମନ କରିବାକୁ ସମର୍ଥ ହୁଅନ୍ତି । ଫଳରେ ତହିଁର କିମ୍ବା ମଧ୍ୟ ଯେ ଅସ୍ଥାୟୀ ଏ କଥା ଚିକିତ୍ସକ ସମାଜକୁ ଏବେ ଆଉ ବୁଝାଇ ଦେବାକୁ ହେବ ନାହିଁ । ଆଉ ଏହି ବଂଶଶତାବ୍ଦିର ପ୍ରାରମ୍ଭରେ ବଙ୍ଗଳର ମହିମ୍ବୀ କ୍ଷମତ, ଦ୍ୱାରା ଡାକ୍ତର ମେଜର ତାଡ଼ିତଶକ୍ତିର ଅଭ୍ୟନ୍ତରିକ ପ୍ରୟୋଗାର୍ଥ ତାହାକୁ ବିଶେଷ ଭେଷଜ ସାର୍ଥ୍ୟରେ ସଂଯୋଗ କରି ଏହି ଅମୋଘ ଔଷଧର ଆବିଷ୍କାର କରି ଉଠାଇଅଛନ୍ତି ଏବଂ ଶୁକ୍ର ଓ ରକ୍ତ ସମ୍ବନ୍ଧୀୟ ପୀଡ଼ାର ଏକାର୍ଥ ଆରୋଗ୍ୟ ପ୍ରଦାନରେ ଜଗତରେ ନୂତନ ଯୁଗ ଆଣି ଦେଇଅଛନ୍ତି !!!

ଆଉ କାହାକୁହିଁ ଅଯଥା ଓ ଅସ୍ଥାୟୀ ଗୁଣଦର୍ଶକ କୃତ୍ରିମ ସାଲସା ବା କୌଣସିପ୍ରକାର ଔଷଧ ସେବନ କରିବାକୁ ହେବ ନାହିଁ ଆଉ କାହାକୁହିଁ ରୋଗ ଯନ୍ତ୍ରଣା ଭୋଗିବାକୁ ହେବ ନାହିଁ ଥରେ ଏହି ମହୌଷଧକୁ ଏହି ମହାବ୍ୟକ୍ତିଙ୍କୁ, ଏହି ବୈଦ୍ୟୁତିକ ସଞ୍ଜୀବନ "ଇଲେକ୍ଟ୍ରୋ ସାଲସା" କୁ ପରୀକ୍ଷା କରି ଦେଖନ୍ତୁ ସଦ୍ୟଃ ଶୁଭଫଳ ପାଇବ ଅକର୍ଷଣ୍ୟ ଦେହ ପୁଣି କର୍ମକ୍ଷମ ହେବ, ଯୌବନକାଳୋଚିତ ବଳବୀର୍ଯ୍ୟ ଓ ନଷ୍ଟସ୍ୱାସ୍ଥ୍ୟ ପୁଣି ଫେରିପାଇବ ।

ରକ୍ତ ବିକାର ଦୃଷ୍ଟି, ବାତରକ୍ତ, ଚର୍ମରୋଗ, ଉପଦଂଶ, ଗର୍ମୀଗା, ନାଳୀଘା, ଗାତ୍ରକଣ୍ଡୁ, ବାତ, ଜ୍ୱର, କ୍ଷେତ୍ରାଦୁଷ୍ଟ ପ୍ରମେହ, ଧାତୁ ଦୌର୍ବଲ୍ୟ, ବୀର୍ଯ୍ୟ ପାତଳ, ସ୍ୱପ୍ନଦୋଷ, ପ୍ରସ୍ରାବ ଜଳନ, ସ୍ତ୍ରୀ ସହବାସରୁ ଅକ୍ଷମ, ଶିଶ୍ନ ଜଳନ, ମୂତ୍ର ପଡ଼ିଲେ; କୋଷ୍ଠବଦ୍ଧ ପ୍ରଭୃତି ଶୁକ୍ର ଓ ରକ୍ତସମ୍ବନ୍ଧୀୟ ପୀଡ଼ା— ଯେତେ କଷ୍ଟକ, ଯେତେ କଠିନ ଓ ପୁରାତନ ହେଉ ଏହି ସାଲସା ସେବନରେ ତାହା ଆରୋଗ୍ୟ ହେବହିଁ ହେବ ।

ବିଶେଷ ବିବରଣ ପୁସ୍ତିକା ଦ୍ରଷ୍ଟବ୍ୟ ବାକ୍ସରେ ଦେଖ । ମୂଲ୍ୟ ୧ ସପ୍ତାହ ସେବନୋପଯୋଗୀ ବଡ଼ ଶିଶି ଟ ୨୯ ୩ ଶିଶିକୁ ଟ ୫୩, ୭ ଶିଶିକୁ ଟ ୧୦୩, ଡଜନକୁ ଟ ୨୦୯ ବଦଳରେ ପଠାଇବାର ଡାକମାସୁଲ ଓ ପ୍ୟାକିଂ ସ୍ୱତନ୍ତ୍ର ଶିଶିରେ ଟ ୦।୵, ୩ ଶିଶିରେ ଟ ୦ ୳, ୭ ଶିଶିରେ ୳, ଡଜନରେ ଟ ୧।୵ ।

ଅମ୍ଭମାନଙ୍କର ସମ୍ବାଦ ପଠାଇବାର ଠିକଣା

W. MAJOR & Co } ୨୬ନଂ, ମେଜର ଏଣ୍ଡ କୋଂ
Calcutta } କଲିକତା

TELEGRAPHIC ADDRESS.
"MAJOR" Calcutta

Digitized by srujanika@gmail.com

